ବର୍ଷ-୨୪, ସଂଖ୍ୟା-୨୯୧
ଭୁବନେଶ୍ୱର
୨୫ ନଭେମ୍ବର, ୨୦୨୪ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 291
Bhubaneswar
25 November, 2024 Monday
Page-08, Rs.: 2.00


# ମହାଭାରତ


RNI Regd. No.: ODIODI2000/03863
Website : www.mahabharataepaper.com


Mahabharat

ରାଗିଗଲେ ଏ ଆର ରହମନ



# ଓଡ଼ିଶା ପୂରା ମାନବ ସମାଜର ସେବା କରିଛି : ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୨୪।୧୧(ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମରେ ଓଡ଼ିଶା ପର୍ବ ୨୦୨୪ ସମାରୋହରେ ଅଂଶଗ୍ରହଣ କରିଛନ୍ତି । ଏହି ଅବସରରେ ସମାବେଶକୁ ସମ୍ବୋଧିତ କରି ସେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଓଡ଼ିଶାର ସମସ୍ତ ଭାଇ ଭଉଣୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଚଳିତ ବର୍ଷ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ପାଳନ କରାଯିବା ସମ୍ପର୍କରେ ଉଲ୍ଲେଖ କରିବା ସହ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଭକ୍ତ ଦାସିଆ ବାଉରି, ଭକ୍ତ ସାଲବେଗ ଏବଂ ଓଡ଼ିଆ ଭାଗବତର ଲେଖକ ଶ୍ରୀଜଗନ୍ନାଥ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଓଡ଼ିଶାକୁ ଉଚ୍ଚ ଶିଖରରେ ପହଂଚାଇବା ପାଇଁ ୧୦ ବର୍ଷ ହେଲା କାମ ଚାଲିଛି । ୨୦୨୪ରେ ଓଡ଼ିଶାବାସୀ ନୂଆ ଆଶା ଦେଇଛନ୍ତି । ୨୦୩୬ରେ ଓଡ଼ିଶା ଶତବାର୍ଷିକୀ ପାଳନ ହେବ । ଏହି ଅବସରରେ ଓଡ଼ିଶାର ବିକାଶ ଆମକୁ ଦେଖିବାର ଅଛି । ଏକଦା ଓଡ଼ିଶାକୁ ପଛୁଆ କୁହାଯାଉଥିଲା, କିନ୍ତୁ ଓଡ଼ିଶାକୁ ମୁଁ ପୂର୍ବ ଭାରତର ବିକାଶର ଇଞ୍ଜିନ ଭାବେ ଦେଖୁଛି । ଓଡ଼ିଆ ସମାଜ ଦ୍ୱାରା ପରିଚାଳିତ ତିନିଦିନିଆ ସମାରୋହର ଉଦଯାପନୀ ଦିବସରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି ।

ସେ କହିଛନ୍ତି ଯେ, ଓଡ଼ିଶା ପ୍ରତ୍ୟେକ କ୍ଷେତ୍ରରେ ବିକାଶ ଦିଗରେ ଅଗ୍ରଗତି କରୁଛି । ଓଡ଼ିଶାର ବିକାଶ ପାଇଁ ଗତବର୍ଷ ତୁଳନାରେ ୩୦ ପ୍ରତିଶତ ଅଧିକ ବଜେଟ୍ ଦିଆଯାଇଛି । ଓଡ଼ିଶାର କୃଷି ଉତ୍ପାଦନ ବଢ଼ାଇ ଚାଷୀମାନଙ୍କୁ ଲାଭବାନ କରାଯିବ । ଓଡ଼ିଶାର ସାମୁଦ୍ରିକ ଖାଦ୍ୟ ଅନ୍ତର୍ଜାତୀୟ ବଜାରରେ ଅଧିକ ଲୋକପ୍ରିୟ କରିବା ପାଇଁ ଉଦ୍ୟମ ହେଉଛି । ଓଡ଼ିଶାରେ ନୂଆ ସରକାରର ୧୦୦ ଦିନରେ ୪୫ହଜାର କୋଟି ନିବେଶକୁ ମଂଜୁରୀ ମିଳିଛି । ସେ କହିଛନ୍ତି ଯେ, ଓଡ଼ିଆ ସଂସ୍କୃତିର ମହାକୁମ୍ଭ ଓଡ଼ିଶା ପର୍ବ-୨୦୨୫ରେ ଆପଣମାନଙ୍କୁ ଭେଟି ମୁଁ ଆନନ୍ଦିତ । ଏଥର ସ୍ୱଭାବ କବି ଗଂଗାଧର ମେହେରଙ୍କ ଶତବାର୍ଷିକୀ ଉତ୍ସବ ଅବସରରେ ଶୁଭେଚ୍ଛା ଜଣାଉଛି । ଭକ୍ତ ଦାସିଆ ବାଉରି, ଭକ୍ତ ସାଲବେଗ, ଓଡ଼ିଆ ଭାଗବତର ରଚୟିତା ଜଗନ୍ନାଥ ଦାସଙ୍କୁ ପ୍ରମାଣ ଜଣାଉଛି । ଓଡ଼ିଶା ନିଜର ସାଂସ୍କୃତିକ



ବିବିଧତା ଦ୍ୱାରା ଭାରତକୁ ଜୀବନ୍ତ ରଖିବାରେ ବହୁତ ବଡ଼ ଭୂମିକା ପ୍ରତିପାଳନ କରିଛି । ଓଡ଼ିଶା ସବୁବେଳେ ସନ୍ଥ ଓ ବିଦ୍ୱାନଙ୍କ ଧରିତ୍ରୀ ରହିଛି । ଆମର ଧର୍ମଗ୍ରନ୍ଥକୁ ବିଦ୍ୱାନମାନେ ଏଠାକୁ ପହଂଚାଇଛନ୍ତି ।ଭାରତର ସାଂସ୍କୃତିକ ବିକାଶରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମହାପ୍ରଭୁ ଜଗନ୍ନାଥଙ୍କ ସଂସ୍କୃତିରୁ ଆମକୁ ବହୁତ ଶିକ୍ଷା ମିଳିଥାଏ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ।

ସେ କହିଛନ୍ତି , ଓଡ଼ିଶାର ସନ୍ଥ କବି ଭୀମ ଭୋଇ କହିଥିଲେ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜୀବନ ଉଦ୍ଧାର ହେଉ । ଓଡ଼ିଶାର ସଂସ୍କୃତି ଅନ୍ୟ ପାଇଁ ସମର୍ପିତ । ଓଡ଼ିଶା ପୂରା ମାନବ ସମାଜର ସେବା କରିଛି । ଓଡ଼ିଶାର ସନ୍ତାନ ସ୍ୱାଧୀନତା ସଂଗ୍ରାମରେ ଲଢ଼େଇ କରି ଦିଶା ଦେଖାଇଛନ୍ତି । ପାଇକ ବିଦ୍ରୋହକୁ ଆମେ ଭୁଲିପାରିବା ନାହିଁ । ପାଇକ ବିଦ୍ରୋହ ଉପରେ ମୋ ସରକାରକୁ ଡାକ ଟିକେଟ୍ ଓ ମୁଦ୍ରା ଉନ୍ମୋଚନ କରିବାର ସୁଯୋଗ ମିଳିଛି । ଆମେ ଡଃ ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ପାଳନ କରିବାରେ ସୁଯୋଗ ପାଇଛୁ ।

ସେ କହିଛନ୍ତି ଯେ, ଓଡ଼ିଶାର ଝିଅ ଦ୍ରୌପଦୀ ମୁର୍ମୁ ଭାରତର ରାଷ୍ଟ୍ରପତି ହୋଇପାରିଛନ୍ତି । ତାଙ୍କର ପ୍ରେରଣାର ଭାରତରେ ହଜାର ହଜାର କୋଟି ଟଙ୍କାର ଆଦିବାସୀ କଲ୍ୟାଣ ଯୋଜନା ମାଧ୍ୟମରେ ଉପକୃତ ହେଉଛନ୍ତି । ଏଥିରୁ ଦେଶର କୋଟିକୋଟି ଆଦିବାସୀଙ୍କୁ ଲାଭ ମିଳୁଛି । ଓଡ଼ିଶା କେବେ ଆଗକୁ ବଢ଼ିବ ? ଯେତବେଳ ଓଡ଼ିଶାର ମହିଳା ଆଗକୁ ବଢ଼ିବେ, ସେହି ସମୟରେ ଓଡ଼ିଶା ବିକଶିତ ହେବ ।

ସେ କହିଛନ୍ତି ଯେ, ଓଡ଼ିଶାର ସାଧବପୁଅ ମାନେ ଜାଭା, ବାର୍ଲି, ସୁମାତ୍ରାରେ ନେ ?ବାଣିଜ୍ୟ କରୁଥିଲେ । ଯେଉଁ ସମୟରେ କୌଣସି ଟେକ୍ନୋଲୋଜି ନଥିଲା ସେହିସମୟରେ ସାଧବପୁଅ ମାନେ ସାମୁଦ୍ରିକ ବାଣିଜ୍ୟ ସଫଳତାର ସହିତ କରୁଥିଲେ ।

ସେ କହିଛନ୍ତି ଯେ, ଓଡ଼ିଶା, ପର୍ଯ୍ୟଟନ ଦୃଷ୍ଟିରୁ ଅପାର ସମ୍ଭାବନା ଥିବା ଭୂମି ଅଟେ । ଆମେ ଏହି ସମ୍ଭାବନାଗୁଡ଼ିକୁ ପ୍ରତିଫଳିତ କରିବା ପାଇଁ ଅନେକ କ୍ଷେତ୍ରରେ କାମ କରିବା ଆବଶ୍ୟକ ।, ଆଜି ଓଡ଼ିଶା ସହିତ ସହିତ ସାରା ଦେଶରେ ଏମିତି ସରକାର ଅଛି, ଯାହା ଓଡ଼ିଶାର ଐତିହ୍ୟ ଏବଂ ପରିଚୟର ସମ୍ମାନ କରେ । ପଛଳି ବର୍ଷ ଆମ ଦେଶରେ ଜି ୨୦ ସମ୍ମିଳନ ହୋଇଥିଲା । ଆମେ ଜି-୨୦ ମଧ୍ୟରେ ବିଭିନ୍ନ ଦେଶର ରାଷ୍ଟ୍ରପତି ଓ ରାଜନୈତିକ ମହଲରେ ସୂର୍ଯ୍ୟମନ୍ଦିରର ଭବ୍ୟ ଫଟୋକୁ ପ୍ରସ୍ତୁତ କରିଥିଲୁ । ମୁଁ ଖୁସି ଅଟେ ଯେ, ମହାପ୍ରଭୁ ଜଗନ୍ନାଥ ମନ୍ଦିର ପରିସରର ସମସ୍ତ ଚାରିଟିଏ ଦ୍ୱାର ଖୋଲି ଦିଆଯାଇଛି ।

ସେ କହିଛନ୍ତି ଯେ, ଆମେ ଓଡ଼ିଶାର ପରିଚୟକୁ ବିଶ୍ୱ ମଂଚରେ ପହଂଚାଇବା ପାଇଁ ଅଧିକ ନୂତନ ପଦକ୍ଷେପ ନେବା ଦରକାର । ଯେପରିକି, ବାଲି ଯାତ୍ରାକୁ ଅଧିକ ପ୍ରଚାର କରିବା ପାଇଁ 'ବାଲି ଯାତ୍ରା ଦିବସ' ଘୋଷଣା କରି ଆମେ ଏହାକୁ ଆନ୍ତର୍ଜାତୀୟ ମଂଚରେ ପ୍ରଚାର କରା ଯାଇ ପାରେ । ଓଡ଼ିଶୀ ନୃତ୍ୟ ଯୋଗୁଁ 'ଓଡ଼ିଶୀ ଦିବସ' ମନାଇ ଏହାକୁ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଆୟୋଜନ ରୂପେ ପ୍ରଚାର କରାଯାଇପାରେ । ବିଭିନ୍ନ ସ୍କୁଲ ଏବଂ କଲେଜରେ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରିଲେ ଲୋକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇବ । ଏଥିରୁ ପର୍ଯ୍ୟଟନ ଏବଂ ଲଘୁ ଉଦ୍ୟୋଗରେ ସୁଯୋଗ ବୃଦ୍ଧି ପାଇବ । ଆସନ୍ତା କିଛି ଦିନ ପରେ ପ୍ରବାସୀ ଭାରତୀୟ ସମ୍ମିଳନ ମଧ୍ୟ ଓଡ଼ିଶାରେ, ଭୁବନେଶ୍ୱରରେ ହେବ । ପ୍ରବାସୀ ଭାରତୀୟ ଦିବସ ପ୍ରଥମ ଥର ପାଇଁ ଓଡ଼ିଶାରେ ହେଉଛି ଏବଂ ଏହି ସମ୍ମିଳନୀ ଓଡ଼ିଶା ପାଇଁ ବଡ଼ ଅବସର ହେବ ।ସେ କହିଛନ୍ତି, ପରିବର୍ତ୍ତନଶୀଳ ସମୟରେ ଅନେକ ଜାଗାରେ ଲୋକେ ତାଙ୍କର ମାତୃଭାଷା ଏବଂ ସଂସ୍କୃତିକୁ ଭୁଲି ଯାନ୍ତି । କିନ୍ତୁ ମୁଁ ଦେଖିଛି ଯେ, ଓଡ଼ିଆ ସମାଜ, କେଉଁଠୁ ରହନ୍ତୁ, ସେମାନେ ସେମାନଙ୍କର ସଂସ୍କୃତି, ଭାଷା ଏବଂ ପର୍ବ-ପର୍ବାଣୀ ପାଇଁ ସଦା ଉତ୍ସାହିତ ରହିଛନ୍ତି ।

## ମହାରାଷ୍ଟ୍ରରେ କିଏ ହେବେ ମୁଖ୍ୟମନ୍ତ୍ରୀ

**ମୁମ୍ବାଇ,୨୪।୧୧(ମହାଭାରତ):** ମହାୟୁତି ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜୟୀ ହୋଇଛି । ବର୍ତ୍ତମାନ ନିର୍ବାଚନ ଫଳାଫଳ ସ୍ପଷ୍ଟ ହେବା ପରେ ସବୁଠାରୁ ବଡ ପ୍ରଶ୍ନ ହେଉଛି ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ କିଏ ହେବେ ? ମହାରାଷ୍ଟ୍ର ନିର୍ବାଚନରେ ବିଜେପି ଜିତିଥିବା ଆସନ ଦେଖି ଫଡନାଭିସ୍ କ୍ୟାମ୍ପ ସିଏମ୍ ପଦବୀକୁ ନେଇ ସକ୍ରିୟ ହୋଇଛି । ଦେବେନ୍ଦ୍ର ଫଡନାଭିସଙ୍କ ନାମକୁ ସିଏମ ପଦ ପାଇଁ ବିଜେପି ଆଗେଇ ନେଉଛି । ଅନ୍ୟପକ୍ଷରେ, ଏକନାଥ ସିନ୍ଦେ ମଧ୍ୟ ଏହାକୁ ସହଜରେ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି । ଏକ ବିବୃତି ଦେଇ ସିନ୍ଦେ ଏହି ସମସ୍ୟାରେ ଜଡ଼ିତ ହୋଇଛନ୍ତି । ମହାରାଷ୍ଟ୍ରର ସିଏମ୍ ପ୍ରଶ୍ନ ଉପରେ ଏକନାଥ ସିନ୍ଦେ କହିଛନ୍ତି ଯେ ଯାହାର ଅଧିକ ସିଟ୍ ଅଛି ସେ ସିଏମ୍ ହେବେ ବୋଲି ନିଷ୍ପତ୍ତି ନିଆଯାଇନାହିଁ । ସେ କହିଛନ୍ତି ମହାୟୁତିର ତିନିଟି ଦଳର ନେତାମାନେ ବସି ଏ ବିଷୟରେ ନିଷ୍ପତ୍ତି ନେବେ । ଦେବେନ୍ଦ୍ର ଫଡନାଭିସ୍ ମଧ୍ୟ ସମାନ କଥା କହୁଛନ୍ତି । ସେ ଆହୁରି ମଧ୍ୟ



କହିଛନ୍ତି ଯେ ସିଏମ୍ ପଦବୀ ଉପରେ ଏକାଠି ବସି ନିଷ୍ପତ୍ତି ନିଆଯିବ । ବିଜେପି ନେତୃତ୍ୱାଧୀନ ମହାୟୁତି ମିଳିତ ମଞ୍ଚ ସରକାର ଗଠନ କରିବାକୁ ଦାବି କରିଛି । ଆସନ୍ତାକାଲି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଶପଥ ନେଇପାରନ୍ତି ।ଏନେଇ ଶିବସେନାର ଏକନାଥ ସିନ୍ଦେ ଗୋଷ୍ଠୀର ବରିଷ୍ଠ ମନ୍ତ୍ରୀ ଦୀପକ କେସରକର ସୂଚନା ଦେଇଛନ୍ତି । ସୂତ୍ରରୁ ପ୍ରକାଶ ରିପୋର୍ଟ ଅନୁସାରେ, ଆସନ୍ତାକାଲି କେବଳ ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ଶପଥ ନେଇପାରନ୍ତି । ।ତେବେ କ୍ୟାବିନେଟରେ ଆଉ କିଏ କିଏ ସାମିଲ ହେଉଛନ୍ତି ସେନେଇ କୌଣସି ସ୍ପଷ୍ଟ ସୂଚନା ଆସିନାହିଁ ।

ଫଳାଫଳ ପରେ ଏହା ସ୍ପଷ୍ଟ ଯେ ଦେବେନ୍ଦ୍ର ଫଡନାଭିସ୍ ସିଏମ୍ ପଦବୀ ପାଇଁ ଏକ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ମହାୟୁତିକୁ ୨୩୫ ସିଟ୍ ମିଳିଛି । କେବଳ ବିଜେପି ୧୩୨ ସିଟ୍ ଦଖଲ କରିଛି । ଏଭଳି ପରିସ୍ଥିତିରେ ଦେବେନ୍ଦ୍ର ଫଡନାଭିସ୍ ଏଥର ସିଏମ୍ ଚେୟାରରେ ବସିବେ ବୋଲି ନିଶ୍ଚିତ ହୋଇଛି । କିନ୍ତୁ ପ୍ରଶ୍ନ ହେଉଛି ଏକନାଥ ସିନ୍ଦେ ସହଜରେ ରାଜି ହେବେ କି ବୋଲି ରାଜ୍ୟ ରାଜନୀତିରେ ଚର୍ଚ୍ଚା ହେଉଛି । ଫଡନାଭିସ୍ଙ୍କ ପାଇଁ ସିଏମ୍ ପଦବୀ ପାଇଁ ଦାବି ବିଜେପିରେ ବୃଦ୍ଧି ପାଇବାରେ ଲାଗିଛି । ଆରଏସ୍ଏସ୍ ମଧ୍ୟ ଚାହୁଁଛି ଯେ ଦେବେନ୍ଦ୍ର ଫଡନାଭିସ୍ ମୁଖ୍ୟମନ୍ତ୍ରୀ ହୁଅନ୍ତୁ ।ଏହା ବ୍ୟତୀତ ଅମିତ ଶାହ ମଧ୍ୟ ନିର୍ବାଚନ ରାଲିରେ ଦେଇଥିବା ବିବୃତିରେ ଏହା ସୂଚିତ କରିଥିଲେ ।



## ପନ୍ତ ଆଇପିଏଲ୍‌ର ମହଙ୍ଗା ଖେଳାଳି

**ଦୁବାଇ,୨୪।୧୧:** ଅପେକ୍ଷାର ଅନ୍ତ ଘଟିଛି ବହୁ ପ୍ରତିକ୍ଷିତ ଆଇପିଏଲ୍ ୨୦୨୫ ଲାଗି ନିଲାମ ରବିବାର ଅନୁଷ୍ଠିତ ହୋଇଛି । ତେବେ ଆଜି ଆଇପିଏଲ୍ ଇତିହାସର ସବୁ ରେକର୍ଡ ଭାଙ୍ଗିଛି । ଆଜି ଭାରତୀୟ କ୍ରିକେଟରଙ୍କ ଉପରେ ଟଙ୍କା ବର୍ଷା ହୋଇଛି । ପନ୍ତ । ଏବେ ଆଇପିଏଲ ଇତିହାସର ସବୁଠାରୁ ମହଙ୍ଗା ଖେଳାଳି ବନି ଯାଇଛନ୍ତି । ତାଙ୍କୁ ଲକ୍ଷ୍ନୌ ସୁପର ଜାଏଣ୍ଟସ ରେକର୍ଡ ୨୭ କୋଟି ଟଙ୍କା ବଳରେ କିଣିଛି ଦିଲ୍ଲୀ କ୍ୟାପିଟାଲ୍ସ । ପନ୍ତଙ୍କୁ ମେଗା ଅକ୍ସନ ପୂର୍ବରୁ ରିଲିଜ କରି ଦେଇଥିଲା । ଆଜି କିନ୍ତୁ ଆରଟିଏମ ବଳରେ ଦିଲ୍ଲୀ ପନ୍ତଙ୍କୁ ନେବାକୁ ଚାହିଁଥିଲ । ହେଲେ ଲକ୍ଷ୍ନୌ ଶେଷ ବିଡ୍‌ରେ ପନ୍ତଙ୍କ ଉପରେ ୨୭ କୋଟି ଟଙ୍କାର ବୋଲି ଲଗାଇଥିଲେ ।ଏହି ଟଙ୍କାକୁ ଅତିକ୍ରମ କରିବାକୁ ଦିଲ୍ଲୀ ସାହାସ ଦେଖାଇ ନଥିଲା । ଶେଷରେ ବେଶ ନାଟକୀୟ ଢଙ୍ଗରେ ସମସ୍ତଙ୍କୁ ଚକିତ କରି ଲକ୍ଷ୍ନୌ ରେକର୍ଡ ୨୭ କୋଟିରେ ପନ୍ତଙ୍କୁ ନିଜ ସହ ସାମିଲ କରିଛି । (ସବିଶେଷ ଖବର ପୃଷ୍ଠା-୮)

## ଆଜିଠୁ ସଂସଦର ଶୀତ ଅଧିବେଶନ

**ନୂଆଦିଲ୍ଲୀ, ୨୪।୧୧(ଏଜେନ୍ସି):** ଆସନ୍ତାକାଲିଠୁ ଆରମ୍ଭ ହେବାକୁ ଯାଉଥିବା ସଂସଦର ଶୀତକାଳୀନ ଅଧିବେଶନର ଦିନକ ପୂର୍ବରୁ ଆଜି ସରକାରଙ୍କ ପକ୍ଷରୁ ସର୍ବଦଳୀୟ ବୈଠକ ବସିଛି । ଏହି ଅବସରରେ ବିରୋଧୀ କିଛି ଦାବି ଓ ପରାମର୍ଶ ସରକାରଙ୍କ ସମ୍ମୁଖରେ ରଖିଥିଲେ । ଅନ୍ୟପଟେ ସରକାରଙ୍କ ପକ୍ଷରୁ ଆଶ୍ୱାସନା ଦିଆଯାଇଛି ଯେ, ରାଜ୍ୟସଭାର ସଭାପତି, ଲୋକସଭାର ଅଧକ୍ଷ ଓ କାର୍ଯ୍ୟମନ୍ତ୍ରଣା କମିଟି ସମ୍ମୁଖରେ ଏହାକୁ ରଖାଯିବ ଏବଂ ଏହା ଉପରେ ଉଚିତ ନିଷ୍ପତି ନିଆଯିବ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧକ୍ଷତାରେ ସଂସଦ ଭବନରେ ଆୟୋଜିତ ସର୍ବଦଳୀୟ ବୈଠକରେ ୩୦ଟି ରାଜନୈତିକ ଦଳର ୪୨ଜଣ ନେତା ସାମିଲ ହୋଇଥିଲେ । ସର୍ବଦଳୀୟ ବୈଠକ ପରେ ସଂସଦୀୟ କାର୍ଯ୍ୟମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ, ବୈଠକ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ହୋଇଛି ଏବଂ ସରକାର ବିରୋଧୀଙ୍କ ଦାବି ଓ ପରାମର୍ଶକୁ ଧ୍ୟାନପୂର୍ବକ ଶୁଣିଛନ୍ତି । ସରକାର ବିରୋଧୀଙ୍କ ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ପ୍ରସ୍ତୁତ, ଆମେ କେବଳ ଏତିକି ଚାହୁଁଛୁ ଯେ, ଗୃହ ସୂଚାରୁ ରୂପେ ଚାଲୁ । ବୈଠକରେ ଅଦାନୀ ଗ୍ରୁପ ସହିତ ଜଡିତ ମାମଲା, ମଣିପୁରରେ ଗତ ଦେଢବର୍ଷରୁ ଜାରି ହିଂସା ଓ ୱାକଫ ସଂଶୋଧନ ବିଲର ବି ପ୍ରସଙ୍ଗ ବିରୋଧୀଙ୍କ ପକ୍ଷରୁ ଉଠାଯାଇଛି ।

## ଏନଓଡିସିରେ ସାମିଲ ହେବ ସୁନ୍ଦରଗଡ଼

**ସୁନ୍ଦରଗଡ, ୨୪।୧୧(ସ୍ୱାଧିକାରନ୍ୟୁଜ):** ଆଗାମୀ ୨-୩ ମାସ ମଧ୍ୟରେ ଉତ୍ତର ଓଡ଼ିଶା ବିକାଶ ପରିଷଦ (ଏନଓଡିସି) ଗଠନ ହେବ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ସୁନ୍ଦରଗଡର ସଂସ୍କୃତ ଭବନରେ ବିଜେପି ଦ୍ୱାରା ଆୟୋଜିତ ଏକ ସମାରୋହରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏନଓଡିସ ଗଠନ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଏକ ଟାସ୍କଫୋର୍ସ ଗଠନ ହୋଇସାରିଛି । କାର୍ଯ୍ୟ ଆଗକୁ ତ୍ୱରାନ୍ୱିତ ପାଇଁ ଜଣେ ମନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଛି । ବର୍ତ୍ତମାନ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲୁଓଡିସି) ଅଧୀନରେ ଥିବା ସୁନ୍ଦରଗଡ ଜିଲ୍ଲାକୁ ଏନ୍ଓଡିସି ଅଧୀନରେ ଅଣାଯିବ । ମୁଁ ବ୍ୟକ୍ତିଗତ ଭାବେ ଚାହୁଁଛି ଯେ ସୁନ୍ଦରଗଡକୁ ଏନଓଡିସି ରେ ଅନ୍ତର୍ଭୁକ୍ତ କରାଯାଉ । ଏହା ପଶ୍ଚିମ ଓଡ଼ିଶା ଜିଲ୍ଲାର ଦ୍ରୁତ ଅଭିବୃଦ୍ଧି ନିଶ୍ଚିତ କରିବ ବୋଲି ସେ କହିଛନ୍ତି ।



୧୯୯୮ ରେ ରାଜ୍ୟ ସରକାର ଡବ୍ଲୁଓଡିସ ଗଠନ କରିଥିଲେ । ବରଗଡ, ବଲାଙ୍ଗୀର, ବୌଦ୍ଧ, ଦେଓଗଡ, ଝାରସୁଗୁଡା, କାଳାହାଣ୍ଡି, ନୂଆପଡା, ସମ୍ବଲପୁର, ସୁବର୍ଣ୍ଣପୁର ଏବଂ ସୁନ୍ଦରଗଡ ବ୍ୟତୀତ ଅନୁଗୁଳ ଜିଲ୍ଲାର ଆଠମଲିକ ସବଡିଭିଜନ ପରିଷଦରେ ଅନ୍ତର୍ଭୁକ୍ତ କରାଯାଇଥିଲା । ବଲାଙ୍ଗୀର, କଳାହାଣ୍ଡି ଏବଂ ସୁନ୍ଦରଗଡରେ ଥିବା ମେଡିକାଲ କଲେଜଗୁଡ଼ିକ ଡବ୍ଲୁଓଡିସିର ପାଣ୍ଠି ସହିତ ନିର୍ମାଣ କରାଯାଇଥିଲା ।

## ଦୁଇଦିନ ଭିତରେ ରତ୍ନଭଣ୍ଡାର ମରାମତି କାମ

**ଭୁବନେଶ୍ୱର,୨୪।୧୧ (ମହାଭାରତ):** ଜାନୁଆରୀ ୩୧ ସୁଦ୍ଧା ସରିବ ରତ୍ନଭଣ୍ଡାର ମରାମତି, ଗଣତି ମଣତି । ରତ୍ନଭଣ୍ଡାର ମରାମତି ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ, ଦିନେ ଦୁଇ ଦିନରେ ଆରମ୍ଭ ହେବ ରତ୍ନଭଣ୍ଡାର ମରାମତି କାମ । ଜିପିଏସ୍ ରିପୋର୍ଟରେ ଅନ୍ୟ କିଛି ସୁଡ଼ଙ୍ଗ ନଥିବା ସ୍ପଷ୍ଟ ହୋଇଛି । ଧାତବ ଦ୍ରବ୍ୟ ଥିବା ପରିକଳ୍ପନା ଥିଲା କିନ୍ତୁ ସେମିତି କିଛି ବି ନାହିଁ । ମରାମତି କାମ ସରିଲେ ଅସ୍ଥାୟୀ ରତ୍ନଭଣ୍ଡାରରୁ ଅଳଙ୍କାର ଭିତରକୁ ଯିବ । ଏହା ପରେ ସୁରକ୍ଷିତ ପରିବେଶ ଓ ପରିସ୍ଥିତିରେ ଗଣତି ମଣତି ହେବ ।

ଉଲ୍ଲେଖନୀୟ ଯେ. ଶନିବାର ଦିନ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଆବଶ୍ୟକ ମରାମତି ସଂରକ୍ଷଣ ପୂର୍ବରୁ କାନ୍ଥ, ଛାତ, ଚଟାଣ ଆଦିର ହୋଇଥିବା ବୈଷୟିକ ଯାଂଚ ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନର ହସ୍ତଗତ ହୋଇଥିଲା । ୪୫ ପୃଷ୍ଠାର ଏହି ରିପୋର୍ଟ ହସ୍ତଗତ ପରେ ଶ୍ରୀମନ୍ଦିର ପ୍ରଶାସନ ରତ୍ନଭଣ୍ଡାର ମରାମତି ଦିଗରେ ତତ୍ପରତା ଦେଖାଇ ଏଏସ୍ଆଇକୁ ଚିଠି ଲେଖିଥିଲେ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ , ଏଏସ୍ଆଇ ଦ୍ୱାରା ଶ୍ରୀମନ୍ଦିର ରତ୍ନଭଣ୍ଡାରର ଯେଉଁ ଜିପିଆର୍ ସର୍ଭେ ହୋଇଥିଲା, ତାର ବୈଷୟିକ ରିପୋର୍ଟ ଇ ମେଲ୍ ଜରିଆରେ ଶନିବାର ଅପରାହ୍ନରେ ହସ୍ତଗତ ହୋଇଛି । ଶ୍ରୀମନ୍ଦିର ସୁରକ୍ଷାକୁ ସଦାସର୍ବଦା ଗୁରୁତ୍ୱ ଦିଆଯାଇଆସୁଛି । ବୈଷୟିକ ରିପୋର୍ଟ ଆଧାରରେ ଆବଶ୍ୟକ ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ନେବାକୁ ଏଏସ୍ଆଇକୁ ଚିଠି ଲେଖି ଅନୁରୋଧ କରାଯାଇଛି । ବୈଷୟିକରିପୋର୍ଟ ସଂପର୍କରେ ଶ୍ରୀମନ୍ଦିର ପରିଚାଳନା କମିଟି ଓ ଛତିଶା ନିଯୋଗ ସହ ଆଲୋଚନା କରାଯିବ । ଏଏସ୍ଆଇ କଣ ସବୁ କାମ କରିବ, ତାର ତାଲିକା ମଧ୍ୟ ମଗାଯିବ ଯାହାଫଳରେ ମହାପ୍ରଭୁଙ୍କ ନୀତିକାନ୍ତି ସହ ଭକ୍ତଙ୍କ ଦର୍ଶନ ଶୃଙ୍ଖଳିତ ମଧ୍ୟ ହେବ ବୋଲି ସେ କହିଥିଲେ ।

## ଯାଜପୁର ହିଂସାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ

**ଭୁବନେଶ୍ୱର,୨୪।୧୧(ମହାଭାରତ):** ଯାଜପୁର ଜିଲ୍ଲା ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ଆକ୍ରମଣ ଘଟଣାରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ରାଜ୍ୟ ସରକାର । ଏହି ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ପୋଲିସ ଡିଜି ୱାଇ.ବି ଖୁରାନିଆ । ମାମଲାର ତଦନ୍ତ ପାଇଁ ଡିଏସ୍‌ପି ସରୋଜକାନ୍ତ ମହାନ୍ତଙ୍କ ନେତୃତ୍ୱରେ ଏକ ୬ ଜଣିଆ । ଟିମ୍ ଗଠନ ହୋଇଛି । ଏହି ଟିମ୍ ୩ଟି ଏତଲା ଉପରେ ତଦନ୍ତ କରିବ ବିଧାୟକଙ୍କୁ ଆକ୍ରମଣ, ରାସ୍ତାରୋକ ଓ ଥାନା ଘେରାଉ ଘଟଣା ଏଥିରେ ସାମିଲ ରହିଛି । କ୍ରାଇମ୍‌ବ୍ରାଞ୍ଚ ଟିମ୍ ଖୁବଶୀଘ୍ର ଯାଜପୁରରେ ପହଞ୍ଚି ତଦନ୍ତ ଆରମ୍ଭ କରିବେ ।

ସ୍ୱାଭାବିକ ଫେରାଇ ଆଣିବା ପାଇଁ ଯାଜପୁର ସହରରେ ଡିଆଇଜି ସେଣ୍ଟ୍ରାଲ ରେଞ୍ଜ ସତ୍ୟଜିତ ନାଏକ, ଯାଜପୁର ଜିଲ୍ଲାପାଳ ପି ଅନଭେଶା ରେଡ୍ଡୀ ଏବଂ ପୋଲିସ ଅଧୀକ୍ଷକ ଯଶପ୍ରତାପ ଶ୍ରୀମଲଙ୍କ ନେତୃତ୍ୱରେ ଏକ ଫ୍ଲାଗମାର୍ଚ୍ଚ ପ୍ରଦର୍ଶନ କରାଯାଇଥିଲା । ଡିଜିପି ଖୁରାନିଆ କଡ଼ା ଚେତାବନୀ ଦେଇଛନ୍ତି: ରାଜନୈତିକ ସମ୍ପୃକ୍ତି, ଜାତି କିମ୍ବା ଧର୍ମ ନିର୍ବିଶେଷରେ ଯେ କୌଣସି ବ୍ୟକ୍ତି ଆଇନ ଶୃଙ୍ଖଳାକୁ ଭଣ୍ଡୁର କରିବାକୁ ଚେଷ୍ଟା କରିବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସୁରକ୍ଷାକୁ ଦୃଷ୍ଟିରେ ରଖି ପାଇଁ ଜିଲ୍ଲାରେ ୪୦ ପ୍ଲାଟୁନ୍ ପୋଲିସ ମୁତୟନ କରାଯାଇଛି । ମା ବିରାଜ ମନ୍ଦିର ପ୍ରକଳ୍ପ ସହ ଜଡ଼ିତ ବିରଜା ହାଟର ସୁଗମ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରି ବିବାଦର ସମାଧାନ ପାଇଁ ପ୍ରୟାସ ଚାଲିଛି । ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ପାଇଁ ଜିଲ୍ଲା ପ୍ରଶାସନ ନିବେଦନ କରି ନାଗରିକମାନଙ୍କୁ ସମନ୍ୱୟ ରକ୍ଷା କରିବାରେ ସହଯୋଗ କରିବାକୁ ଅନୁରୋଧ କରିଛି ।

ସୂଚନାଯୋଗ୍ୟ, ଗତ ୨୦ ତାରିଖରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଉପରେ ପ୍ରାଣାନ୍ତକ ଆକ୍ରମଣ ଓ ବିରଜା ହାଟରେ ହୋଇଥିବା ହାତାହାତି ଘଟଣାରେ ଯାଜପୁର ପୁଲିସ ଶୂନ୍ୟ ସହନଶୀଳତା ନୀତି ଆପଣେଇଛି । ଏହି ମାମଲାରେ ପ୍ରଥମେ ୧୦ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ପରେ ଆଉ ୮ଜଣ ଗିରଫ ହୋଇଛନ୍ତି । ପୁଲିସ ନିଜ ଆଡୁ ଦୁଇଟି ମାମଲା ରୁଜୁ କରିଥିବା ବେଳେ ଅନ୍ୟ ଦୁଇଟି ମାମଲା ମଧ୍ୟ ରୁଜୁ ହୋଇଛି । ରୁଜୁ ହୋଇଥିବା ସମସ୍ତ ମାମଲାରେ ପୂର୍ବତନ ବିଧାୟକ ପ୍ରଣବପ୍ରକାଶ ଦାସ (ବବି)ଙ୍କ ଭାଇ ଭବପ୍ରସାଦ ଦାସ (ଲଲ)ଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି । ଫଳରେ ଭବଙ୍କ ଅଡୁଆ । ବଢ଼ିବାରେ ଲାଗିଥିଲା । ସେହିଭଳି ବବିଙ୍କ ଅନ୍ୟ ଜଣେ ଭାଇ ବଳଭଦ୍ର ଦାସ ଓ ଯାଜପୁର ପୌର ପରିଷଦର ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଛି । ଏହାମଧ୍ୟରେ ଯାଜପୁରର ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି । ଗତକାଲିଠାରୁ ଆଜି ଅଧିକ ପୁଲିସ ଫୋର୍ସ ମୁତୟନ କରାଯାଇଛି । ଏହି ଘଟଣାକ୍ରମରୁ ବବିଙ୍କ ଭାଇ ଭବଙ୍କୁ ପୁଲିସ ଗିରଫ କରିବ ବୋଲି ଆଶଙ୍କା କରାଯାଉଥିଲା । ବିଧାୟକ ହିମାଂଶୁ ସାହୁଙ୍କୁ ଆକ୍ରମଣ ମାମଲାରେ ପ୍ରଥମେ ୧୦ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ପରେ ଆଉ ୮ଜଣ ଗିରଫ ହୋଇଛନ୍ତି । ପୁଲିସ ନିଜ ଆଡୁ ଦୁଇଟି ମାମଲା ରୁଜୁ କରିଥିବା ବେଳେ ଅନ୍ୟ ଦୁଇଟି ମାମଲା ମଧ୍ୟ ରୁଜୁ ହୋଇଛି ।

## ରାସ୍ତା ମରାମତି କାମକୁ ନେଇ ତାତିଲେ ମନ୍ତ୍ରୀ

**ଭୁବନେଶ୍ୱର,୨୪।୧୧ (ମହାଭାରତ):** ରାସ୍ତା ମରାମତି କାମକୁ ନେଇ ତୀବ୍ର ଅସନ୍ତୋଷ ଜାହିର କରିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ଜାତୀୟ ରାଜପଥର ଉଚ୍ଚପଦସ୍ଥ ଅଧିକାରୀ ଓ ପିଡ଼ିଙ୍କ ଉପରେ ବିଷୋଦଗାର କରିଛନ୍ତି ମନ୍ତ୍ରୀ । ପିଡିଙ୍କୁ ଗିରଫ କରି ଜେଲ୍ ପଠାଇବାକୁ କହିଛନ୍ତି ମନ୍ତ୍ରୀ । ଦୀର୍ଘ ବର୍ଷ ହେଲାଣି ବାଙ୍ଗିରିପୋଷି ଘାଟି ରାସ୍ତାରେ ଯିବା ଆସିବା ସାଧାରଣ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ଏଭଳି ସ୍ଥିତିରେ ଘାଟି ରାସ୍ତାକୁ ନେଇ ରାଜନୀତି ମଧ୍ୟ ଉଷ୍ମ ହେବାକୁ ଲାଗିଛି । ମୟୂରଭଞ୍ଜ ଜିଲ୍ଲା ଏନଏଚ୍-୪୯ ବାଙ୍ଗିରିପୋଷି ଘାଟିରେ ରାସ୍ତା ମରାମତି ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି । ହେଲେ କାର୍ଯ୍ୟର ଅଗ୍ରଗତି ହେଉନାହିଁ । କାମର ଶିଥିଳତା ସହ ସେଠାରେ ପିଡି ବା ତାଙ୍କର କୌଣସି ଷ୍ଟାଫ ନଥିବାରୁ ଚିହିଁକି ଉଠିଥିଲେ ମନ୍ତ୍ରୀ । ମନ୍ତ୍ରୀ ଏନଏଚ୍ ଅଧିକାରୀଙ୍କୁ ଫୋନ କରି ପିଡିଙ୍କୁ ନିଲମ୍ବନ ଓ ଗିରଫ କରିବାକୁ ଚେତାବନୀ ଦେଇଥିଲେ ।

## ସୁନ୍ଦରଗଡରେ ସୁଭଦ୍ରା ଯୋଜନାର ତୃତୀୟ ପର୍ଯ୍ୟାୟ

**ଭୁବନେଶ୍ୱର,୨୪।୧୧(ମହାଭାରତ):** ଆଜି ସୁନ୍ଦରଗଡ ଠାରେ ସୁଭଦ୍ରା ଯୋଜନାର ତୃତୀୟ ପର୍ଯ୍ୟାୟ ସହାୟତା ପ୍ରଦାନ କରାଯାଇଛି । ଓଡ଼ିଶାର ସର୍ବବୃହତ ମହିଳା ସଶକ୍ତିକରଣ ଯୋଜନା 'ସୁଭଦ୍ରା' ଅଧୀନରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦ ଲକ୍ଷ ରୁ ଉର୍ଦ୍ଧ୍ୱ ନୂତନ ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ସହାୟତା ପ୍ରଧାନମନ୍ତ୍ରୀଙ୍କ କରକମଳରେ ହସ୍ତାନ୍ତର କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ୩୫ ଲକ୍ଷ ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ସହାୟତା ମୟୂରଭଞ୍ଜର ବାରିପଦା ଠାରେ ପ୍ରଦାନ କରାଯାଇଥିଲା । ତୃତୀୟ ପର୍ଯ୍ୟାୟ ସୁଦ୍ଧା ରାଜ୍ୟର ୮୦ ଲକ୍ଷ ମହିଳା ୪ ହଜାର କୋଟି ଟଙ୍କାର ସହାୟତା ପାଇଛନ୍ତି ।

ଏହି ସହାୟତା ପ୍ରଦାନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ସହାୟତା ମହିଳାମାନଙ୍କର ସ୍ୱପ୍ନ ଏବଂ ଆକାଂକ୍ଷାକୁ ବାସ୍ତବତାର ରୂପଦେବାରେ ସାହାଯ୍ୟ କରିବ । ବିକାଶର ସୁଫଳକୁ ସବୁ ବର୍ଗର ଲୋକ ଅନୁଭବ କରିବା ଉଚିତ୍ । ସୁଭଦ୍ରା ଏ ଦିଗରେ ଏକ ସୁଚିନ୍ତିତ ଓ ସୁନ୍ଦର ପଦକ୍ଷେପ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯେଉଁଠାରେ ମହିଳାମାନଙ୍କୁ ଉଚିତ ସମ୍ମାନ ପ୍ରଦାନ କରାଯାଏ, ସେଠାରେ ଦେବତାମାନେ ବିଚରଣ କରିଥାନ୍ତି ବୋଲି ଶାସ୍ତ୍ରରେ ଲେଖା ହୋଇଛି । ଆମ ଓଡିଆ ସଂସ୍କୃତି ହେଉଛି ଜଗନ୍ନାଥ ସଂସ୍କୃତିର ପ୍ରତିଛବି । ଶ୍ରୀ ଜଗନ୍ନାଥ ସଂସ୍କୃତିରେ ମା' ସୁଭଦ୍ରା ହେଉଛନ୍ତି ସମାନତା ଓ ଶକ୍ତିର ସ୍ୱରୂପ । ଓଡ଼ିଶାର ସମସ୍ତ ମା' ଭଉଣୀମାନେ ମୋ ପାଇଁ ମା' ସୁଭଦ୍ରାଙ୍କ ସ୍ୱରୂପ । ଓଡ଼ିଶା ସଂସ୍କୃତିରେ ମହିଳା ମାନଙ୍କୁ ଉଚିତ ସମ୍ମାନ ପ୍ରଦାନ କରାଯିବାର ଦୃଷ୍ଟାନ୍ତ ରହିଆସିଛି । ଏହାର ଜୀବନ୍ତ ଉଦାହରଣ ହେଲା ଆମ ରଜ ପର୍ବ । ଭାରତରେ ଓଡ଼ିଶା ଏକ ମାତ୍ର ରାଜ୍ୟ ଯେଉଁଠାରେ ଧରିତ୍ରୀ ମାତାର ନାରୀତ୍ୱକୁ ସମ୍ମାନ ଜଣାଇ ରଜ ପର୍ବ ପାଳନ କରାଯାଏ ବୋଲି ସେ କହିଥିଲେ ।




ନିଜ ଅଭିଭାଷଣରେ ସୁନ୍ଦରଗଡ଼ ଜିଲ୍ଲାର ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଲେ ଯେ ସୁନ୍ଦରଗଡ଼ ହେଉଛି ହକି ର ଏକ ଶକ୍ତିଶାଳୀ । ଏ ପବିତ୍ର ମାଟିରେ ମାଟି ରେ ମାଇକେଲ କିଣ୍ଡୋ, ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ପଦ୍ମଶ୍ରୀ ଇଗ୍ନେସ ତିର୍କୀ, ଲାଜରସ ବାର୍ଲା, ଉଇଲିୟମ ଖେସ, ଅମିତ୍ ରୋହିଦାସ, ନିଲମ ସଞ୍ଜୀବ ଖେଶ, ସୁଭଦ୍ରା ପ୍ରଧାନ, ନିକୀମା କୁଜୁର, ଜ୍ୟୋତି ସୁନୀତା କୁଲୁ, ନମିତା ଟପ୍ପ ଙ୍କ ଭଳି ଅନେକ ଅନ୍ତର୍ଜାତୀୟ କ୍ରୀଡାବିତ୍ ଜନ୍ମ ନେଇଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ଖଣି, ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ରରେ ଓଡିଶାକୁ ସୁନ୍ଦରଗଡର ଅବଦାନକୁ ମୁଖ୍ୟମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଥିଲେ । ସୁନ୍ଦରଗଡର କଳା, ସଂସ୍କୃତି, ପରମ୍ପରା ଓ ବିଶେଷକରି ଆଦିବାସୀ ସଂସ୍କୃତିର ଉଚ୍ଚ ପ୍ରଶଂସା କରିଥିଲେ ।ଆଦିବାସୀ ଗୀତ, କର୍ମା ନାଚ, ଖାଡ଼ିଆ ନାଚ, ସାନ୍ତାଳୀ ନାଚ ଇତ୍ୟାଦି ପ୍ରତ୍ୟେକ ପର୍ବ ପର୍ବାଣୀ ରେ ଦେଖିବାକୁ ମିଳିଥାଏ ବୋଲି ସେ କହିଥିଲେ ।

ସ୍ୱାଧୀନତା ସଂଗ୍ରାମ ରେ ମଧ୍ୟ ସୁନ୍ଦରଗଡ଼ର ଅବଦାନକୁ ସ୍ମରଣ କରିଥିଲେ ମୁଖ୍ୟମନ୍ତ୍ରୀ । ସେ କହିଥିଲେ ଯେ ବୀର ସୁରେନ୍ଦ୍ର ସାଏ ଏବଂ ବୀର ବିର୍ସା ମୁଣ୍ଡା ଙ୍କ ପ୍ରତି ସୁନ୍ଦରଗଡ଼ର ଅକୁଣ୍ଠ ସମର୍ଥନ ରହିଥିଲା ଏବଂ ତାଙ୍କ ନେତୃତ୍ୱରେ ଅଗଣିତ ଆଦିବାସୀ ଭାଇ ଭଉଣୀମାନେ ଇଂରେଜ ଶାସନ ବିରୁଦ୍ଧ ରେ ସ୍ୱାଧୀନତା ସଂଗ୍ରାମ ରେ ସାମିଲ ହୋଇଥିଲେ । ସୁନ୍ଦରଗଡ଼ ଜିଲ୍ଲାର ବୀରମିତ୍ରପୁର ଠାରେ ନିର୍ମଳ ମୁଣ୍ଡାଙ୍କ ନେତୃତ୍ୱ ରେ ବିଶାଳ ପ୍ରଜା ଆନ୍ଦୋଳନ ଆରମ୍ଭ ହୋଇଥିଲା । ସେହିଭଳି ଏହି ମାଟିର ସଂଗ୍ରାମୀ ପୁତ୍ର ଜଗନ୍ ତନ୍ତୀ, ବଳଭଦ୍ର ତନ୍ତୀ, ଦ୍ୱାରିକା ନାଥ କୁସୁମ ପ୍ରମୁଖ ସ୍ୱାଧୀନତା ଆନ୍ଦୋଳନ ରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସୁନ୍ଦରଗଡ ଜିଲ୍ଲାରେ ସମୁଦାୟ ୪ ଲକ୍ଷ ୫୯ ହଜାର ରୁ ଉର୍ଦ୍ଧ୍ୱ ମା' ଓ ଭଉଣୀମାନେ ସୁଭଦ୍ରାରେ ପଞ୍ଜିକରଣ କରିଥିବା ବେଳେ ତୃତୀୟ ପର୍ଯ୍ୟାୟ ସୁଦ୍ଧା ୩ ଲକ୍ଷ ୩୭ ହଜାରରୁ ଉର୍ଦ୍ଧ୍ୱ ମହିଳାଙ୍କୁ ପ୍ରଥମ କିସ୍ତିର ଅର୍ଥ ରାଶି ପ୍ରଦାନ କରାଯାଇଛି ବୋଲି ସେ ସୂଚନା ଦେଇଥିଲେ । ଆଜି ସୁନ୍ଦରଗଡ ଜିଲ୍ଲା ପାଇଁ ୧୨୦୧ କୋଟି ଟଙ୍କାର ୯୮୪ଟି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ।ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ ଜିଲାର ବିକାଶ ପାଇଁ ୬୯୨ ଟି ପ୍ରକଳ୍ପର ଉଦଘାଟନ କରିଥିଲେ । ଏଥିପାଇଁ ୮୦୮ କୋଟି ୩୦ ଲକ୍ଷ ୧୫ ହଜାର ଟଙ୍କା ବିନିଯୋଗ କରାଯାଇଛି ।ସେହିପରି ଜିଲ୍ଲା ପାଇଁ ୨୮୮ ଟି ପ୍ରକଳ୍ପର ଭିତିପ୍ରସ୍ତର ମଧ୍ୟ ସ୍ଥାପନ କରିଥିଲେ । ଏଥିପାଇଁ ୩୧୨ କୋଟି ୩ ଲକ୍ଷ ୧ ହଜାର ଟଙ୍କା ବିନିଯୋଗ ହେବ । ଏହା ସହିତ ମୁଖ୍ୟମନ୍ତ୍ରୀ ୮୧ କୋଟି ଟଙ୍କାର ଆଉ ୪ ଟି ପ୍ରକଳ୍ପର ଶୁଭାରମ୍ଭ ମଧ୍ୟ କରିଥିଲେ ।ସରକାରଙ୍କ ପ୍ରତିଶ୍ରୁତି ଓ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଆମ ସରକାର ଗଠନ ହେବାର ପ୍ରଥମ ଦିନରେ କ୍ୟାବିନେଟ୍ ବୈଠକ କରି ଯେଉଁ ୪ଟି ମୁଖ୍ୟ ପ୍ରତିଶ୍ରୁତି ପୂରଣ ପାଇଁ ନିଷ୍ପତ୍ତି ନେଇଥିଲେ । ସେଥିରେ ସୁଭଦ୍ରା ଯୋଜନା ଅନ୍ୟତମ । ଆମ ସରକାର ଗଠନର ୧୦୦ ଦିନ ମଧ୍ୟରେ ମାନ୍ୟବର ପ୍ରଧାନମନ୍ତ୍ରୀଜୀଙ୍କ କରକମଳରେ ଏହି ଯୋଜନାର ଶୁଭାରମ୍ଭ କରି ରାଜ୍ୟବାସୀଙ୍କ ପ୍ରତି ଆମେ ଆମର ପ୍ରତିଶ୍ରୁତି ପୂରଣ କରିଛୁ ।

## ସାଗୁ ଦାନା ବର୍ଫି

ଆବଶ୍ୟକ ଉପକରଣ: ସାଗୁ ଦାନା, କ୍ଷୀର, ଚିନି, ଗୁଜରାତି ଗୁଣ୍ଡ, ଘିଅ, ଡ୍ରାଏ ଫ୍ରୁଟସ୍।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗ୍ୟାସ୍‌ରେ ଏକ ପ୍ୟାନ୍ ବସାନ୍ତୁ। ଏହା ସାମାନ୍ୟ



ଗରମ ହେବା ପରେ ସେଥିରେ ସାଗୁ ଦାନା ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ହାଲକା ଫ୍ରାଏ କରନ୍ତୁ। ଏହା କ୍ରିପସି ହୋଇଯିବା ପରେ ଗ୍ୟାସ୍‌କୁ ବନ୍ଦ କରି ଦିଅନ୍ତୁ। ଏହାପରେ ଏହାକୁ ଏକ ପାତ୍ରରେ ବାହାର କରି ଥଣ୍ଡା ହେବାକୁ କିଛି ସମୟ ଛାଡ଼ି ଦିଅନ୍ତୁ। ଏହାକୁ ଗ୍ରାଇଣ୍ଡି କରି ଭଲ ପାଉଡର ପ୍ରସ୍ତୁତ କରି ଦିଅନ୍ତୁ। ଏହାପରେ ଏକ ପ୍ୟାନ୍‌ରେ କ୍ଷୀର ଗରମ କରନ୍ତୁ। ଏହାକୁ ଫୁଟିବାକୁ ଛାଡ଼ି ଦିଅନ୍ତୁ। କ୍ଷୀର ଆସ୍ତେ ଆସ୍ତେ ଗାଢା ହୋଇଯିବା ପରେ ସେଥିରେ ଚିନିକୁ ମିଶାନ୍ତୁ। ଏହା ଭଲ ଭାବେ ମିଶିଯିବା ପରେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏହାପରେ ଆଉ ଏକ ପ୍ୟାନ୍‌ରେ ଘିଅ ନେଇ ସେଥିରେ ସାଗୁ ଦାନା ପାଉଡରକୁ ପକାଇ ସିମ୍‌ରେ ଭଲ ଭାବେ ଭାଜନ୍ତୁ। ଏହା ହାଲକା ବାଦାମୀ ରଙ୍ଗର ହୋଇଯିବା ପରେ ସେଥିରେ କ୍ଷୀର, ଚିନିର ମିଶ୍ରଣକୁ ପକାଇ ଭଲ ଭାବେ ଘାଣ୍ଟନ୍ତୁ। ଏହା ଉପରେ ଗୁଜରାତି ଗୁଣ୍ଡ ପକାନ୍ତୁ। ଏହାପରେ ଏହାକୁ ଏକ ପ୍ଲେଟରେ ବାହାର କରି ଥଣ୍ଡା ହେବାକୁ କିଛି ସମୟ ଛାଡ଼ି ଦିଅନ୍ତୁ। ଏହା ଉପରେ ଡ୍ରାଏ ଫ୍ରୁଟସ୍ ପକାଇ ସଜାଇ ଦିଅନ୍ତୁ। ଏହାପରେ ନିଜ ଇଚ୍ଛା ମୁତାବକ ପିସ୍‌ରେ କାଟି ସର୍ଭ କରନ୍ତୁ।

**ଖବର**

# ରଶ୍ମୀକା-ବିଜୟଙ୍କ ଡେଟିଂ ଫଟୋ ଭାଇରାଲ୍





ଟଲିଉଡର ହଟ୍ ଯୋଡ଼ି ରଶ୍ମୀକା ମନ୍ଦନା ଏବଂ ବିଜୟ ଦେବରକୋଣ୍ଡାଙ୍କ ସିକ୍ରେଟ୍ ଡେଟର ଫଟୋ ଭାଇରାଲ୍।

ଉଭୟ ଡେଟିଂ ଚର୍ଚ୍ଚାକୁ ଖଣ୍ଡନ କରି ଆସୁଥିଲେ ମଧ୍ୟ ସେମାନଙ୍କର କିଛି ଫଟୋ ସେଶାଲ ମିଡିଆରେ ଭାଇରାଲ୍ ହେଉଛି। ବାସ୍ତବରେ ରଶ୍ମୀକା ନିକଟରେ ନିଜର ଏକ ସିଙ୍ଗଲ୍ ଫଟୋ ପୋଷ୍ଟ କରିଥିଲେ, ଯେଉଁଥିରେ ସେ ଏକ ବ୍ଲୁ ଶାର୍ଟ ପିନ୍ଧି ରେଷ୍ଟୋରାଁରେ ଖାଉଥିବା ଦେଖିବାକୁ ମିଳିଥିଲା। ଏହାପରେ ସୋଶାଲ ମିଡିଆରେ ଭାଇରାଲ୍ ଫଟୋରୁ ସେ ବିଜୟ ଦେବରକୋଣ୍ଡାଙ୍କ ସହ ଥିବା ଚର୍ଚ୍ଚା ହେଉଛି।କାରଣ ଭାଇରାଲ୍ ହେଉଥିବା ପୋଷ୍ଟରେ ରଶ୍ମୀକାଙ୍କ ଆଗରେ ବିଜୟ ଦେବରକୋଣ୍ଡା ବସିଛନ୍ତି। ଏଥିରୁ ଉଭୟ ଡେଟ୍ କରୁଥିବା ଚର୍ଚ୍ଚା ପୁଣି ଥରେ ଜୋର୍ ଧରିଛି। ବର୍ତ୍ତମାନ ବିଜୟ ଦେବରକୋଣ୍ଡା ଠଉ ୧୨ ଶୁଟ୍ ପାଇଁ ଶ୍ରୀଲଙ୍କାରେ ଥିବାବେଳେ ଏହି ଫଟୋ ସେଠାକାର ବୋଲି କୁହାଯାଉଛି। ପୂର୍ବରୁ ମଧ୍ୟ ଏପରି ଅନେକ ଥର ଚର୍ଚ୍ଚା ହେବା ସହ ଉଭୟ ଖୁବଶୀଘ୍ର ବିବାହ କରିବାକୁ ଯାଉଥିବା ମଧ୍ୟ କୁହାଯାଉଥିଲା। କିନ୍ତୁ ଏହି ଅନ୍ ସ୍କ୍ରିନ୍ ଯୋଡ଼ି ନିଜର ରିଲେସନଶିପଙ୍କୁ ନେଇ କେବେ ହେଲେ ସ୍ୱୀକାର କରିନାହାନ୍ତିୟ ଅଥଚ ଏକ ଇ□ର୍ଭ୍ୟୁରେ ଦେବରକୋଣ୍ଡା ରିଲେସନଶିପରେ ଥିବା କହିଥିଲେ, କିନ୍ତୁ ଡେଟ୍ କରିବା ଚର୍ଚ୍ଚାକୁ ଅସ୍ୱୀକାର କରିଥିଲେ।ବିଜୟ କହିଛଥିଲେ, ମୋତେ ବର୍ତ୍ତମାନ ୩୫ ବର୍ଷ, କଣ ଆପଣ ଭାବୁଛନ୍ତି ମୁଁ ଏବେ ବି ସିଙ୍ଗଲ୍ ଥିବି ? କଥାଟା ହେଲା- ମୁଁ ଡେଟରେ ବାହାରକୁ ଯାଏ ନାହିଁ, ବରଂ କାହା ସହ ବନ୍ଧୁତା ସମ୍ପର୍କ ସ୍ଥାପନ ହେବା ପରେ କେବଳ ଜାଣିବା ପାଇଁ ବାହାରକୁ ଯାଏ।

## କେମିତି ହେବ ସୁନିଦ୍ରା



ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତରେ ଦୈନିକ ରାତିରେ ୬ରୁ ୮ ଘଣ୍ଟା ଶୋଇବା ଉଚିତ। ନିଦ ଭଲ ନହେଲେ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ଉଭୟ ପ୍ରଭାବିତ ହୁଏ। କିପରି ହେବ ସୁନିଦ୍ରା ସେ ସଂପର୍କରେ କିଛି...

(୧) ପ୍ରତି ସକାଳେ ବ୍ୟାୟାମ କରନ୍ତୁ। ରାତିରେ ସହଜରେ ନିଦ ଆସିବ।

(୨) ଠିକ୍ ସମୟରେ ଖାଦ୍ୟ ସେବନ ଦ୍ୱାରା ମଧ୍ୟ ରାତିରେ ଭଲ ନିଦ ହୁଏ।

(୩) ଉପଯୁକ୍ତ ମାତ୍ରାରେ ପାଣି ପିଅନ୍ତୁ। ରୋଟି, ଦହି ଏବଂ ଫଳ ଏହା ଉତ୍ତମ ଜଳ ପାନର ଏକ ଉଦାହରଣ।

(୪) ଦ୍ୱି'ପ୍ରହରରେ ହାଲକା ଭୋଜନ କରନ୍ତୁ। କିଛି ଭାତ, ରୁଟି ସାଙ୍ଗକୁ କିଛି ପ୍ରୋଟିନ ଯଥା ମାଛ, ଅଣ୍ଡା, ଚିକେନ, ମାଂସ କିମ୍ୱା ବିନ୍ସ ଅଳ୍ପ ପରିମାଣରେ ଖାଆନ୍ତୁ।

(୫) ରାତିରେ ଅଳ୍ପ ଖାଆନ୍ତୁ। ଗରିଷ୍ଠ ଏବଂ ମସଲାଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ।

(୬) ରାତିରେ ଶେଜକୁ ଯିବାର ଅତିକମରେ ତିନି ଘଣ୍ଟା ପୂର୍ବରୁ ହାଲକା ଖାଦ୍ୟ ଖାଆନ୍ତୁ।

(୭) କଫିନ, ମଦ, ବିଶେଷ କରି ସନ୍ଧ୍ୟାବେଳେ ଏସବୁ ଆଦୌ ସେବନ କରନ୍ତୁ ନାହିଁ।

# ରାମଙ୍କ ଆଦର୍ଶ ଅନୁକରଣୀୟ



ସମସ୍ତ ପୌରାଣିକ ଆଖ୍ୟାନରେ ଭଗବାନ ଶ୍ରୀରାମଙ୍କୁ ଏକ ଆଦର୍ଶ ପୁତ୍ର ଭାବେ ଦର୍ଶାଯାଇଛି । ମାତା କୈକେୟୀଙ୍କୁ ପିତା ଦଶରଥ ଦେଇଥିବା ସତ୍ୟବଚନକୁ ପାଳନ କରିବାକୁ ଯାଇ ପ୍ରଭୁ ଶ୍ରୀରାମଚନ୍ଦ୍ର ୧୪ ବର୍ଷ ବନବାସକୁ ସହର୍ଷ ସ୍ୱୀକାର କରିଥିଲେ । ତାଙ୍କ ମନରେ ମାତା କୈକେୟୀଙ୍କ ପ୍ରତି ରାମଚନ୍ଦ୍ରଙ୍କ ମନରେ ତିଳେ ମାତ୍ର ଦ୍ୱେଷ ନଥିଲା । ରାମଙ୍କ ମନୋଭାବକୁ ଦର୍ଶାଇବାକୁ ଯାଇ ଗୋସ୍ୱାମୀ ତୁଲସୀ ଦାସ ଶ୍ରୀରାମଚରିତ ମାନସରେ ଲେଖିଛନ୍ତି "ସୁନ୍ ଜନନୀ ସୋଇ ସୁତ୍ ବଡ଼ ଭାଗୀ, ଜୋ ପିତୁମାତୁ ବଚନ ଅନୁରାଗୀ", ଅର୍ଥାତ୍ ମାତାପିତାଙ୍କ ବଚନ ପାଳନ କରିବା ପୁତ୍ର ପାଇଁ ବଡ଼ ଭାଗ୍ୟର କଥା ହୋଇଥାଏ । ବନବାସ ଯିବା ସମୟରେ ଭରତ ଅଯୋଧ୍ୟାରେ ନଥିଲେ । ମାମୁଘରୁ ଫେରି ରାମଚନ୍ଦ୍ର ବନବାସ ଯିବା ଖବର ଯେତେବେଳେ ଭରତ ଶୁଣିଲେ, ତାଙ୍କ ମନ ଦୁଃଖ ହୋଇଥିଲା । ସେ ରାମଚନ୍ଦ୍ରଙ୍କୁ ଫେରାଇ ଆଣିବାକୁ ଗଲେ, କିନ୍ତୁ ରାମଚନ୍ଦ୍ର ସତ୍ୟପାଳନ ନକରିବା ପୂର୍ବରୁ ଘରକୁ ଫେରିବା ଲାଗି ରାଜି ହେଲେ ନାହିଁ । ଏହି ସମୟରେ ମାତାପିତାଙ୍କ ଯତ୍ନ ନେବା ଲାଗି ରାମଚନ୍ଦ୍ର ଅନୁଜ ଭରତଙ୍କୁ କହିଥିଲେ । ବର୍ତ୍ତମାନ ସମୟରେ ମାତାପିତାଙ୍କ ଯତ୍ନ ନେବା ତ' ଦୂରର କଥା ମାତାପିତାଙ୍କ ସହ ଯିବା ଲାଗି ପୁତ୍ରଙ୍କ ମନରେ କୁଣ୍ଠାଭାବ ଜାତ ହେଉଛି । ଏଭଳି ବ୍ୟକ୍ତିବିଶେଷଙ୍କ ପାଇଁ ରାମଙ୍କ ଆଦର୍ଶ ଅନୁକରଣୀୟ । କେବଳ ଜଣେ ଆଦର୍ଶ ପୁତ୍ର ନୁହନ୍ତି, ରାମଚନ୍ଦ୍ର ଥିଲେ ଆଦର୍ଶ ଭ୍ରାତା, ଆଦର୍ଶ ଶିଷ୍ୟ, ଆଦର୍ଶ ଶାସକ ତଥା ସମ୍ପୂର୍ଣ୍ଣ ଆଦର୍ଶ ପୁରୁଷ ।

# ଅତିଥି ନିଜ ସୀମା ଭିତରେ ରହିବା ଉଚିତ୍



ପାଣ୍ଡବ ଏବଂ କୌରବଙ୍କ ଗୁରୁ ଦ୍ରୋଣାଚାର୍ଯ୍ୟ ଏବଂ କୃପୀଙ୍କ ପୁତ୍ର ଥିଲେ ଅଶ୍ୱତ୍ଥାମା । ମହାଭାରତ ଯୁଦ୍ଧ ପୂର୍ବରୁ ଦ୍ରୋଣାଚାର୍ଯ୍ୟ ଅନେକ ସ୍ଥାନ ଭ୍ରମଣ କରୁଥିଲେ । ଥରେ ସେ ହିମାଳୟରେ ପହଞ୍ଚିଲେ । ସେଠାରେ ତମସା ନଦୀ ତଟରେ ଥିବା ଏକ ଦିବ୍ୟ ଗୁମ୍ଫାରେ ସେ ତପସ୍ୟା କଲେ। ଭଗବାନ ଶିବ ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ପ୍ରକଟ ହେଲେ । ଗୁରୁ ଦ୍ରୋଣାଚାର୍ଯ୍ୟ ଭଗବାନ ଶିବଙ୍କୁ ପୁତ୍ର ପ୍ରାପ୍ତି ନିମନ୍ତେ ବରଦାନ ମାଗିଲେ । ଶିବ ତଥାସ୍ତୁ! କହି ଅନ୍ତର୍ଦ୍ଧାନ ହୋଇଗଲେ । ଏହାର କିଛିଦିନ ପରେ ଦ୍ରୋଣାଚାର୍ଯ୍ୟଙ୍କ ପତ୍ନୀ କୃପୀ ଏକ ଅତ୍ୟନ୍ତ ତେଜସ୍ୱୀ ପୁତ୍ରକୁ ଜନ୍ମ ଦେଲେ । ଅଶ୍ୱତ୍ଥାମାର ମସ୍ତକରେ ଏକ ଅମୂଲ୍ୟ ମଣି ଥିଲା । ଶକ୍ତିଶାଳୀ ଦୈତ୍ୟ, ଦାନବ, ଶସ୍ତ୍ର, ବ୍ୟାଧି, ଦେବତା, ନାଗର ମଣି ଭଳି ତାହା ଦେଖାଯାଉଥିଲା । ଅଶ୍ୱତ୍ଥାମା ଜନ୍ମ ସମୟରେ ତାଙ୍କ ମୁଖରୁ ଘୋଡ଼ା ଭଳି 'ହିଁ ହିଁ' ଶବ୍ଦ ବାହାରୁଥିଲା । ଏହି କାରଣରୁ ତାଙ୍କ ନାମ 'ଅଶ୍ୱତ୍ଥାମା' ରଖାଗଲା ।

ମହାଭାରତରେ ଉଲ୍ଲେଖ ରହିଛି ଯେ



ଥରେ ଅଶ୍ୱତ୍ଥାମା ଦ୍ୱାରିକା ପହଞ୍ଚିଲା । ଶ୍ରୀକୃଷ୍ଣ ତାକୁ ସ୍ୱାଗତ ଜଣାଇଲେ । କିଛିଦିନ ରହିବା ପରେ ଥରେ ଶ୍ରୀକୃଷ୍ଣଙ୍କ ପାଖକୁ ଯାଇ ଅଶ୍ୱତ୍ଥାମା କହିଲା, ଆପଣ ମୋ ଠାରୁ ଅଜେୟ ବ୍ରହ୍ମାସ୍ତ୍ର ନେଇ ନିଜ ସୁଦର୍ଶନ ଚକ୍ର ମୋତେ ପ୍ରଦାନ କରନ୍ତୁ । ଏହାଶୁଣି ଶ୍ରୀକୃଷ୍ଣ କହିଲେ, ତୁମେ ମୋର ଯେକୌଣସି ଅସ୍ତ୍ର ନେଇପାର । ଏହାପରେ ଅଶ୍ୱତ୍ଥାମା ସୁଦର୍ଶନ ଚକ୍ର ଉଠାଇବା ଲାଗି ଚେଷ୍ଟା କଲା । ହେଲେ ପାରିଲା ନାହିଁ । ସେ ନିରାଶ ହୋଇ ଶ୍ରୀକୃଷ୍ଣଙ୍କୁ କହିଲା, ମୋର ସୁଦର୍ଶନ ଚକ୍ର ଦରକାର ନାହିଁ । ଏହାପରେ ଶ୍ରୀକୃଷ୍ଣ ତାଙ୍କୁ ବୁଝାଇ କହିଲେ, ଅତିଥି ନିଜ ସୀମା ଭିତରେ ରହିବା ଉଚିତ୍ । ସେ ଏମିତି କିଛି ବସ୍ତୁ ମାଗିବା ଉଚିତ୍ ନୁହେଁ, ଯାହାକୁ ସମ୍ଭାଳିବା ମଧ୍ୟ ତା'ପକ୍ଷେ କଷ୍ଟକର ହୋଇପଡ଼ିବ । ଏହାଶୁଣି ଅଶ୍ୱତ୍ଥାମା ଲଜ୍ଜିତ ହେଲା ଏବଂ କୌଣସି ଅସ୍ତ୍ର ନନେଇ ଦ୍ୱାରିକାରୁ ଫେରିଗଲା ।

# ସେତୁବନ୍ଧ ନିର୍ମାଣରେ ଗୁଣ୍ଡୁଚି ମୂଷାର ଯୋଗଦାନ

ରାମାୟଣର କଥାବସ୍ତୁ ଅନୁସାରେ ଯେତେବେଳେ ଭଗବାନ ରାମ ମା ସୀତାଙ୍କ ଉଦ୍ଧାର ପାଇଁ ଲଙ୍କରେ ପହଞ୍ଚିବାକୁ ସମୁଦ୍ରରେ ସେତୁବନ୍ଧ ନିର୍ମାଣ କରୁଥିଲେ ମହାବଳୀ ହନୁମାନଠାରୁ ଆରମ୍ଭ କମରି ପୂରା ବାନର ସେନା ଲାଗି ରହିଥିଲେ। ମହାବୀର ହନୁମାନ ଏବଂ ତାଙ୍କର ପୂରା ବାନର ସେନା ବଡ଼ ବଡ଼ ପଥର ସବୁରେ 'ଶ୍ରୀରାମ' ଲେଖି ନିର୍ମାଣ କାର୍ଯ୍ୟରେ ଲିପ୍ତ ରହିଥିଲେ । ଏହି ସମୟରେ ପ୍ରଭୁ ରାମଚନ୍ଦ୍ରଙ୍କ ଦୃଷ୍ଟି ଏକ ଗୁଣ୍ଡୁଚି ମୂଷା ଉପରେ ପଡ଼ିଲା । ଗୁଣ୍ଡୁଚି ମୂଷାଟି ସମୁଦ୍ର କୂଳରେ ଥିବା ବାଲିରେ ଗଡ଼ି ଯାଉଥିଲା ଏବଂ ଦେହରେ ଲାଗିଥିବା ବାଲିକୁ ପୋଲ ନିର୍ମାଣ ସ୍ଥଳରେ ଝାଡ଼ି ଦେଉଥିଲା । ଦୀର୍ଘ ସମୟ ପର୍ଯ୍ୟନ୍ତ ଗୁଣ୍ଡୁଚି ମୂଷାଟି ଏହି କାର୍ଯ୍ୟରେ ଲିପ୍ତ ରହିଥିବା ଭଗବାନ ରାମ ଦେଖିବାକୁ ପାଇଲେ । ଗୁଣ୍ଡୁଚି ପାଖକୁ ଯାଇ ଶ୍ରଦ୍ଧାରେ ଗୁଣ୍ଡୁଚି ମୂଷାକୁ ନିଜର ହାତରେ ଉଠାଇ



କହିଲେ- ଯେ ତୁମେ କ'ଣ କରୁଛ। ଗୁଣ୍ଡୁଚି ମୂଷାଟି ଭଗବାନ ରାମଙ୍କୁ ପ୍ରଣାମ କଲା ଏବଂ କହିଲା - ମହାବଳୀ ହନୁମାନ ହନୁମାନ ତାଙ୍କର ପୂରା ବାନର ସେନା ବଡ଼ ବଡ଼ ପଥରରେ ଏହି ପୋଲର ନିର୍ମାଣ କରୁଛନ୍ତି । କିନ୍ତୁ ମୁଁ ଛୋଟ ଗୁଣ୍ଡୁଚି ମୂଷାଟିଏ । ତେଣୁ ମୋଦ୍ୱାରା ଯାହା ସମ୍ଭବ ତାହା ମୁଁ କରୁଛି । ଏହି କାମରେ ମୁଁ ମୋର ଏହି ଛୋଟିଆ ଯୋଗଦାନ ଦେବାକୁ ଚାହୁଁଛି। ଭଗବାନ ରାମ ଗୁଣ୍ଡୁଚିର ଏହି ଭାବନାରେ ଅତ୍ୟନ୍ତ ପ୍ରୀତ ହେଲେ ଏବଂ ଶ୍ରଦ୍ଧାରେ ତା ପିଠିକୁ ଆଉଁଶି ଦେଲେ । ସେହିଦିନଠାରୁ ଗୁଣ୍ଡୁଚି ମୂଷା ପିଠିରେ ଭଗବାନ ରାମଙ୍କ ଅଙ୍ଗୁଳି ଚିହ୍ନ ରହିଛି ।

# ୫ ରାଜ୍ୟର ଆଞ୍ଚଳିକ କୃଷି ଅଫିସର ସମ୍ମିଳନୀ



**ଭୁବନେଶ୍ୱର,୨୪।୧୧ (ମହାଭାରତ):** ଭୁବନେଶ୍ୱରସ୍ଥିତ ମେଫେୟାର କନଭେନସନରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଳୟ ଆନୁକୂଲ୍ୟରେ ଆଞ୍ଚଳିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବିହାର, ଛତିଶଗଡ଼, ଝାଡଖଣ୍ଡ, ଓଡ଼ିଶା ଓ ପଶ୍ଚିମବଙ୍ଗର କୃଷି ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ଯୋଗଦେଇଥିଲେ।

ସମ୍ମିଳନୀ ଆରମ୍ଭରେ ଓଡ଼ିଶା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରି କହିଥିଲେ ଯେ, ଓଡ଼ିଶା କୃଷି କ୍ଷେତ୍ରରେ ଜଳବାୟୁ ଅନୁକୂଳ ଚାଷକୁ ପ୍ରୋତ୍ସାହନ ଦେଇ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ବଳଭଦ୍ର ଜୈବିକ ଚାଷ ଯୋଜନା କରିଛି। କୃଷି କ୍ଷେତ୍ରରେ ଲିଙ୍ଗଗତ ଅସମାନତାକୁ ଦୂର କରିଛି। କୃଷି କ୍ଷେତ୍ରରେ ଟେକ୍ନୋଲୋଜିର ବ୍ୟବହାର କରି ଇ-ଚାଷ ଆପ୍ ଜରିଆରେ ଚାଷ ଜମି ଗୁଡ଼ିକର ଜିଓ ଟ୍ୟାଗିଂ କରିଛି। ଡିଜିଟାଲ କ୍ରପ ସର୍ଭେ ପଦ୍ଧତି ଆପଣେଇ ପ୍ରକୃତ ତଥ୍ୟ ହାସଲ କରି ପାରୁଛି। ରାଇସ ଫାଲୋ ମ୍ୟାନେଜମେଣ୍ଟ ଜରିଆରେ ୪ ଲକ୍ଷ ହେକ୍ଟର ଚାଷଜମିକୁ ବ୍ୟବହାର କରି ରାଜ୍ୟରେ ୬ ପ୍ରକାର ଡ଼ାଲି ଓ ୨ ପ୍ରକାର ତୈଳବୀଜ ଜାତୀୟ ଫସଲର ଉତ୍ପାଦନ ବୃଦ୍ଧି କରି ପାରିଛି। କିଛିଦିନ ପୂର୍ବରୁ ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀ ଆୟୋଜନ କରି ଓଡ଼ିଶାର ପାରମ୍ପରିକ ଖାଦ୍ୟ ତଥା କୃଷି ଐତିହ୍ୟର ପୁନରୁଦ୍ଧାର ତଥା ପ୍ରଚାର ପ୍ରସାର କରାଯାଇଛି। ମାଇକ୍ରୋସଫ୍ଟ ର ପ୍ରତିଷ୍ଠାତା ବିଲ୍ ଗେଟ୍ ସ ଓଡ଼ିଶା ଭ୍ରମଣରେ ଆସିଥିବାବେଳେ ଓଡ଼ିଶାର କୃଷି ଭବନ ପରିଦର୍ଶନ କରିଥିଲେ ଏବଂ ଓଡ଼ିଶାର କୃଷି ସମୃଦ୍ଧି ହେଲ୍ପଲାଇନର କାର୍ଯ୍ୟ ବିଷୟରେ ଜାଣି ପ୍ରଶଂସା କରିଥିଲେ।

ସମ୍ମିଳନୀରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ, ଓଡ଼ିଶା ବର୍ତ୍ତମାନ ଚାଷ ପାଇଁ ଜଳସେଚନ ଭିତ୍ତିଭୂମିକୁ ସୁଦୃଢ଼ କରୁଛି। ନିକଟରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି ଏବଂ ଚାଷୀଙ୍କୁ ଇନସୁରାନ୍ସ ପ୍ରଦାନ କରାଯାଉଛି।

ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ସଚିବ ଡ଼ ଦେବେଶ ଚତୁର୍ବେଦୀ ଓଡ଼ିଶା କୃଷି ବିଭାଗ ଦ୍ୱାରା ପ୍ରଣୀତ ପ୍ରମୁଖ ଯୋଜନା ଗୁଡ଼ିକର ପ୍ରଶଂସା କରିଥିଲେ। ସମ୍ମିଳନୀରେ ଚାରୋଟି ଅଧିବେଶନରେ ବିଭିନ୍ନ ଯୋଜନାର ସମୀକ୍ଷା କରାଯାଇଥିଲା। ପରେ ପରେ କେନ୍ଦ୍ରୀୟ ଯୋଜନା ଗୁଡ଼ିକ ଯଥା ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, କୃଷି ଉନ୍ନତି ଯୋଜନା, ପିଏମ୍ ଜନ ଜାତୀୟ ଉନ୍ନତ ଅଭିଯାନ, ଡିଜିଟାଲ ଏଗ୍ରୀକଲଚର ମିଶନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ତୈଳବୀଜ ମିଶନ ପ୍ରଭୃତିର ସମୀକ୍ଷା କରାଯାଇଥିଲା। କେନ୍ଦ୍ର ଯୁଗ୍ମ ଶାସନ ସଚିବ ଶ୍ରୀମତି ରକ୍ମଣି ଦେବୀ 'Namo Drone Didi' ବିଷୟରେ ଉପସ୍ଥାପନ କରିଥିଲେ।

କେନ୍ଦ୍ର କୃଷି ବିଭାଗ ଯୁଗ୍ମ ଶାସନ ସଚିବ ଶ୍ରୀ ପୂର୍ଣ୍ଣଚନ୍ଦ୍ର କିଶାନ ଉଦଘାଟନ ଅବସରରେ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧିବେଶନ ଶେଷରେ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଶାମୁକ୍ତ ପରିବାର ଗଠନ ପାଇଁ ନିବେଦନ

**ଭୁବନେଶ୍ୱର,୨୪।୧୧ (ମହାଭାରତ):** ଋଷି ପ୍ରତିମ ଭୂତପୂର୍ବ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୨୩ତମ ଜନ୍ମ ଜୟନ୍ତୀ ଅବସରରେ ବରିଷ୍ଠ ନାଗରିକ ମଂଚ ଖୋର୍ଦ୍ଧାର ଶତାଧିକ ସଦସ୍ୟ ବାଇକ୍ / ସ୍କୁଟର ର୍ୟାଲି କରି ସହର ପରିକ୍ରମା କରିଥିଲେ। ନବ କିଶୋର ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିବା ବେଳେ 'ଓଡ଼ିଶା ନିଶା ନିବାରଣ ଆଇନ୍'ଗୃହୀତ କରାଇଥିଲେ। ମାତ୍ର ଆଇନ୍ କାର୍ଯ୍ୟକାରୀ କରିବାର ସାମ୍ବିଧାନିକ ବ୍ୟବସ୍ଥା ପରବର୍ତି ସମୟରେ କରା ନଯିବାରୁ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ । ମାଦକ ଦ୍ରବ୍ୟ ଏକ ଆମ ଦେଶର ଗୁରୁତର ସମସ୍ୟା ସୃଷ୍ଟି କରିଛି। ଯୁବକ ଓ ଖଟିଖିଆ। ଲୋକ ଏହାଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ପରିବାର ଓ ସମାଜରେ ଦେଖା ଦେଇଥିବା ହିଂସା ମୂଳରେ ମାଦକ ଦ୍ରବ୍ୟର ପ୍ରମୁଖ ଭୂମିକା ରହିଛି। ମଦ ସହିତ ରାସାୟନିକ ମାଦକ ଦ୍ରବ୍ୟ, ବ୍ରାଉନସୁଗାର ଓ କୋକେନ୍, ହିରୋଇନ୍, ଚରସ୍ ଇତ୍ୟାଦି ସେବନ କରୁଥିବା ବ୍ୟକ୍ତି ବିଶେଷ ନିଶାଡିରେ ପରିଣତ ହେଲା ଫଳରେ ସେମାନଙ୍କର ଅକାଳ ମୃତ୍ୟୁ ଘଟୁଛି ଓ ଲକ୍ଷ ଲକ୍ଷ ପରିବାର ଉଜୁଡ଼ି ଯାଉଛି।

ମାଦକ ଦ୍ରବ୍ୟ ମୁକ୍ତ ସମାଜ ଗଠନ କରିବା ଏକ ଜାତୀୟ ଆହ୍ୱାନ। ରାଜ୍ୟସ୍ତରରେ ଆଇନ୍ ପ୍ରଣୟନ ଦ୍ୱାରା ଏହା ଉପରେ ଅଙ୍କୁଶ ଲଗାଯାଇପାରିବ ନାହିଁ । ଜାତୀୟସ୍ତରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆଇନ୍ ପ୍ରଣୟନ କରିବାର ଆବଶ୍ୟକତା ଅଛି । ବରିଷ୍ଠ ନାଗରିକ ମଂଚ ର ବାଇକ୍ ର୍ୟାଲି ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେନ୍ଦ୍ର କୁମାର ମୁର୍ମୁ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ନିଶା ମୁକ୍ତ ପରିବାର ଗଠନ ଦିଗରେ ଜନସାଧାରଣ ବ୍ରତୀ ହେବା ପାଇଁ ମଂଚ ର ସମ୍ପାଦକ ରାମଶଙ୍କର ନିବେଦନ କରିଛନ୍ତି ।

ଏହି ସଚେତନତା ଧର୍ମୀ ଶୋଭାଯାତ୍ରାରେ ମଂଚ ର ଭୀମସେନ ପ୍ରଧାନ, ବୈକୁଣ୍ଠନାଥ ରାଜଗୁରୁ, ପ୍ରଫୁଲ୍ଲ ସମାନ୍ତରାୟ, ଦେବ ପ୍ରସାଦ ମଜୁମ୍‌ଦାର, ଅଖିଳ ଚନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ପଟ୍ଟନାୟକ, ହାଜି ନସିମ୍ ଉଦ୍ଦିନ୍ ଖାଁ, ବିପ୍ର ଚରଣ ଦେହୁରୀ, ରବୀନ୍ଦ୍ର କୁମାର ସାହୁ, ନବ କିଶୋର ମହାପାତ୍ର, ସତ୍ୟବ୍ରତ ଦାସ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ରତ୍ନାକର ରଣସିଂହ, ବିଜୟ ସାମନ୍ତସିଂହାର, ବିପିନ ବିହାରୀ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ମଂଚ ର ଯୁଗ୍ମ ସମ୍ପାଦକ ବସନ୍ତ କୁମାର ଦାଶ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଭାରତୀୟ ସ୍କାଉଟ ଓ ଗାଇଡ଼ିସ୍‌ର କ୍ୟାମ୍ପୋରୀ ଦ୍ୱିତୀୟ ଦିବସ

**ଭୁବନେଶ୍ୱର,୨୪।୧୧ (ମହାଭାରତ):** ଖୋର୍ଦ୍ଧା ବଳ୍ପି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟ ଠାରେ ୨୦୨୪-୨୫ ମସିହାର କ୍ୟାମ୍ପୋରୀ ଦ୍ୱିତୀୟ ଦିବସର କାର୍ଯ୍ୟକ୍ରମ ସକାଳ ୯ରେ ଆରମ୍ଭ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ସଂଗଠନ ସମ୍ପାଦକ ପ୍ରଭାକର ସାହୁଙ୍କ ନେତୃତ୍ୱରେ ଶିବିରାର୍ଥୀମାନେ ଜିଲ୍ଲା ସ୍କାଉଟ୍ ଗାଇଡ଼ି ସଭାପତି ବିଶ୍ୱନାଥ ତରାଇଙ୍କୁ ଜେନେରାଲ ସାଲ୍ୟୁଟ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିନର ପ୍ରତି ଯୋଗୀତାରେ ଶିବିରାର୍ଥୀମାନେ ଦୁଃସାହସିକ ଶାରୀରିକ କାର୍ଯ୍ୟକ୍ରମ ଓ ଏହାର ଉପଯୋଗୀତାକୁ ଅନୁଭବ ସହିତ କ୍ରୀଡ଼ା ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ। ଶିବିରାର୍ଥୀ ମାନେ କ୍ରାଉଲ ଅଣ୍ଡରନେଟ, କମାଣ୍ଡୋକ୍ରସିଂ, ମଂକିକ୍ରାଓଲ, ଲ୍ୟାଡ଼ରକ୍ରସିଙ୍ଗ, ବାଲାନସ୍ ୱାକ, ସ୍ଲୋପ ୱାକ୍, ଟନେଲକ୍ରସିଂ, ରୋପକ୍ଲାଇମିଙ୍ଗ, ଧନୁଶର ଲକ୍ଷ୍ୟ ପରୀକ୍ଷା, ଫିଡ଼ିଙ୍ଗ ଦିବଲ ଆଦି କାର୍ଯ୍ୟକ୍ରମରେ ସକ୍ରୀୟ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ଜିଲ୍ଲା କମିଶନର ପିତବାସ ପଟ୍ଟନାୟକ, ରମେଶ ଚନ୍ଦ୍ର ବଳବନ୍ତରାୟ, ଦିବାକର ପଟ୍ଟନାୟକ, ଭୂବନାନନ୍ଦ ରାଉତ, ପୂର୍ବତନ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ପଠାଣୀ ଆଗ୍ରାସିଂହ ପରିଚାଳନା କରିଥିଲେ। ଅପରାହ୍ନ ଅଧିବେଶନରେ ସ୍କିଲୋରାମା ପ୍ରତି ଯୋଗୀତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟ କ୍ରମକୁ ଜିଲ୍ଲା ସ୍କାଉଟ ଗାଇଡ଼ି ସମ୍ପାଦକ ସୁଧାକର ମହାପାତ୍ର ପରିଚାଳନା କରିଥିଲେ। ଶିବିରାର୍ଥୀମାନଙ୍କ ଦ୍ୱାରା ବିଭିନ୍ନ ବର୍ଜ୍ୟ ବସ୍ତୁରୁ ଆବଶ୍ୟକୀୟ ବ୍ୟବହାରିକ ସାମଗ୍ରୀ ପ୍ରସ୍ତୁତ ପ୍ରଦର୍ଶିତ ହୋଇଥିଲା। କାଗଜ, ପ୍ଲାଷ୍ଟିକ୍, କତା, ସଢେଇ, କାଚ, ଝୋଟ, ବେତ, ବାଉଁଶ, ତାଳପତ୍ର ଆଦିର ଜିନିଷ ସହିତ ପୁରୁଣା ଜିନିଷକୁ ସଂଗୃହୀତ କରି ପ୍ରଦର୍ଶନ କରାଇଥିଲେ। ଏହି ସ୍କିଲୋରାମା ପ୍ରତି ଯୋଗୀତାକୁ ବି.ଇ.ଓ ଖୋର୍ଦ୍ଧା ସନ୍ଧ୍ୟାରାଣୀ ରାଉତ, ଟାଙ୍ଗୀ ମଣ୍ଡଳ ଶିକ୍ଷା ଅଧିକାରୀ ରବିନ୍ଦ୍ର ନାଥ ସାହୁ ଉଦଘାଟନ କରିଥିଲେ। ପରେ ପରେ ଗାଁ ହାଟ ପ୍ରଦର୍ଶନୀ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ବିଭିନ୍ନ ପ୍ରକାର ପିଠା, ଶୁଖୁଆ। ତିଆରି ଖାଦ୍ୟ, ଙ, କେକ୍ ପ୍ରସ୍ତୁତ କରି ଶିବିରାର୍ଥୀ ମାନେ ପ୍ରଦର୍ଶନ କରିଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କ୍ରୟ ଓ ବିକ୍ରୟ ଅନୁଷ୍ଠିତ ହୋଇଥିଲା।

# ଓଡ଼ିଶା ଇନଫ୍ରାଷ୍ଟ୍ରକଚର କନକ୍ଲେଭ

**ଭୁବନେଶ୍ୱର,୨୪।୧୧ (ମହାଭାରତ):** ଅଲ୍ ଓଡ଼ିଶା କଣ୍ଟ୍ରାକ୍ଟରସ ୱେଲ୍‌ଫେୟାର ଆସୋସିଏସନ୍ (ଏଓସିଡବ୍ଲୁଏ) ଓ ଅଲ୍ ଓଡ଼ିଶା କଣ୍ଟ୍ରାକ୍ଟର୍ସ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ଆଜି ଭୁବନେଶ୍ୱରର ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍ ଠାରେ ଓଡ଼ିଶା ଭିତ୍ତିଭୂମି କନ୍ କ୍ଲେଭ୍-୨୦୨୪ ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୀତି ନିର୍ଦ୍ଧାରଣକାରୀ, ଶିଳ୍ପନେତା, ଠିକାଦାର ଏବଂ ଶିକ୍ଷାବିତମାନେ ଏକତ୍ର ହୋଇ ଓଡ଼ିଶାର ଭିତ୍ତିଭୂମି ଆବଶ୍ୟକତା ଏବଂ ଆହ୍ୱାନ ଉପରେ ଆଲୋଚନା କରିଥିଲେ, ଯାହାର ଶୀର୍ଷକ ଥିଲା , ଏକ ଶକ୍ତିଶାଳୀ ଓଡ଼ିଶା ଗଠନ, ସ୍ଥାୟୀ ଅଭିବୃଦ୍ଧି ପାଇଁ ଭିତ୍ତିଭୂମିର ସଶକ୍ତୀକରଣ।



ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେଇପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଯେ, ରାଜ୍ୟରେ ଭିତ୍ତିଭୂମିର ବଡ ନେଟୱର୍କ ହେବାକୁ ଯାଉଛି। ଓଡ଼ିଶାର ଚତୁଃପାର୍ଶ୍ୱରେ ହେବ ଗ୍ରାଣ୍ଡ ରିଙ୍ଗ ରୋଡ। ମୋଟୁରୁ ମୟୁରଭଞ୍ଜ ର ତିରୀଙ୍ଗୀ ପର୍ଯ୍ୟନ୍ତ ହେବ ୬ ଲେନ ବିଶିଷ୍ଟ ରାସ୍ତା । ଓଡ଼ିଶାର ମାନଚିତ୍ରକୁ ଯଦି ଦେଖାଯାଏ ତେବେ ଓଡ଼ିଶାର ଚତୁଃପାର୍ଶ୍ୱରେ ହେବ ଗ୍ରାଣ୍ଡ ରିଙ୍ଗ ରୋଡ।୨୬ ଘଣ୍ଟା ମଧ୍ୟରେ ଭ୍ରମଣ କରିହେବ ସମ୍ପୂର୍ଣ୍ଣ ଓଡ଼ିଶା। ସମସ୍ତ କର୍ମସିଆଲ କୁ ପଏଣ୍ଟ ଗୁଡ଼ିକୁ ଏହି ରାସ୍ତାରେ ଯୋଡା ଯାଇ ପାରିବ।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଭୁବନେଶ୍ୱରର ଏକାମ୍ର ବିଧାୟକ ବାବୁ ସିଂହ, ସମାଜସେବୀ, ଜଗନ୍ନାଥ ପ୍ରଧାନ, ଅଲ-ଓଡିଶା କଣ୍ଟ୍ରାକ୍ଟର ୱେଲଫେୟାର ଆସୋସିଏସନ (ଏଓସିଡବ୍ଲୁଏ) ର ସଭାପତି ଜେ ପାତ୍ର, ଉପସଭାପତି ଚିନ୍ମୟ ସ୍ୱାଇଁ, ସମ୍ପାଦକ ଦିଲୀପ କୁମାର ଜେନା, ଯୁଗ୍ମ ସମ୍ପାଦକ ଅଂଶୁଲ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମାବେଶରେ ଅଲ ଓଡିଶା କଣ୍ଟ୍ରାକ୍ଟର ୱେଲଫେୟାର ଆସୋସିଏସନର ସଭାପତି ଜେ ପାତ୍ର, ପୂର୍ବ ସରକାରଙ୍କ ଅଧୀନରେ ସ୍ଥାନୀୟ ଠିକାଦାରମାନେ ସମ୍ମୁଖୀନ ହେଉଥିବା ନିରନ୍ତର ଚ୍ୟାଲେଞ୍ଜର ଗୁଡ଼ିକ ଉପରେ ଆଲୋକପାତ କରିଥିଲେ, ଯେଉଁଥିରେ ରାଜ୍ୟ ବାହାରେ ଥିବା କଂପାନିଗୁଡ଼ିକୁ ସମର୍ଥନ କରୁଥିବା ନୀତି, ସ୍ଥାନୀୟ ପ୍ରତିଭାଙ୍କୁ ଦମନ କରିବା ଏବଂ ସୀମିତ ଅଭିବୃଦ୍ଧି ସୁଯୋଗ ଅନ୍ତର୍ଭୁକ୍ତ ଥିଲା। ଭିତ୍ତିଭୂମି ବିକାଶରେ ଅଭିନବତା ଏବଂ ସ୍ଥାୟୀତାକୁ ପ୍ରୋତ୍ସାହିତ କରିବା ସହିତ ଠିକାଦାର ଏବଂ ସରକାରଙ୍କ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ପାଇଁ ଓଡ଼ିଶା ଭିତ୍ତିଭୂମି କନକ୍ଲେଭ୍ ୨୦୨୪ ଏକ ପରିବର୍ତ୍ତନଶୀଳ ପ୍ଲାଟଫର୍ମ ବୋଲି ସେ ମତ ଦେଇଥିଲେ।

# କିସ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

**ଭୁବନେଶ୍ୱର,୨୪।୧୧ (ମହାଭାରତ):** ସର୍ବବୃହତ ଜନଜାତି ବିଶ୍ୱବିଦ୍ୟାଳୟ କିସ୍‌ର ୪ର୍ଥ ସମାବର୍ତ୍ତନ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହରିକୃଷ୍ଣ ଏକ୍ସପୋର୍ଟସ ପ୍ରାଇଭେଟ୍ ଲିମିଟେଡର ପ୍ରତିଷ୍ଠାତା ଅଧ୍ୟକ୍ଷ ତଥା ବିଶିଷ୍ଟ ଶିଳ୍ପପତି ଓ ସମାଜସେବୀ ପଦ୍ମଶ୍ରୀ ସାବଜୀ ଢ଼ୋଲକିଆ, ଡ. ବାତ୍ରା ଗ୍ରୁପ୍ ଅଫ୍ କମ୍ପାନୀସମୂହର ପ୍ରତିଷ୍ଠାତା ତଥା ବିଶିଷ୍ଟ ଶିଳ୍ପପତି ପଦ୍ମଶ୍ରୀ ଡା. ମୁକେଶ ବାତ୍ରା ଏବଂ ବିଶିଷ୍ଟ ଶିଳ୍ପପତି ଏସ୍ ଏନ୍ ଗ୍ରୁପ୍ ଅଫ୍ କମ୍ପାନୀର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତିଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା।



ଶ୍ରୀ ଢ଼ୋଲକିଆ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ଗ୍ରହଣ କରି ଛାତ୍ରଛାତ୍ରୀଙ୍କୁ ସଫଳତାର ୫ଟି ମନ୍ତ୍ର ପ୍ରଦାନ କରିଥିଲେ। ସବୁବେଳେ ନିଜକୁ ଶ୍ରେଷ୍ଠ ଭାବେ ବିବେଚନା କରିବା, ସବୁ କାର୍ଯ୍ୟ ମୋ ଦ୍ୱାରା ସମ୍ଭବ ହୋଇପାରିବ ବୋଲି ଭାବିବା, ଭଗବାନ ମୋ ସହ ସବୁବେଳେ ଅଛନ୍ତି, ମୁଁ ବିଜୟୀ ହୋଇପାରିବି ଓ ଆଜି ହେଉଛି ମୋ ପାଇଁ ନୂଆ ଦିନ- ଏହି ୫ଟି ମନ୍ତ୍ରକୁ ଛାତ୍ରଛାତ୍ରୀମାନେ ନିଷ୍ଠାର ସହ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରିଟେନ୍‌ର ପ୍ରାକ୍ତନ ସାଂସଦ ତଥା ପ୍ରାକ୍ତନ ମନ୍ତ୍ରୀ ନିକ ଗିବ୍ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି କହିଲେ, ଶିକ୍ଷା ହିଁ ପରିବର୍ତ୍ତନର ମାଧ୍ୟମ। ଛାତ୍ରଛାତ୍ରୀ ମାନେ ନିଜ ଇଚ୍ଛାଅନୁସାରେ ନିଜର ଲକ୍ଷ୍ୟପଥ ସ୍ଥିର କରିବା ଉଚିତ। ସେମାନଙ୍କ ପାଇଁ ବ୍ୟାପକ ସୁଯୋଗ ରହିଛି। କିସ୍‌ର ସଫଳତାକୁ ସେ ପ୍ରଶଂସନୀୟ ଓ ପ୍ରେରଣାଦାୟୀ ବୋଲି ମତ ପ୍ରକାଶ କରିଥିଲେ। ତେଣୁ ଛାତ୍ରଛାତ୍ରୀମାନେ ନିଜକୁ ସଶକ୍ତ କରିବା ପାଇଁ ଉପଯୁକ୍ତ ଏହି ଅନୁଷ୍ଠାନ ଏକ ଉପଯୁକ୍ତ ମାଧ୍ୟମ ବୋଲି ସେ ମତ ଦେଇଥିଲେ। ଅନ୍ୟତମ ଅତିଥି ହାର୍ଭାର୍ଡ଼ କେନେଡ଼ି ସ୍କୁଲ୍ ପବ୍ଲିକ ପଲିସି ପ୍ରଫେସର ଡ. ଜେଫ୍ରେ ବିଲାଏବମାନ କହିଲେ, ସାମଗ୍ରିକ ଶିକ୍ଷା କ୍ଷେତ୍ରରେ କିସ୍ ହେଉଛି ଏକ ଅନନ୍ୟ ପ୍ରୟାସ। ସମାଜର ଅବହେଳିତ ଜନଜାତି ଛାତ୍ରଛାତ୍ରୀଙ୍କୁ ସଶକ୍ତ କରାଇବାରେ କିସ୍‌ର ଉଦ୍ୟମକୁ ସେ ପ୍ରଶଂସା କରିଥିଲେ।

ଏହି ଅବସରରେ କିସ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ ରୋଜାଲିନ୍ ପ୍ରଧାନଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିବା ବେଳେ ୭ଜଣଙ୍କୁ କୁଳାଧିପତି ସ୍ୱର୍ଣ୍ଣ ପଦକ ଏବଂ ୭ଜଣଙ୍କୁ କୁଳପତି ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। ୮ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯାଇଥିବା ବେଳେ ୪୨୬ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ଓ କିସ୍ ଉପସଭାପତି ଉମାପଦ ବୋଷ, ସମ୍ପାଦକ ଆର ଏନ୍ ଦାସ, କୁଳାଧିପତି ସତ୍ୟ ଏସ୍ ତ୍ରିପାଠୀ, ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା ଉପସ୍ଥିତ ଥିଲେ। କୁଳପତି ପ୍ରଫେସର ଦୀପକ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ ଓ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଡ. ରଜନୀରଞ୍ଜନ ସମ୍ବର୍ଦ୍ଧିତ

**ଭୁବନେଶ୍ୱର,୨୪।୧୧ (ମହାଭାରତ):** ସଂଳାପକାର ଭାବେ ୨୦୨୦ ମସିହା ନିମନ୍ତେ ରାଜ୍ୟ ଚଳଚିତ୍ର ପୁରସ୍କାର ପାଇଥିବା ଡ. ରାଜନୀରଞ୍ଜନଙ୍କୁ ଆଜି ସମ୍ବର୍ଦ୍ଧିତ କରାଯାଇଛି । ଓଡିଶା ମିରର, ମଦର ଓ ସିନ୍ଧୁଜା। ପତ୍ରିକା। ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥିଭାବେ ବିଜେପିର ବରିଷ୍ଠ ନେତା ତଥା ସମାଜସେବୀ ଜଗନ୍ନାଥ ପ୍ରଧାନ, ପୂର୍ବତନ ସୂଚନା କମିଶନର ଦିଲ୍ଲୀପ ବିଶୋଇ, ବିଶିଷ୍ଟ ସାହିତ୍ୟିକ ତଥା ରଜନୀରଞ୍ଜନଙ୍କ ବାଲ୍ୟବନ୍ଧୁ ଡ. ଅଜୟ ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇ ରାଜନୀରଞ୍ଜନଙ୍କୁ ବଧେଇ ଜଣାଇବାସହ ଆହୁରି ଅଧିକ ଫିଲ୍ମ ପାଇଁ ସଂଳାପ ଲେଖନ୍ତୁ ବୋଲି କାମନା କରିଥିଲେ। ଏହି ଅବସରରେ ରଜନୀରଞ୍ଜନଙ୍କ ପୁରସ୍କାରପ୍ରାପ୍ତ ଫିଲ୍ମ 'ସହିଦ ରଘୁ ସର୍ଦାର' ସମ୍ପର୍କରେ



ଅତିଥିମାନେ ଆଲୋକପାତ କରିଥିଲେ।

ଓଡିଶା ମିରର'ର ସମ୍ପାଦକ ଦିଲ୍ଲୀପ ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଡ. ମାଧବ ବେହୁରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ମଦର'ର ମୁଖ୍ୟ ପରିଚାଳକ ପ୍ରମୋଦ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

କାର୍ଯ୍ୟକ୍ରମରେ ଅଧାପିକା ସୁଧାଂଶୁ ସାହୁ ଓ ଫିଓନା ଦାସ ସଂଗୀତ ପରିବେଶଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟକାର ବିଜୟ ଦାସ, ପକ୍ଷୀଘର ସମ୍ପାଦକ ବନୋଜ ତ୍ରିପାଠୀ, ଚଳଚ୍ଚିତ୍ର ପ୍ରଯୋଜକ ସନ୍ତୋଷ ପଣ୍ଡା ପ୍ରମୁଖ ରଜନୀରଞ୍ଜନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ଚଳନଶୀଳ ସ୍କିଲ୍ ଲ୍ୟାବ୍‌ରେ ପ୍ରଶିକ୍ଷଣ ପ୍ରଦାନ

**ଭୁବନେଶ୍ୱର,୨୪।୧୧ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଠାରେ ଜନସନ ଆଣ୍ଡ ଜନସନ କମ୍ପାନୀ ଦ୍ୱାରା ଯୋଗାଇ ଦିଆଯାଇଥିବା ଏକ ଚଳନଶୀଳ ସ୍କିଲ୍ ଲ୍ୟାବ୍‌ରେ ନଭେମ୍ବର ୨୦ ଓ ୨୧ ତାରିଖରେ ଦୁଇଦିନ ଧରି ସର୍ଜନ ଓ ପୋଷ୍ଟ ଗ୍ରାଜୁଏଟ୍ ଛାତ୍ରଛାତ୍ରୀମାନଙ୍କୁ ନେଇ ଶଲ୍ୟ ଚିକିତ୍ସା ବିଷୟରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏକ ଭଲଭୋ ବସ୍‌ରେ ସ୍ଥାପିତ ଏହି ସ୍କିଲ ଲ୍ୟାବରେ ୧୦ଟି ୱାର୍କ ଷ୍ଟେସନ ରହିଛି ଓ ଅସ୍ତ୍ରୋପଚାର ହୋଇଥିବା ସ୍ଥାନରେ କିପରି ସିଲାଇ କରି କ୍ଷତକୁ ଯୋଡିବାକୁ ପଡେ ଏଥିରେ ସେ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା ବୋଲି ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର କହିଛନ୍ତି।



ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସର୍ଜନମାନଙ୍କର ଦକ୍ଷତା ବୃଦ୍ଧି ନିମନ୍ତେ ଆୟୋଜିତ ହୋଇଥିଲା ବୋଲି ସେ କହିଥିଲେ। ଉଭୟ ଓପନ ଓ ଲାପାରାସ୍କୋପିକ ସର୍ଜରୀରେ ଏହି ତାଲିମ ସର୍ଜନମାନଙ୍କର ଦକ୍ଷତାକୁ ବୃଦ୍ଧି କରିବ। ବର୍ତ୍ତମାନ ନ୍ୟାସନାଲ୍ ମେଡିକାଲ କମିଶନ ଡାକ୍ତର ଓ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦେଇ ଏହାକୁ କରିକୁଲମର ଏକ ବିଶେଷ ଅଂଶ ଭାବେ ଗ୍ରହଣ କରିଛି। ସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ପ୍ରକାଶ କୁମାର ସାହୁ କହିଥିଲେ ଯେ ହସ୍ପିଟାଲରେ ଏକ ସେଂଟ୍ରାଲ୍ ସ୍କିଲ ଲ୍ୟାବ୍ ଓ ସର୍ଜରୀ ବିଭାଗର ଏକ ସ୍ୱତନ୍ତ୍ର ସ୍କିଲ ଲ୍ୟାବ ମଧ୍ୟ ରହିଛି ଯେଉଁଠାରେ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଏ। ଏହି ପ୍ରଶିକ୍ଷଣ ଫଳରେ ସର୍ଜନମାନେ ସେମାନଙ୍କର କାର୍ଯ୍ୟପ୍ରଣାଳୀକୁ ଆହୁରି ଉନ୍ନତ କରିପାରିବେ। ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର କାର୍ଯ୍ୟକାରୀ ଡିନ୍ ପ୍ରଫେସର (ଡାକ୍ତର) ସୌମ୍ୟରଂଜନ ଦାସ ମଧ୍ୟ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ।

# ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଓଡ଼ିଶାର 'କରୁଣା ସିଲ୍କ'

**ଭୁବନେଶ୍ୱର,୨୪।୧୧ (ମହାଭାରତ):** ରେଶମ ପୋକକୁ ନମାରି କ୍ରୁରତାହୀନ ଉପାୟରେ ଖୋସାରୁ ସିଲ୍କ ଉତ୍ପାଦନ କରି ଓଡ଼ିଶା ଯେଉଁ ପରୀକ୍ଷା ନିରୀକ୍ଷା ଆରମ୍ଭ କରିଥିଲା, ସେଥିରେ ଏକ ନୂଆ ବିଷୟ ଯୋଡ଼ି ହୋଇଛି। ଏହି ପଦ୍ଧତିରେ ବାହାରୁଥିବା ରେଶମ ସୂତାରେ ଏବେ କୌଣସି ପ୍ରକାର କୃତ୍ରିମ ରଙ୍ଗ ନ ମିଶାଇ ସମ୍ପୂର୍ଣ୍ଣ ପ୍ରାକୃତିକ ଉପାୟରେ 'କରୁଣା ସିଲ୍କ'ର କପଡ଼ା ପ୍ରସ୍ତୁତ କରାଯାଉଛି। ଏହି କପଡ଼ାରୁ ତିଆରି ଆଧୁନିକ ପୋଷାକ ନୂଆଦିଲ୍ଲୀର ଅ'ର୍ଜାତୀୟ ବାଣିଜ୍ୟ ମେଳାରେ ଗ୍ରାହକଙ୍କ ଆଦର ଲାଭ କରିଛି।

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଚାଲିଛି ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା। ଏହି ମେଳାର 'ଓଡ଼ିଶା ମଣ୍ଡପ'ରେ ରାଜ୍ୟର ବିଭିନ୍ନ ହସ୍ତକଳା ଓ ହସ୍ତତ', ଜନଜାତି କଳାକୃତି ଏବଂ ଗ୍ରାମୀଣ ଉତ୍ପାଦ ଆଦି ପ୍ରଦର୍ଶନ ଓ ବିକ୍ରି ହେଉଛି। ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ 'ଅମ୍ଲାନ' ଆଉଟଲେଟ୍‌ରେ 'କରୁଣା ସିଲ୍କ' ପ୍ରସ୍ତୁତ ବିଭିନ୍ନ ପାରମ୍ପରିକ ଓ ଆଧୁନିକ ପୋଷାକ ବିକ୍ରି କରାଯାଉଛି। ତା' ମଧ୍ୟରେ ରହିଛି ଶାଢ଼ି, କପଡ଼ା ଏବଂ ରେଡିମେଡ୍ ଜ୍ୟାକେଟ୍।

'କରୁଣା ସିଲ୍କ' ଉତ୍ପାଦନର ଏହି ଅଭିନବ ପଦ୍ଧତିକୁ ଅ'ର୍ଜାତୀୟ ବାଣିଜ୍ୟ ମେଳାରେ ରାଜ୍ୟ ସରକାର ପ୍ରଦର୍ଶନ କରୁଛନ୍ତି। ଓଡ଼ିଶାର ଯାଜପୁର ଜିଲ୍ଲା ଗୋପାଳପୁର ଅଂଚଳର ବୁଣାକାରମାନେ 'ଓଡ଼ିଶା ମଣ୍ଡପ'ର ଲାଇଭ୍ ଡେମନଷ୍ଟ୍ରେସନ୍ ଭାଗରେ ବସି ପାରମ୍ପରିକ ତନ୍ତ ସାହାଯ୍ୟରେ କପଡ଼ା ବୁଣୁଛନ୍ତି। ଦେଶ ବିଦେଶର ପର୍ଯ୍ୟଟକ, ବିଶେଷକରି ଭାରତୀୟ ପୋଷାକପ୍ରେମୀ ଏଥିପ୍ରତି ଆକର୍ଷିତ ହେବା ସହ ଏହି ଅଭିନବ ସିଲ୍କ ବିଷୟରେ ଅଧିକ ଜାଣିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି।



# ଖଲିସ୍ତାନୀ ଆତଙ୍କବାଦୀ

ଖଲିସ୍ତାନୀ ଆତଙ୍କବାଦୀ ଗୁରପ୍ରିତ ସିଂହ ପନ୍ନୁନକୁ ହତ୍ୟା ଉଦ୍ୟମ ଅଭିଯୋଗରେ ଆମେରିକାର ଏକ କୋର୍ଟ ଭାରତ ସରକାର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ପୂର୍ବତନ ର' ମୁଖ୍ୟ, ଏହାର ଏଜେଣ୍ଟ ଏବଂ ଜଣେ ଭାରତୀୟ ବ୍ୟବସାୟୀ ନିଖିଲ ଗୁପ୍ତାଙ୍କୁ ସମନ ଜାରି କରିଛି। ୨୦୨୦ରେ ପନ୍ନୁନକୁ ହତ୍ୟା ଉଦ୍ୟମ ହୋଇଥିଲା। ଏଥିରେ ଭାରତର ହାତ ରହିଛି ବୋଲି ଅଭିଯୋଗ ହୋଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ଏହାର କୌଣସି ପ୍ରମାଣ ମିଳିନି। ତେବେ ପନ୍ନୁନ ଆମେରିକାର ଏକ କୋର୍ଟରେ ଆଗତ କରିଥିବା ସିଭିଲ ସୁଟ ଆଧାରରେ ସମ୍ପୃକ୍ତ କୋର୍ଟ ଭାରତ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏହାକୁ ଭାରତ ସରକାର ଅପ୍ରତ୍ୟାଶିତ ଏବଂ ଏହାର କୌଣସି ଯଥାର୍ଥତା ନାହିଁ ବୋଲି କହିଛନ୍ତି। ପନ୍ନୁନ ଏକ ଆତଙ୍କବାଦୀ ସଙ୍ଗଠନ ସହ ଜଡ଼ିତ। ଭାରତରେ ହିଂସା ସୃଷ୍ଟି କରିବା ଏବଂ ନିରୀହ ଲୋକଙ୍କୁ ହତ୍ୟା କରିବା, ଭାରତରେ ଅସ୍ଥିରତା, ବିଶୃଙ୍ଖଳା ସୃଷ୍ଟି କରିବା ହେଉଛି ଏହାର ଲକ୍ଷ୍ୟ। ଏହା ଏକ ମୌଳବାଦୀ ସଙ୍ଗଠନ। ଏହି ସଙ୍ଗଠନ ବିଶ୍ୱର ବିଭିନ୍ନ ଦେଶରେ ବାସ କରୁଥିବା ଧନୀ ଶିଖ ଧର୍ମାବଲମ୍ବୀଙ୍କଠାରୁ ଚାନ୍ଦା ଆଦାୟ କରିଥାଏ। ପନ୍ନୁନ ଆମେରିକା ଏବଂ କାନାଡ଼ାରେ ବସବାସ କରୁଥିବା ଏବଂ ସେଠାକାର ନାଗରିକତ୍ୱ ଗ୍ରହଣ କରିଥିବା ଶିଖ ଧର୍ମାବଲମ୍ବୀଙ୍କଠାରୁ ମୋଟା ଅଙ୍କର ଚାନ୍ଦା ସଂଗ୍ରହ କରି ଏହାକୁ ଭାରତ ବିରୋଧୀ କାର୍ଯ୍ୟରେ ଲିପ୍ତ ମୌଳବାଦୀ ସଙ୍ଗଠନକୁ ସହାୟତା କରିଥାଏ। ନିଜେ ମଧ୍ୟ ବେଶ ମୋଟା ଅଙ୍କର ପିସି ରଖିଥାଏ। ଭାରତରେ ଅତୀତରେ ଅନେକ ହିସାକାଣ୍ଡ ପଛରେ ତା'ର ହାତ ରହିଛି। ଅନେକ ନିରୀହ ଲୋକଙ୍କ ହତ୍ୟା ଲାଗି ପନ୍ନୁନ ସୁପାରି ଦେଇଥିବା ପ୍ରମାଣ ରହିଛି। ଏଭଳି ଜଣେ କଳଙ୍କିତ ବ୍ୟକ୍ତିଙ୍କ ସିଭିଲ ସୁଟ ଆଧାରରେ କୋର୍ଟ ଭାରତ ସରକାରଙ୍କୁ ନୋଟିସ ଜାରି କରିବା ଅତ୍ୟନ୍ତ ନିନ୍ଦନୀୟ। ଏହା ଭାରତ-ଆମେରିକା ସ୍ୱାଭାବିକ ସମ୍ପର୍କକୁ ପ୍ରଭାବିତ କରିପାରେ। ସାରା ବିଶ୍ୱ ଭାରତର ଅହିଂସା ନୀତି ଏବଂ ଆତଙ୍କବାଦ ବିରୋଧୀ ଆଭିମୁଖ୍ୟ ସମ୍ପର୍କରେ ଭଲ ଭାବେ ଅବଗତ। ସମସ୍ତେ ଜାଣନ୍ତି ଭାରତ ବିଶ୍ୱର କୌଣସି ସ୍ଥାନରେ କୌଣସି ଆତଙ୍କୀ ସଙ୍ଗଠନକୁ ସହଯୋଗ ବା ସହାୟତା କରେ ନାହିଁ। ଏହା ପାକିସ୍ତାନ, ଚୀନ ଏବଂ ଆମେରିକାର ଚରିତ୍ର। ବିଶ୍ୱ କଲ୍ୟାଣ ଏବଂ ଶାନ୍ତି ଲାଗି ଭାରତ ଅହରହ ଉଦ୍ୟମ କରୁଛି ଏବଂ ଏହା ସମଗ୍ର ବିଶ୍ୱ ପାଇଁ ଏକ ଆଦର୍ଶ। ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ହେଉଛି ଅହିଂସାର ପୂଜାରୀ। ଏଥିରେ ପନ୍ନୁନ ଭଳି ଏକ ଅତି ସାଧାରଣ ଅପରାଧୀକୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରିବା ଅଭିଯୋଗ ସମ୍ପୂର୍ଣ୍ଣ ନିରାଧାର ଏବଂ ହାସ୍ୟାସ୍ପଦ। ପନ୍ନୁନର ଅଭିଯୋଗର ପ୍ରାଥମିକ ପ୍ରମାଣ ଅଛି କି ନାହିଁ, ସେ ସମ୍ପର୍କରେ ଆମେରିକା କୋର୍ଟ ପ୍ରଥମେ ଅନୁସନ୍ଧାନ କରିବା ଉଚିତ ଥିଲା। ବିନା ପ୍ରାଥମିକ ପ୍ରମାଣରେ ଜଣେ ଅପରାଧିର ଅଭିଯୋଗ ଆଧାରରେ ବିଶ୍ୱର ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ରକୁ ଆମେରିକାର ଏକ ତଳ କୋର୍ଟ ନୋଟିସ ଜାରି କରିବା ଦୁର୍ଭାଗ୍ୟଜନକ, ବେଆଇନ। କାଲି ଯଦି ଭାରତ ସମାନ ଅଭିଯୋଗରେ ପନ୍ନୁନ ବିରୋଧରେ ଆରେଷ୍ଟ ୱାରେଣ୍ଟ ଜାରି କରେ ତେବେ ଏହାକୁ ଆମେରିକା ଗ୍ରହଣ କରିପାରିବ ତ ? ପନ୍ନୁନକୁ ହତ୍ୟା ଉଦ୍ୟମ ବାସ୍ତବରେ ହୋଇଥିଲା କି ନାହିଁ ତାହା ଏକ ବଡ଼ ପ୍ରଶ୍ନ। ଦ୍ୱିତୀୟରେ କୌଣସି ଭାରତୀୟ ଏଥିରେ ସମ୍ପୃକ୍ତ ଅଛନ୍ତି କି ନାହିଁ, ଯଦି ସମ୍ପୃକ୍ତ ଅଛନ୍ତି ତେବେ ସେ ବ୍ୟକ୍ତିଗତ ସ୍ତରରେ ଏଥିରେ ସମ୍ପୃକ୍ତ ନା ଭାରତ ସରକାର ଏଥିଲାଗି ପ୍ରୋତ୍ସାହନ ଏବଂ ସହାୟତା ପ୍ରଦାନ କରୁଛନ୍ତି ତାହା ମଧ୍ୟ ତଦନ୍ତ ସାପେକ୍ଷ।

# ଲୋକଙ୍କ ସମସ୍ୟା ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ

*“ ୧୯୪୭ରେ ଦେଶ ସ୍ୱାଧିନ ହେବା ପରେ ଦେଶର ଜନସଂଖ୍ୟା ୩୩କୋଟି ଥିଲା ବୋଲି ଆକଳନ କରାଯାଇଥିଲା । ୧୯୫୧ରେ ଭାରତ ସରକାରଙ୍କ ପକ୍ଷରୁ ଜନଗଣନା ହେବା ପରେ ଜନସଂଖ୍ୟା ପାଖାପାଖି ୩୬କୋଟି ବୋଲି ଜଣାପଡ଼ିଥିଲା । ଇଂରେଜ ଶାସନ କାଳରେ ପ୍ରତି ୧୦ ବର୍ଷରେ ଜନଗଣନା ହେଉଥିଲା ଏବେ ଏବେ ମଧ୍ୟ ସେଇ ପ୍ରଥା ଚାଲିଛି । ସେତେବେଳେ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ସ୍କୁଲ ଏପରିକି ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଶିକ୍ଷା ନିଃଶୁଳ୍କ ଥିଲା ।*

॥ ଗୋପାଳ ମହାପାତ୍ର ॥

ଶାସନ ଗାଦିହାସଲ ପାଇଁ କିଛି ବି କରାଯାଇପାରେ, ଏଥିପାଇଁ କିଛି ଅସମ୍ଭବ ନୁହେଁ । ରାଜନେତା ମାନଙ୍କର ସଦୈବ ଏହି ଇଚ୍ଛା ଥାଏ, ଆଗକୁ ମଧ୍ୟ ରହିବ । ନିର୍ବାଚନ ସମୟରେ ନେତା ସାଧାରଣ ଜନତାଙ୍କୁ ଯେଉଁସବୁ ଆଶ୍ୱାସନା ଓ ପ୍ରତିଶ୍ରୁତି ସବୁ ଦେଇଥାନ୍ତି ସେ ସବୁକୁ କ'ଣ ସେମାନେ ପୂରଣ କରିଥାନ୍ତି ? ହୋଇପାରେ କିଛି ନେତା ତାଙ୍କ ପ୍ରତିଶ୍ରୁତି ପୁରଣ କରିଥାନ୍ତି ? କିନ୍ତୁ ଅନେକେ ପ୍ରତିଶୃତି ପୂରଣ କରିବାରେ ବିଫଳ ହୋଇଥାନ୍ତି । ଯଦି ନେତା ତାଙ୍କ ପ୍ରତିଶୃତି ପୂରଣ କରୁଥାନ୍ତେ ତେବେ ସ୍ୱାଧୀନତା ପରଠାରୁ ଅଦ୍ୟାବଧି ୭୫ ବର୍ଷ ପୂର୍ଣ୍ଣ ହେବା ପରେ ଭାରତ ଆମେରିକା ଭଳି ବିକଶିତ ଦେଶ ଭାବେ ଉଭା ହୋଇଥାନ୍ତା ଓ ଭାରତୀୟମାନେ ଆମେରିକା ଭଳି ବିକଶିତ ଦେଶମାନଙ୍କୁ ଜୀବିକାର୍ଜନ ପାଇଁ ଯାଉନଥାନ୍ତେ । ଲୋକେ ନିଜ ନିଜର ଜୀବିକା ଅର୍ଜନ ପାଇଁ ଯେ କୌଣସି ସ୍ଥାନ(ଦେଶ)କୁ ଯାଇପାରିବେ । ଏହା ତାଙ୍କର ବ୍ୟକ୍ତିଗତ ସ୍ୱାଧୀନତା । ଏକଥା ଆମେ ଆମ ଭାରତୀୟ ମାନସିକତାରେ ଭାବୁଛେ । କିନ୍ତୁ କେତେଜଣ ଆମେରିକୀୟ ବା ବିକଶିତ ଦେଶର ଲୋକେ ଜୀବିକା ଅର୍ଜନ ପାଇଁ ଭାରତ ଆସୁଛନ୍ତି ? ଆମ ଦେଶ ଭାରତର ଯେ ବିକାଶ ହୋଇନାହିଁ ସେ କଥା ମଧ୍ୟ କୁହାଯାଇ ପାରିବ ନାହିଁ । ଭାରତର ବିକାଶ ଘଟିଛି ନିଶ୍ଚୟ । ସତ୍ୟ ହେଉଛି ଦେଶ ସ୍ୱାଧୀନ ହେବା ପରେ ଆମ ପାଖରେ ଥିଲା କ'ଣ ? ସବୁ କିଛି ଇଂରେଜମାନେ ଲୁଟି ନେଇଥିଲେ । ସେଥିପାଇଁ ତତ୍କାଳୀନ ବ୍ରିଟିଶ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ କହିଥିଲେ ଯେ ଯଦି ଭାରତର ଶାସନ ଅଯୋଗ୍ୟ ରାଜନେତାଙ୍କ ହାତରେ ପଡ଼ିଯିବ ତେବେ ଭାରତ ଖଣ୍ଡ ଖଣ୍ଡ ହୋଇ ବିଭାଜିତ ହୋଇଯିବ । କିନ୍ତୁ ଏମିତି ହୋଇନଥିଲା କି ହେବନାହିଁ । ଯଦି ଚର୍ଚ୍ଚିଲ ଆଦି ବଞ୍ଚିଥାନ୍ତେ ତେବେ ଭାରତର ଏକଜୁଟତା ଏବଂ ବିକାଶକୁ ଦେଖି ଆତ୍ମହତ୍ୟା କରିଥାନ୍ତେ ନିଶ୍ଚୟ । ଦେଶ ଯେତିକି ବିକାଶ କରିଛି ତାଠାରୁ ଅଧିକ ବିକାଶ ହୋଇଥାନ୍ତା ଯଦି ଆମ ରାଜନେତାମାନେ ପରସ୍ପର ମଧ୍ୟରେ କଳହ ନକରି ଦଳଗତ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଦେଶର ବିକାଶ କଥା ଚିନ୍ତା କରିଥାନ୍ତେ। ଦେଶର ସ୍ୱାଧିନତା ସଂଗ୍ରାମରେ ଅନେକଙ୍କର ଯୋଗଦାନ ରହିଛି । କେତେକଙ୍କ ଯୋଗଦାନ ମଧ୍ୟ ଅଜ୍ଞାତ ହୋଇ ରହିଯାଇଛି । ଆମେ ସେମାନଙ୍କୁ ହୁଏତ ଭୁଲିଯାଇ ପାରିଥାଏ କିନ୍ତୁ ସ୍ୱାଧିନତା ସଂଗ୍ରାମରେ କଂଗ୍ରେସର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ଥିଲା । ଏକଥା ସମସ୍ତେ ସ୍ୱୀକାର କରିବେ ନିଶ୍ଚୟ । ଏକଥା ମଧ୍ୟ ଠିକ୍ ଯେ ୧୯୨୫ ମସିହା ବିଜୟାଦଶମୀ ଦିନ ଡକ୍ଟର ହେଡ଼ଗେୱାର ଏକ ସଂସ୍ଥା ଆରମ୍ଭ କରିଥିଲେ ଯାହାର ନା ହେଉଛି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ । ଡକ୍ଟର ହେଡେଗେୱାରଙ୍କର ଉଦ୍ଦେଶ୍ୟ ମଧ୍ୟ ରାଷ୍ଟ୍ରୀୟ ସ୍ୱାଧିନତା ଥିଲା । ସଂଘର ସ୍ୱୟଂସେବକଙ୍କୁ ଶପଥ ଦିଆଯାଇଥାଏ ଯେ ରାଷ୍ଟ୍ରର ସ୍ୱତନ୍ତ୍ରତା ପାଇଁ ତନ-ମନ-ଧନରେ ଆଜନ୍ମ ଏବଂ ପ୍ରାମାଣିକତା ସହ ପ୍ରଯତ୍ନ କରିବେ । ସଂଘର ସ୍ୱୟଂସେବକ ମାନେ ସ୍ୱାଧିନତା ସଂଗ୍ରାମରେ ନିଜର ଭୂମିକା ନିର୍ବାହ କରିଥିଲେ ବୋଲି ସଂଘ କହୁଛି । କିନ୍ତୁ ସଂଘର ଦେଶ ଭକ୍ତିକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠିଛି । ସ୍ୱାଧୀନତା ଆନ୍ଦୋଳନରେ ସଂଘର ଯୋଗଦାନ କ'ଣ ଥିଲା ବୋଲି ମଧ୍ୟ ପ୍ରଶ୍ନ ଉଠେ । ସଂଘକୁ ଅନେକ ସମୟରେ ପ୍ରଶ୍ନ କରାଯାଏ ଯେ ୧୯୪୭ରେ ଦେଶ ସ୍ୱାଧିନ ହେବା ପରଠାରୁ ୧୯୫୨ ପର୍ଯ୍ୟନ୍ତ ସଂଘର ମୁଖ୍ୟ ନାଗପୁର କାର୍ଯ୍ୟାଳୟରେ ତ୍ରିରଙ୍ଗା ଉଡ଼ାଯାଉନଥିଲା କାହିଁକି ? ଅନେକଙ୍କ ମତରେ ଦେଶର ସ୍ୱାଧିନତା ସଂଗ୍ରାମରେ ସଂଘର ଯୋଗଦାନ ନଥିଲା । ସ୍ୱାଧିନତା ସଂଗ୍ରାମରେ ସଂଘର ଯୋଗଦାନ କ'ଣ ଥିଲା କାହିଁକି ୧୯୫୨ ପର୍ଯ୍ୟନ୍ତ ନାଗପୁର କାର୍ଯ୍ୟାଳୟରେ ଜାତୀୟ ପତାକା ଉଡ଼ାଯାଇ ନଥିଲା ତା ବାବଦରେ ଅଧିକ ବିମର୍ଷ ହେବା ଆବଶ୍ୟକ । ଆଉ ଏକ ପ୍ରସଙ୍ଗ ହେଉଛି ସଂଘ କେବେ କଂଗ୍ରେସକୁ ଗୁରୁତ୍ୱ ଦେଉନଥିଲା କି ଏବେ ମଧ୍ୟ ଗୁରୁତ୍ୱ ଦେଉନାହିଁ । ସେଇଥିପାଇଁ ସଂଘର ସହଯୋଗୀ ଭାରତୀୟ ଜନତା ପାର୍ଟି କଂଗ୍ରେସ ମୁକ୍ତ ଭାରତ କଥା କହୁଛି । ଅନ୍ୟପକ୍ଷରେ କଂଗ୍ରେସ ମଧ୍ୟ ସଂଘକୁ ବିରୋଧ କରୁଛି । ଯଦି ଉଭୟ ପକ୍ଷ ଏ ପ୍ରକାର ବିରୋଧାତ୍ମକ ମାନସିକତାରୁ ଦୁରେଇ ଯାଇ ଦେଶରୁ ଗରିବୀ ହଟାଓ, ବେରୋଜଗାରୀ ହଟାଓ, ଦରଦାମକୁ ନିୟନ୍ତ୍ରଣ କରିବା ଆଦିକୁ ଗୁରୁତ୍ୱ ଦିଅନ୍ତେ ଦେଶର ସାମଗ୍ରିକ ବିକାଶ ହୋଇପାରନ୍ତା ନିଶ୍ଚୟ ।

୧୯୪୭ରେ ଦେଶ ସ୍ୱାଧିନ ହେବା ପରେ ଦେଶର ଜନସଂଖ୍ୟା ୩୩କୋଟି ଥିଲା ବୋଲି ଆକଳନ କରାଯାଇଥିଲା । ୧୯୫୧ରେ ଭାରତ ସରକାରଙ୍କ ପକ୍ଷରୁ ଜନଗଣନା ହେବା ପରେ ଜନସଂଖ୍ୟା ପାଖାପାଖି ୩୬କୋଟି ବୋଲି ଜଣାପଡ଼ିଥିଲା । ଇଂରେଜ ଶାସନ କାଳରେ ପ୍ରତି ୧୦ ବର୍ଷରେ ଜନଗଣନା ହେଉଥିଲା ଏବେ ଏବେ ମଧ୍ୟ ସେଇ ପ୍ରଥା ଚାଲିଛି । ସେତେବେଳେ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ସ୍କୁଲ ଏପରିକି ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଶିକ୍ଷା ନିଃଶୁଳ୍କ ଥିଲା । ଯଦିଓ କିଛି ଘରୋଇ ଶିକ୍ଷାନୁଷ୍ଠାନ ଥିଲା ତେବେ ଶିକ୍ଷାର ପ୍ରବନ୍ଧନ ମୁଖ୍ୟତଃ ରାଜ୍ୟ ସରକାରଙ୍କ ଦାୟୀତ୍ୱ ଥିଲା । ସ୍ୱାଧିନତା ସମୟରେ(୧୯୪୭) ପ୍ରତି ବ୍ୟକ୍ତିର ବାର୍ଷିକ ଆୟ ୨୪୯ ଟଙ୍କା ୬୦ ଟଇସା ଥିଲା । ୨୦୨୨ ଶେଷ ସୁଦ୍ଧା ଭାରତର ଜନ ସଂଖ୍ୟା ୧୪୦କୋଟିକୁ ଟପିଯାଇଛି । ଲୋକଙ୍କ ବାର୍ଷିକ ଆୟ ବଢ଼ିଯାଇ ୧ଲକ୍ଷ ୭୨ ହଜାରରେ ପହଞ୍ଚିଛି ବୋଲି ଏନ୍‌ଏସଓ ର ରିପୋର୍ଟ କହୁଛି, ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତ ପ୍ରଗତି ପଥରେ ଆଗେଇଛି ନିଶ୍ଚୟ ହେଲେ କିଛି ତୃଟି ମଧ୍ୟ ରହିଛି । ଏକଥା ଏଇଥିପାଇଁ କୁହାଯାଉଛି ଯେ ଭାରତ ସ୍ୱାଧିନ ହେବା ବେଳେ ଟଙ୍କା ଏବଂ ଡଲାରର ମୂଲ୍ୟ ପ୍ରାୟତଃ ସମାନଥିଲା । କିନ୍ତୁ ଏବେ ଡଲାରର ବିନିମୟ ମୂଲ୍ୟ ୮୦ ଟଙ୍କା ବା ତା ଠାରୁ ଅଧିକ ହେଲାଣି । ସୁନା ଭରି(୧୦ଗ୍ରାମ)ର ମୂଲ୍ୟ ସେତେବେଳେ ୮୦ଟଙ୍କା ଥିଲା ଏବେ ୫୫ ହଜାରରୁ ଅଧିକ ହେଲାଣି । ଆମ ଟଙ୍କାର ଏତେ ଅବମୂଲ୍ୟାୟନ ହେଲା କାହିଁକି ଓ କେମିତି ହେଲା ? ନିଶ୍ଚିତ ଭାବରେ ଆମ ଆର୍ଥୀକ ବ୍ୟବସ୍ଥାରେ କିଛି ତୃଟି ରହିଛି । ଏହି ଅବମୂଲ୍ୟାୟନର କାରଣ ମଧ୍ୟରୁ ବିମୁଦ୍ରୀକରଣ, କୋରୋନା ମହାମାରୀ ସମୟରେ ବ୍ୟବସାୟ ଠପ୍ ହେବା ଓ ଶିକ୍ଷ ସଂସ୍ଥା ବନ୍ଦ ହୋଇଯିବା ଭଳି କାରଣ ମଧ୍ୟ ଅନ୍ୟତମ । ଅନେକେ ଏହାକୁ ସରକାରଙ୍କ ବିଫଳତା ବୋଲି କହୁଛନ୍ତି ।

ଦେଶରେ ଜାତିଗତ ବିଦ୍ୱେଷ, ହିନ୍ଦୁ-ମୁସଲିମ କହି ସମାଜକୁ ବିଭାଜିତ କରିବା, ଉଚ୍ଚ ଜାତି, ନୀଚଜାତି, ପଛୁଆ ଜାତି ଭଳି ଜାତିକୁ ବିଭାଜିତ କରାଯିବା ଓ ସର୍ବୋପରି ଶିଳ୍ପପତି ମାନଙ୍କୁ ପ୍ରୋତ୍ସାହିତ କରାଯାଉଥିବା ବେଳେ ଗରୀବ ଲୋକଙ୍କୁ ୫କେଜି ଚାଉଳ ଗହମ ବାଣ୍ଟିବା ଭଳି ଘଟଣା କେବଳ ସମାଜକୁ ନୁହେଁ ଦେଶକୁ ଦୁର୍ବଳ କରିଦେଉଛି । କେବଳ ଏତିକି ନୁହେଁ ଦେଶ ଭିତରେ ଆଭ୍ୟନ୍ତରୀଣ କଳହ, ଏକଚ୍ଛତ୍ର ଶାସନ କରିବାର ଇଚ୍ଛା ମଧ୍ୟ ଦେଶର ବିକାଶ ପାଇଁ ବାଧା ସୃଷ୍ଟି କରୁଛି । ଶାସନ ଗାଦିରେ ଯିଏ ବସୁଛି ସିଏ ଲୋକଙ୍କ ସମସ୍ୟାକୁ ଗୁରତ୍ୱ ଦେବା ପରିବର୍ତ୍ତେ ପୂର୍ବ ସରକାରର ଦୋଷ ଗୁଣ ବଖାଣି ଲୋକଙ୍କ ଧ୍ୟାନ ସେଇ ଆଡ଼କୁ ଟାଣିନେବାକୁ ଚେଷ୍ଟା କରୁଛି । ଦେଶରେ ଶିକ୍ଷିତ ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ନାହିଁ । ଦେଶରେ ଦରଦାମ ହୁ ହୁ ହୋଇ ବଢ଼ିବାରେ ଲାଗିଛି । ଲୋକେ ଦରଦାମ ବୃଦ୍ଧି ଯୋଗୁଁ ନୟାନ୍ତ ହେଉଥିବା ବେଳେ ସରକାର ଏକଥାକୁ ଏଡ଼ାଇ ଚାଲିଛନ୍ତି । ଦେଶରେ ଭିନ୍ନ ଏକ ମାହୋଲ ସୃଷ୍ଟି ହେବାରେ ଲାଗିଛି । ସରକାରୀ ଦଳ କଂଗ୍ରେସ ମୁକ୍ତ ଭାରତ କଥା କହୁଥିବା ଓ କଂଗ୍ରେସର ଦୋଷ ଦୁର୍ଗୁଣ ଏବଂ କଂଗ୍ରେସ ସରକାର ଅମଳର ଭ୍ରଷ୍ଟାଚାର କଥା ବଖାଣୁଥିବା ବେଳେ କଂଗ୍ରେସ ମଧ୍ୟ ସରକାରୀ ଦଳର ଭ୍ରଷ୍ଟାଚାର ବାବଦରେ ଅନେକ ଅଭିଯୋଗ ଆଣୁଛି । ନେତା ମାନଙ୍କର ବକ୍ତବ୍ୟରେ ଅନେକ ସମୟରେ ଶାଳୀନତା ମଧ୍ୟ ରହୁନାହିଁ । ସଂସଦ କାର୍ଯ୍ୟ ଠିକ୍ ଭାବରେ ଚାଲିପାରୁନାହିଁ । ଗାନ୍ଧୀ-ନେହେରୁଙ୍କୁ ଅପମାନିତ କରାଯାଉଛି, ହିନ୍ଦୁ ଓ ମୁସଲିମ ସମାଜମଧ୍ୟରେ ଘୃଣା ଭାବ ବଢୁଛି । ଦେଶର ସାର୍ବଜନୀନ ସମ୍ପତ୍ତି ବିକ୍ରୀ ହେବାରେ ଲାଗିଛି । ଏମିତି ଅନେକ କଥା ଚାଲିଛି ଯେଉଁଥିପାଇଁ କିଂଭୂତକିମାକାର ପରିସ୍ଥିତି ସୃଷ୍ଟି ହେଉଛି । ଏବେ କିଛିଦିନ ତଳେ ନୂତନ ସଂସଦଭବନ ଉଦ୍‌ଘାଟନ ସମୟର ସେଙ୍ଗୋଳ(ରାଜଦଣ୍ଡ)କୁ ନେଇ ମଧ୍ୟ ବିବାଦ ସୃଷ୍ଟି ହୋଇଛି । ତାମିଲ ଭାଷାରେ ସେଙ୍ଗୋଳର ଅର୍ଥ ନ୍ୟାୟ । ଚୋଳ ଶାସକମାନଙ୍କ ରାଜ୍ୟାଭିଷେକ ସମାରୋହରେ ସେଙ୍ଗୋଳକୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା । ଗତ ମେ ମାସ ୨୯ତାରିଖରେ ଇଣ୍ଡିଆନ ଏକ୍ସପ୍ରେସ୍ ଖବରକାଗଜରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅନ୍ୟତମ ପ୍ରମୁଖ ରାମ ମାଧବଙ୍କର 'ଦି ସୁପ୍ରିମ୍ ଅଥରିଟି' ଶୀର୍ଷକ ଲେଖା ପ୍ରକାଶ ପାଇଥିଲା । ରାମ ମାଧବ ସେଥିରେ ସେଙ୍ଗୋଲ କଥା ଉଠାଇ ରାଜଦଣ୍ଡକୁ ରାଜଚିହ୍ନର ପ୍ରତୀକ ବୋଲି ଉଲ୍ଲେଖ କରିଛନ୍ତି । ନରୱେ, ସ୍ୱିଡେନ୍, ଇଂଲଣ୍ଡରେ ଏବେ ରାଜଦଣ୍ଡର ପ୍ରଚଳନ ଅଛି ବୋଲି ମଧ୍ୟ ଲେଖିଥିଲେ । କିନ୍ତୁ ଏବେ ଭାରତରେ ରାଜତନ୍ତ୍ର ନାହିଁ । ଏଣୁ ସେଙ୍ଗୋଳ ପ୍ରସଙ୍ଗ ଉଠାଇ ରାମମାଧବ କ'ଣ କହିବାକୁ ଚାହୁଁଛନ୍ତି ? ସଂସଦ ଭବନ ଉଦ୍‌ଘାଟନ ସମାରୋହରେ ରାଷ୍ଟ୍ରପତି ଉପରାଷ୍ଟ୍ରପତିଙ୍କ ଅନୁପସ୍ଥିତିକୁ ନେଇ ଅନେକ ପ୍ରଶ୍ନ ମଧ୍ୟ ଉଠୁଛି । ଶାସକ ଓ ବିରୋଧି ପରସ୍ପର ବିରୁଦ୍ଧରେ କହିବେ । ରାଜନୀତିରେ ଏହା ନୂଆ କଥା ନୁହେଁ । କିନ୍ତୁ ସବୁ ପରେ ଲୋକଙ୍କ ଜ୍ୱଳନ୍ତ ସମସ୍ୟା କଥା ବୁଝିବା ଓ ଏହାର ସମାଧାନ କରାଯିବା ମଧ୍ୟ ଜରୁରୀ । ସରକାରୀ ଦଳ ହୁଅନ୍ତୁ ବା ବିରୋଧି ଲୋକଙ୍କ ସମସ୍ୟାକୁ ଅଗ୍ରାଧିକାର ଦେବା ସର୍ବାଦୌ ଆବଶ୍ୟକ ଅନ୍ୟଥା ଲୋକଙ୍କ ମୁଡ୍ (ମାନସିକତା) କେତେବେଳେ ବି ବଦଳିଯିବ ସେକଥା କହିବା ମୁସ୍କିଲ୍ ।

# ଓଡ଼ିଶାର ଅନନ୍ୟ ଅକ୍ଷୟ ସମ୍ପଦ - ମାଣ୍ଡିଆ

॥ ବିପିନ ବିହାରୀ ରାଉତ ॥

ଦିନ ଥିଲା ମାଣ୍ଡିଆକୁ ଗରିବ ଓ ଅନଗ୍ରସର ଲୋକଙ୍କ ଖାଦ୍ୟ ରୂପେ ବିବେଚନା କରାଯାଇ ଆଡ଼ ଆଖିରେ ଦେଖାଯାଉଥିଲା। କିନ୍ତୁ ଏବେ ସମୟ ବଦଳିଛି। ଆଜିର ଦିନରେ ମାଣ୍ଡିଆ ଓ ମାଣ୍ଡିଆ ଜାତୀୟ ଖାଦ୍ୟ ବା ମିଲେଟ ଥିଲାବାଲାଙ୍କ ଖାଦ୍ୟ ଥାଳିରେ ସ୍ଥାନ ପାଉଛି। ପୁଷ୍ଟିସାର, ଲୌହ, ଜୀବସାର, ଖଣିଜ ଓ ତନ୍ତୁଜାତୀୟ ଉପାଦାନରେ ସମୃଦ୍ଧ ମିଲେଟ ଏବେ ବିକଳ୍ପ ବିହୀନ ଖାଦ୍ୟ ଶସ୍ୟ ଭାବେ ମାନ୍ୟତା ପାଇଛି। ଅପରପକ୍ଷରେ ମିଲେଟ ଧାନ ପରି ଏକ ସୁକୁମାରୀ କୃଷିଜାତ ଶସ୍ୟ ନୁହେଁ। ଏହା ଯେ କୌଣସି ମାଟିରେ, ଯେକୌଣସି ଜଳବାୟୁରେ ବିନା ଜଳ ସେଚନରେ ମଧ୍ୟ ବଢ଼ିପାରେ। ଧାନ ଚାଷରୁ ଉତ୍ପନ୍ନ ମିଥେନ ବାଷ୍ପ ବିଶ୍ୱ ତାପମାନ ବୃଦ୍ଧିର ଅନ୍ୟତମ କାରଣ ହୋଇଥିବାବେଳେ ମିଲେଟ ଏହି ଅଭିଯୋଗରୁ ମୁକ୍ତ। ମିଲେଟର ରୋଗପୋକ ପ୍ରତିରୋଧକ ଶକ୍ତି ଧାନ ଠାରୁ ବହୁ ଅଧିକ। ତେଣୁ ମିଲେଟ ଚାଷ କୀଟନାଶକ ଓ ରାସାୟନିକ ସାର ଜନିତ ଖର୍ଚ୍ଚ ରହିତ। ଏକ ପକ୍ଷରେ ତୁଳନାତ୍ମକ ଭାବେ ବହୁ କମ ଖର୍ଚ୍ଚରେ ଓ ଅପରପକ୍ଷରେ ଅଧିକ ପୁଷ୍ଟିକର ଖାଦ୍ୟ ଭାବେ ମିଲେଟ ଯେ କ୍ଷୁଧାମୁକ୍ତ ଓ ପୌଷ୍ଟିକ ବିଶ୍ୱ ଗଠନରେ ପ୍ରଧାନ ଭୂମିକା ନିର୍ବାହ କରିବାକୁ ଯାଉଛି ଏଥିରେ ଦ୍ୱିରୁକ୍ତି ନାହିଁ। ଦେଶରେ ଯେପରି କୌଣସି ଲୋକ ଭୋକରେ ରହିବେ ନାହିଁ ତାହା ନିଶ୍ଚିତ କରିବାକୁ ସୁପ୍ରିମକୋର୍ଟ ନିକଟରେ କେନ୍ଦ୍ର ସରକାରଙ୍କୁ ଦେଇଥିବା ପରାମର୍ଶ କାର୍ଯ୍ୟକାରୀ କରିବାରେ ମଧ୍ୟ ମିଲେଟ ଏକ ନିର୍ଣ୍ଣାୟକ ଭୂମିକା ନେବ।

କ୍ଷୁଧାମୁକ୍ତ ବିଶ୍ୱ ଗଠନ ପରିକଳ୍ପନାରେ ମିଲେଟର ଏହି ବିକଳ୍ପବିହୀନ ଓ ପ୍ରଧାନ ଅବଦାନକୁ ସମ୍ମାନ ଦେଇ ଏବଂ ମିଲେଟ ପ୍ରତି ଆଦରଣୀୟତା ବୃଦ୍ଧି ନିମନ୍ତେ ଜାତିସଂଘ ଆଗାମୀ ବର୍ଷ ଅର୍ଥାତ୍ ୨୦୨୩କୁ ଆନ୍ତର୍ଜାତିକ ମିଲେଟ ବର୍ଷ ରୂପେ ପାଳନ କରିବାକୁ ନିଷ୍ପତ୍ତି ନେଇଛି। ଇଟାଲୀର ରୋମ ଠାରେ ଅବସ୍ଥିତ ଖାଦ୍ୟ ଓ କୃଷି ସଂଗଠନର ମୁଖ୍ୟାଳୟ ଠାରେ ଗତକାଲି ଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦଘାଟନୀ ଉତ୍ସବର ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ଯେ ବିଶ୍ୱରେ ଏବେ ବି ଖାଦ୍ୟ ସୁରକ୍ଷା ଏକ ମୁଖ୍ୟ ଆହ୍ୱାନ ହୋଇ ରହିଛି। ବିଶେଷକରି କରୋନା ମହାମାରୀ ପରେ କେତେକ ବିବାଦୀୟ ପରିସ୍ଥିତି ଏହି ସମସ୍ୟାକୁ ଆହୁରି ଜଟିଳ କରିଛି। ଏହି ପୃଷ୍ଠଭୂମିରେ ଭବିଷ୍ୟତର ପ୍ରମୁଖ ଖାଦ୍ୟ ରୂପେ ମିଲେଟକୁ ଗ୍ରହଣ କରିବା ହିଁ ବର୍ତ୍ତମାନ ସମୟର ଆବଶ୍ୟକତା। ଏହା ଗ୍ରାହକ, କୃଷକ ଓ ପରିବେଶ ପାଇଁ ହିତକର। କୃଷି ଉତ୍ପାଦନରେ ତଥା ଖାଦ୍ୟରେ ବିବିଧତା ସୃଷ୍ଟି ଏବଂ ପୁଷ୍ଟିହୀନତା ବିରୋଧ ସଂଗ୍ରାମରେ ମଧ୍ୟ ମିଲେଟ ସହାୟକ ହୋଇପାରିବ। ତେଣୁ ମିଲେଟ ମାଇଣ୍ଡଫୁଲନେସ ସୃଷ୍ଟି ହେବା ନିହାତି ଆବଶ୍ୟକ।

ଆଉ ଦୁଇପାଦ ଆଗକୁ ଯାଇ ଓଡ଼ିଶା ସରକାର ଗତ ନଭେମ୍ବର ୧୦ ତାରିଖକୁ ମିଲେଟ ଦିବସ ଭାବେ ପାଳନ କରିସାରିଛନ୍ତି। ଓଡ଼ିଶାରେ ମିଶନ ଶକ୍ତି, ବିଏସକେୱାଇ ପରେ ମିଲେଟ ମିଶନ ଏକ ପ୍ରମୁଖ କୃଷିଭିତ୍ତିକ ଅର୍ଥନୈତିକ ଆନ୍ଦୋଳନ ରୂପ ନେଇଛି। ଓଡ଼ିଶା ସରକାର ମଧ୍ୟ ଏଥିପାଇଁ ପ୍ରଚୁର ପ୍ରୋତ୍ସାହନ ଯୋଗାଉ ଦେଉଛନ୍ତି। ତେଣୁ ଜାତିସଂଘ ଏବଂ ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନ ମିଲେଟକୁ ମୁଖ୍ୟ ଯୋଜନାରେ ସାମିଲ କରିବା ଓଡ଼ିଶା ପାଇଁ ଯେତିକି ଗୌରବ ଆଣିଛି ଓଡ଼ିଶାର କୃଷିଜୀବୀଙ୍କୁ ତା ଠାରୁ ଅଧିକ ସୁଯୋଗ ଦେଇଛି। ବିଶ୍ୱରେ ମିଲେଟ ଖାଦ୍ୟ ଚାହିଦା ବଢ଼ିଲେ ଓଡ଼ିଶାର ଚାଷୀମାନେ ଅଧିକରୁ ଅଧିକ ଏହି ଶସ୍ୟ ଚାଷ କରି ଉପକୃତ ହୋଇପାରିବେ। ଧାନ ଚାଷ ସହିତ ଜଡ଼ିତ ମରୁଡ଼ି, ବନ୍ୟା, ବାତ୍ୟା, ରୋଗ, ପୋକ ଭୟରୁ ଚାଷୀମାନେ ମୁକ୍ତ ହେବେ। ଗରିବ ଭୂମିହୀନ ଚାଷୀମାନେ ଆଉ ଚାଷଜନିତ କ୍ଷତି ଓ ଋଣଭାରରେ ଚିନ୍ତାଗ୍ରସ୍ତ ହୋଇ ଆତ୍ମହତ୍ୟା କରିବେ ନାହିଁ। ଅଧିକନ୍ତୁ ଚାଷୀ ପରିବାର ସ୍ୱଚ୍ଛଳ ହେବା ସହିତ ରାଜକୋଷ ମଧ୍ୟ ସମୃଦ୍ଧ ହୋଇପାରିବ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ଓଡ଼ିଶାରେ ୨୦୧୭ରୁ ଆରମ୍ଭ ହୋଇଥିବା ଓଡ଼ିଶା ମିଲେଟ ମିଶନ ଇତିମଧ୍ୟରେ ୩୦ଟି ଜିଲ୍ଲାର ୧୭୭ ବ୍ଲକରେ ସଫଳତାର ସହ କାର୍ଯ୍ୟକାରୀ ହେଉଛି। ୨୦୨୨-୨୩ ଖରିଫ ଋତୁ ସୁଦ୍ଧା ୭୪ ହଜାର ୮ଶହ ୨୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯାଉଥିବାବେଳେ ପ୍ରାୟ ୧ଲକ୍ଷ ୫୮ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଏଥିରେ ସାମିଲ ହୋଇଛନ୍ତି। ମିଲେଟ ଅମଳ ପରବର୍ତ୍ତୀ ପରିଚାଳନା ପାଇଁ ୟୁନିଟ ସ୍ଥାପନର ବିକେନ୍ଦ୍ରୀକରଣ କରାଯିବା ସହିତ ଚାଷୀମାନେ ଯେପରି ସମନ୍ୱିତ ଶିଶୁ ବିକାଶ ଯୋଜନା, ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମାଣ୍ଡିଆକୁ ସାମିଲ କରାଯାଇଛି ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ମାଣ୍ଡିଆରୁ ୩୦ରୁ ଊର୍ଦ୍ଧ୍ୱ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ଏହାର ବିକ୍ରୟ ପାଇଁ ଉପଯୁକ୍ତ ବଜାର ସୃଷ୍ଟି କରାଯାଉଛି। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ଆୟୋଜିତ ବୈଠକ ଓ ସମ୍ମିଳନୀରେ ମାଣ୍ଡିଆରୁ ପ୍ରସ୍ତୁତ ସ୍ନାକ୍ସ ପରସା ଯିବା ପାଇଁ ନିଷ୍ପତ୍ତି ହୋଇଛି। ମିଶନ ଶକ୍ତି ବିଭାଗ ସହାୟତାରେ ବିଭିନ୍ନ ଜିଲ୍ଲାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ୧୨୬ଟି ମିଲେଟ ଟିଫିନ ସେଣ୍ଟର ପରିଚାଳିତ ହେଉଛି। ୨ଟି ମିଲେଟ ଶକ୍ତି କାଫେ, ୨ଟି ମିଲେଟ ଶକ୍ତି ଆଉଟଲେଟ ଖୋଲାଯାଇଛି। ମିଲେଟ ଓ ମିଲେଟରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀର ପ୍ରଚାର ପ୍ରସାର ତଥା ବିକ୍ରି ପାଇଁ ୪ଟି ମିଲେଟ ଶକ୍ତି ଅନହୁଇଲର ବ୍ୟବସ୍ଥା କରାଯାଇଛି। ବିଶ୍ୱକପ ହକି ଅବସରରେ ଭୁବନେଶ୍ୱର ଓ ରାଉରକେଲାର ବିଭିନ୍ନ ଷ୍ଟାଡିୟମରେ ମିଲେଟ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ପରସା ଯିବାର ବ୍ୟବସ୍ଥା ହୋଇଛି। ରାଜ୍ୟର ଜନଜାତି ବିଦ୍ୟାଳୟମାନଙ୍କରେ ଦୈନିକ ଛାତ୍ରଛାତ୍ରୀ ମାନଙ୍କ ମିଲେଟରୁ ପ୍ରସ୍ତୁତ ପୌଷ୍ଟିକ ଲଡୁ ବଣ୍ଟନ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ରାଜ୍ୟର ବିଭିନ୍ନ ରେସ୍ତୋରାଁ ଓ କାଫେର ମେନ୍ୟୁରେ ମଧ୍ୟ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ମାସ୍କଟ ମିଲିକୁ ଦାୟିତ୍ୱ ଦିଆଯାଇଛି। ଓଡ଼ିଶାର ମିଲେଟ ମିଶନକୁ ନିତି ଆୟୋଗ ଓ ପ୍ରଧାନମନ୍ତ୍ରୀ ପ୍ରଶଂସା କରିବା ସହିତ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ସ୍ୱୀକୃତି ମିଳିଛି। ଅନ୍ୟ ରାଜ୍ୟମାନେ ଓଡ଼ିଶାର ଏହି ଯୁଗାନ୍ତକାରୀ ଅଭିଯାନକୁ ମଡ଼େଲ ଭାବେ ଗ୍ରହଣ କରୁଛନ୍ତି। ପ୍ୟାରିସରେ ଆୟୋଜିତ ବିଶାଳ ଅନ୍ତର୍ଜାତୀୟ ଖାଦ୍ୟ ଉତ୍ପାଦନ ପ୍ରଦର୍ଶନୀ ସିଆଲ୨୦୨୨ରେ ଓଡ଼ିଶାର ମିଲେଟ ସାମିଲ ହୋଇପାରିଛି। ଅନ୍ତର୍ଜାତୀୟ ସ୍ତରରେ ସବୁଜ ବିପ୍ଳବ କାର୍ଯ୍ୟକ୍ରମ ଜରିଆରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ମଧ୍ୟ ଓଡ଼ିଶା ମିଲେଟ ମିଶନର ଭାଗିଦାରୀ ହୋଇଛି।

ଆଜି ସାଧାରଣ ମାଣ୍ଡିଆର ଅସାଧାରଣ ଗୁଣଗାନରେ ସାରା ବିଶ୍ୱ ପ୍ରଗଳ୍ଭ ହୋଇଥିବାବେଳେ ଓଡ଼ିଶାରେ ଗତ ପାଞ୍ଚ ବର୍ଷ ହେଲା ଆରମ୍ଭ ଏହି ନିରବ ବିପ୍ଳବ ଓଡ଼ିଶାର ଆଦିବାସୀ ଓ ଗ୍ରାମାଞ୍ଚଳ ପାଇଁ ପୌଷ୍ଟିକ ଖାଦ୍ୟ, କୃଷି ଆୟ ବୃଦ୍ଧି ଏବଂ କୃଷି ଓ ଖାଦ୍ୟାନ୍ନ ବିବିଧତାର ଅକ୍ଷୟ ଭଣ୍ଡାରର ବାର୍ତ୍ତା ଆଣିଦେଇଛି। ଦିନ ଆସିବ ମାଣ୍ଡିଆ, ବାଜରା, ଯଅ ଓ ସୁଆଁ ଆଦି ଧାନ ଓ ଗହମକୁ ଟପି କ୍ଷେତବାଡ଼ିରେ, ଖାଇବା ଥାଳିରେ ତଥା ହୋଟେଲ ଓ ରେସ୍ତୋରାଁରେ ପ୍ରାଧାନ୍ୟ ବିସ୍ତାର କରିବ, କେବଳ ଓଡ଼ିଶାରେ ନୁହେଁ ଓ ଭାରତରେ ନୁହେଁ ବରଂ ସାରା ବିଶ୍ୱରେ। ଓଡ଼ିଶାର ଦୂରଦର୍ଶୀ ମିଲେଟ ମିଶନ ଆମ ରାଜ୍ୟ ପାଇଁ ଏକ ନୂତନ ପୁଷ୍ଟିକର ପରିଚୟ ଆଣିଦେବ।

**ଶ୍ରୀବିହାର କଲୋନୀ, କଟକ, ଦୂରଭାଷ : ୯୪୩୭୬୬୬୪୫୩**

# ରାବଣକୁ ବେଦମତୀଙ୍କ ଅଭିଶାପ

॥ ଦିଲ୍ଲୀପ କୁମାର ମହାରଣା ॥

ପୂର୍ବ କାଳରେ ବୃହସ୍ପତି ନାମରେ ଜଣେ ରାଜା ଥିଲେ। ସେ ଅତି ପ୍ରଭାବଶାଳୀ ଓ ଧାର୍ମିକ ଥିଲେ। ତାଙ୍କର ପୁତ୍ରଙ୍କ ନାମ କୁଶଧ୍ୱଜ। ସେହି କୁଶଧ୍ୱଜ ଯେପରି ସୁନ୍ଦର ସେହିପରି ଶାନ୍ତ, ଶୁଶୀଳ ମଧ୍ୟ ଥିଲେ। ପ୍ରଜା ମାନଙ୍କୁ ସେ ପୁତ୍ରସମ ପାଳନ କରୁଥିଲେ। କୁଶଧ୍ୱଜ ରାଜା ରାଜ କାର୍ଯ୍ୟରୁ ଅବସର ମିଳିଲେ ସର୍ବଦା ବେଦପାଠ କରନ୍ତି। ସେହି ବେଦବାକ୍ୟରୁ ଏକ ଅନୁପମା ସୁନ୍ଦରୀ କନ୍ୟା ଜାତ ହେଲା। ସେହି କନ୍ୟାର ନାମ ବେଦମତୀ ବୋଲି ଦେଇ ରାଜା ରାଣୀଙ୍କ କୋଳରେ କନ୍ୟାକୁ ପ୍ରଦାନ କରି କହିଲେ, ରାଣୀ ! ଏହି କନ୍ୟା ବେଦରୁ ସମ୍ଭୂତ ହୋଇଛି। ମୁଁ ଏହାର ନାମକରଣ କରିଛି ବେଦମତୀ। ଏହି କନ୍ୟା ପୃଥିବୀର ହିତାକାରିଣୀ ହେବ। ତେଣୁ ହେ ରାଣୀ ଏହାକୁ ଯତ୍ନରେ ପାଳନ କର। ଧୀରେ ଧୀରେ ଚନ୍ଦ୍ରମା ପରି ବେଦମତୀ ବଢ଼ିବାରେ ଲାଗିଲା। ବେଦମତୀଙ୍କ ରୂପ ଗୁଣ ଚମ୍ପକ ପୁଷ୍ପର ମହକ ପରି ଚଉଦିଗ ବ୍ୟାପିଗଲା। ଅନେକ ଦେଶ ଓ ରାଜ୍ୟରୁ ରାଜପୁତ୍ରମାନେ ଆସି କୁଶଧ୍ୱଜଙ୍କ ଦ୍ୱାରସ୍ଥ ହେଲେ ବେଦମତୀଙ୍କୁ ପ୍ରାପ୍ତି କରିବା ମାନସରେ। ତେବେ ସେ ବିଷ୍ଣୁଙ୍କ ପାଇଁ ଉଦ୍ଦିଷ୍ଟ ବୋଲି କହି କୁଶଧ୍ୱଜ ସମସ୍ତଙ୍କୁ ବାହୁଡ଼ାଇ ଦିଅନ୍ତି। ଶମ୍ଭୁ ନାମରେ ଏକ ରାକ୍ଷସ ଥିଲା ସେ ବେଦମତୀଙ୍କୁ ପାଇବାରେ ବିଫଳ ହେବାର ଦିନେ ଅର୍ଦ୍ଧରାତ୍ରିରେ କୁଶଧ୍ୱଜଙ୍କୁ ହତ୍ୟା କରି ପଳାୟନ କଲା।

କୁଶଧ୍ୱଜଙ୍କ ମୃତ୍ୟୁ ସମ୍ବାଦ ପାଇ ଅଗ୍ନିଜାଳି ତା ମଧ୍ୟରେ ପ୍ରବେଶ କଲେ। ବେଦମତୀ ପିତୃମାତୃ ଶୂନ୍ୟ ହୋଇ ହିମଗିରି ନିକଟରେ ପ୍ରଭୁପ୍ରାପ୍ତି ନିମନ୍ତେ ତପସ୍ୟା ରତ ହେଲେ। ଏପଟେ ଲଙ୍କାର ରାଜା ରାବଣ ବନରେ ବୁଲୁଥିବା ବେଳେ ଦେଖିଲା ଏକ ଅନିନ୍ଦ୍ୟ ସୁନ୍ଦରୀ କନ୍ୟା ବସି ତପସ୍ୟା କରୁଛି। ରାବଣ ସେହି କନ୍ୟା ପାଖରେ ଯାଇ ପ୍ରବେଶ ହେଲା, କହିଲା ହେ ସୁନ୍ଦରୀ ! କାହିଁକି ଏହି ଘନ ଜଙ୍ଗଲ ମଧ୍ୟରେ ମୃଗଚର୍ମ ପରିଧାନ କରି ତପସ୍ୟା କରୁଛ ? ଆସ ମୁଁ ତୁମ୍ଭକୁ ନେଇ ଲଙ୍କାଗଡ଼ରେ ରାଣୀ କରି ରଖିବି। ବେଦମତୀ ସେତେବେଳେ ତପସ୍ୟାରେ ସିଦ୍ଧି ଲାଭ କରି ସାରିଥାନ୍ତି। ତେଣୁ ସେ କହିଲେ ହେ ବିଶ୍ରବା ନନ୍ଦନ ମୁଁ କୁଶଧ୍ୱଜ ରାଜାଙ୍କ ବେଦରୁ ଉତ୍ପନ୍ନ ହୋଇଛି। ମୋର ନାମ ବେଦମତୀ। ମୋର ପିତା ମୋତେ ବିଷ୍ଣୁଙ୍କୁ ପ୍ରଦାନ କରିଛନ୍ତି। ତୁମ୍ଭେ ମୋ ତପସ୍ୟାରେ ବିଘ୍ନ ନଘଟାଇ ତୁମ୍ଭ ଲଙ୍କାଗଡ଼କୁ ବାହୁଡ଼ିଯାଅ। ତେବେ ବେଦମତୀଙ୍କ କୌଣସି କଥା ଶୁଣିବା ପାଇଁ ରାବଣ ପ୍ରସ୍ତୁତ ନଥିଲା। ସେ ବେଦମତୀଙ୍କ ମସ୍ତକର କେଶକୁ ନିଜ ହସ୍ତରେ ସାଉଁଳି ଦେଲା। ବେଦମତୀ ପ୍ରଜ୍ୱଳିତ ଅଗ୍ନିସବ ପରି ଜଳି ଉଠି କହିଲେ ରେ ପାପୀ, ଦୁରାତ୍ମା ଯେଉଁ କେଶକୁ କେହି ଏ ପର୍ଯ୍ୟନ୍ତ ସ୍ପର୍ଶ କରିନଥିଲେ, ତୁ ପାଷାଣ୍ଡ ତାକୁ ସ୍ପର୍ଶ କରି ମୋ ଶରୀରକୁ ତୁ ଅପବିତ୍ର କଲୁ। ଏହା କହି ବେଦମତୀ କେଶକୁ ମୁକୁଳା କରି ଦେଇ ନିଜର ହସ୍ତ ଦ୍ୱାରା ସମସ୍ତ କେଶକୁ ଛେଦି ପକାଇଲେ। ତାଙ୍କ ନେତ୍ରରୁ ଅଗ୍ନିକଣା ବାହାରିବାକୁ ଲାଗିଲା।

ଅତି କ୍ରୋଧରେ ବେଦମତୀ କହିଲେ ଯେ, ଦୁଷ୍ଟ ମନ୍ଦମତି ! ମୋତେ ଅନ୍ୟ ନାରୀ ସମ ଭାବି ନିଜ ନାରୀ କରିବାକୁ ଇଚ୍ଛା କଲୁ। ମୋ ନେତ୍ର ଅନଳରେ ଜାଳି ତତେ ଭସ୍ମ କରିଦେଇଥାନ୍ତି। କିନ୍ତୁ ମୋତେ ପୁରୁଷ ହତ୍ୟା ଦୋଷ ଲାଗିବ। ତୁ ପାପୀ ମୋର ଏହି ଶରୀର ଆଉ ବିଷ୍ଣୁଙ୍କ ଯୋଗ୍ୟ ନୁହେଁ। ମୋ ଲାଗି ତୋର ବିନାଶ ଘଟିବ। ମୁଁ ଆଉ ଗୋଟିଏ ଜନ୍ମ ନେବି। ରେ ପାପୀ ଦଶାନନ। ମୁଁ ପୁଣି ଥରେ କହୁଛି, ମୁଁ ପୁଣି ଜନ୍ମ ଗ୍ରହଣ କରିବି ତୋର ପ୍ରାଣ ବିନାଶ କରିବି। ଏହିପରି କହି ବେଦମତୀ ନିଜ ନେତ୍ରାନଳରେ ଅଗ୍ନି ପ୍ରଜ୍ୱଳିତ କରି ନିଜ ଶରୀରକୁ ଭସ୍ମ କଲେ। ରାବଣ ବିସ୍ମିତ ହୋଇ ଚାହିଁ ରହିଲା।

ଶିଖରପୁର ଉପରସାହି, କଟକ, ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯,

## ଜିନ୍ଦଲ୍ ବିଦ୍ୟାଳୟର ଏଦୁଫେଷ୍ଟ ବାର୍ଷିକ ପ୍ରଦର୍ଶନୀ



ଯୋଡ଼ା,(ମହାଭାରତ) କେନ୍ଦୁଝର ଜିଲ୍ଲା ସୋୟାବାଲି ସ୍ଥିତ ଜିନ୍ଦଲ ବିଦ୍ୟାଳୟ ପରସର ମଧ୍ୟରେ ଶନିବାର ଏଦୁଫେଷ୍ଟ ବାର୍ଷିକ ପ୍ରଦର୍ଶନୀ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜ୍ଞାନ ପ୍ରଦର୍ଶନୀ,ସାମାଜିକ ବିଜ୍ଞାନ, ଗଣିତ,ହିନ୍ଦି ସଂସ୍କୃତ, ଇଂରାଜୀ ,ଓଡ଼ିଆ ଭାଷା, କ୍ରୀଡ଼ା, କମ୍ପ୍ୟୁଟର ତଥା ସଙ୍ଗୀତ, କଳାଚିତ୍ର ପ୍ରଦର୍ଶନୀ ଆୟୋଜିତ କରାଯାଇଥିଲା। ପାଠ୍ୟ ପୁସ୍ତକରେ ପଢିଥିବା ଜ୍ଞାନକୁ ପିଲାମାନେ ଅତି ସୁନ୍ଦର ଭାବରେ ନିଜ ନିଜର ପ୍ରକଳ୍ପ ମାଧ୍ୟମରେ ଉପସ୍ଥାପନା କରିଥିଲେ ।ଏହି ଆୟୋଜନରେ ମୁଖ୍ୟ ଅତିଥି ଭାବେ ଏଚ.ଆର. ମୁଖ୍ୟ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ଆଶିଷ ରଂଜନ ମହାନ୍ତି ଏବଂ ବି.ବି.ସାହୁ ଇ.ଭି.ପି.ମାଇନ୍ସ, ଏସ୍ଏମ୍.ପି.ଏଲ୍ ଏବଂ ବିଦ୍ୟାଳୟ ପରିଚାଳନ କମିଟିର ସଭ୍ୟ ଏବଂ ଏଚ୍. ଏନ୍. ସିଂହ ଭି.ପି. ମାଇନସ୍ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ, ଜିନ୍ଦଲ ସ୍କୁଲ ଯୋଗ ଦେଇ ବିଦ୍ୟାଳୟରେ ଆୟୋଜିତ ବାର୍ଷିକ ପ୍ରଦର୍ଶନୀର ଶୁଭ ଉଦ୍ଘାଟନ କରିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ବିଭାଗରେ ଆୟୋଜିତ ପ୍ରକଳ୍ପ ଗୁଡ଼ିକୁ ଟିକିନିଖି କରି ଦେଖି ପିଲାମାନଙ୍କ ମନୋବଳକୁ ଦ୍ୱିଗୁଣିତ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ପ୍ରକଳ୍ପ ପ୍ରଦର୍ଶନୀରେ ପ୍ରାୟ ଦୁଇଶହରୁ ଅଧିକ ପ୍ରକଳ୍ପ ସ୍ଥାନ ପାଇଥିଲା। ପ୍ରାୟ ସମସ୍ତ ଛାତ୍ର ଛାତ୍ରୀ , ଅଭିଭାବକ ଉପସ୍ଥିତ ରହି କାର୍ଯ୍ୟକ୍ରମର ମଜା ନେବା ସଙ୍ଗେ ସଙ୍ଗେ ଆୟୋଜିତ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନୀକୁ ଭରପୁର ଉପଭୋଗ କରିଥିଲେ । ଅଭିଭାବକ , ଅତିଥି ମହଲରେ ଛାତ୍ର ଛାତ୍ରୀ, ଶିକ୍ଷକ , ଶିକ୍ଷୟିତ୍ରୀଙ୍କ ସହଯୋଗ ଯୋଗୁ ସୁନ୍ଦର ପ୍ରଦର୍ଶନୀ ଆୟୋଜିତ କରାଯାଇଥିବାରୁ ଭୁରିଭୁରି ପ୍ରଶଂସା କରାଯାଇଛି ।

## ନୟାଗଡ଼ ଜିଲ୍ଲା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

# ବୈଠକରୁ ବାଦ୍ ଦିଆଗଲା ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଓ ସାମ୍ବାଦିକ ବାଦ

ନୟାଗଡ଼, ( ମହାଭାରତ ) : ପ୍ରତ୍ୟେକ ବର୍ଷ ଜିଲ୍ଲା ମହୋତ୍ସବକୁ ବେଶ୍ ଧୁମ୍ଧାମରେ ପାଳନ କରାଯାଏ। ଡିସେମ୍ବର ୨୪ ରୁ ୨୮ ଯାଏଁ ପାଳନ ହେଉଥିବା ଏହି ଉତ୍ସବକୁ ସ୍ଥାନୀୟ ବାସିନ୍ଦା ମାନେ ବେଶ୍ ଉପଭୋଗ କରିଥାନ୍ତି। ଏଣୁ ଏହି କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିବା ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଏ। ଜିଲ୍ଲା ପ୍ରଶାସନ ପ୍ରତ୍ୟେକ ଥର ଅକ୍ଟୋବର ଶେଷ ସପ୍ତାହରୁ ପ୍ରସ୍ତୁତି ବୈଠକ ଶେଷ କରିଦିଏ। ମାତ୍ର ଚଳିତ ଥର ନଭେମ୍ବର ଶେଷ ସପ୍ତାହରେ ଏହି ବୈଠକ ଡକାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ବୈଠକରୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସାମ୍ବାଦିକ ମାନଙ୍କୁ ବାଦ୍ ଦିଆଯାଇଛି। ଫଳରେ ଏହାକୁ ନେଇ ଏବେ ସବୁ ମହଲରେ ଅସନ୍ତୋଷ ଦେଖାଦେଇଛି। ଜିଲ୍ଲା ମହୋତ୍ସବରେ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ କଳାକାର ମାନେ ଆସି ସେମାନଙ୍କର ପରାକାଷ୍ଠା ଦେଖାଇଥାନ୍ତି। ଏହା ସହ ଏହି ଅବସରରେ ବିଭିନ୍ନ ବର୍ଗରେ କାର୍ଯ୍ୟରତ ବିଶେଷଜ୍ଞ ମାନଙ୍କର ଲେଖା ଗୁଡ଼ିକୁ ନେଇ ଏକ ପତ୍ରିକା ଛପାଯାଇଥାଏ। ସେଥିପାଇଁ ଦୁଇ ମାସ ଆଗରୁ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଯାଏ। ଲେଖା ଗୁଡ଼ିକୁ ତର୍ଜମା କରିବା ପାଇଁ ଏକ କମିଟି ଗଠନ କରାଯାଏ। ଏହି କମିଟିର ସଦସ୍ୟ ମାନେ ଲେଖା ଗୁଡ଼ିକୁ ସଂଶୋଧନ କରିବା ପରେ ଏହାକୁ ଛପାଯାଏ। ମାତ୍ର ଏ



ଦିଗରେ କିଛି ବି ପଦକ୍ଷେପ ନିଆଯାଇନାହିଁ। କେବେ ଲେଖା ଆସିବ ଓ କେବେ ଛପା ହେବ, ଏହାକୁ ନେଇ ଏବେ ଆଶଙ୍କା ସୃଷ୍ଟି ହୋଇଛି। ପ୍ରତ୍ୟେକ ବର୍ଷ ପ୍ରସ୍ତୁତି ବୈଠକରେ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସାମ୍ବାଦିକ ମାନଙ୍କୁ ସାମିଲ୍ କରାଯାଇ ସେମାନଙ୍କ ମତାମତ ସଂଗ୍ରହ କରାଯାଏ। ସମସ୍ତଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମକୁ ବେଶ୍ ସଫଳତାର ସହ ଆୟୋଜନ କରାଯାଏ। ମାତ୍ର ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖା ଦେଇଥିବାରୁ ଏହାକୁ ନେଇ ବିଭିନ୍ନ ପ୍ରକାର ଚର୍ଚ୍ଚା ଓ ଆଲୋଚନା ଶୁଣିବାକୁ ମିଳୁଛି ବିଶେଷ କରି ଜିଲ୍ଲା ରାଜନୀତିରେ ହୋଇଥିବା ପରିବର୍ତ୍ତନ ଯୋଗୁ ଏମିତି ସମସ୍ୟା ସୃଷ୍ଟି ହୋଇଛି ବୋଲି ଅନେକ ମତ ଦେଉଛନ୍ତି। ଏମିତିକି ଏହି ମହୋତ୍ସବକୁ ଆୟୋଜନ କରିବା ଦିଗରେ କୌଣସି ନେତା ଆଗକୁ ଆସୁନଥିବା ଅନୁମାନ କରାଯାଉଛି। ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପୁରୀ ସାଂସଦ ଡା. ସମ୍ବିତ ପାତ୍ର, ଓଡିଶା ବିଧାନସଭା ବାଚସ୍ପତି ତଥା ରଣପୁର ବିଧାୟକ ସୁରମା ପାଢ଼ୀ, ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ, ଆରକ୍ଷୀ ଅଧୀକ୍ଷକ ଏସ୍. ସୁଶ୍ରୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦ□ ପଣ୍ଡା ଓ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦର ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତେ ଜିଲ୍ଲା ମହୋତ୍ସବକୁ ଆକର୍ଷଣୀୟ କରିବା ଦିଗରେ ନିଜର ମତାମତ ରଖିଥିଲେ। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ବାଦ୍ ଦିଆଯାଇଥିବା ସମସ୍ତଙ୍କୁ ଡକାଇ ଆଉ ଏକ ବୈଠକ କରିବା ପାଇଁ ପରାମର୍ଶ ଦେଇଥିଲେ।ଯେହେତୁ ଏହି ମହୋତ୍ସବ ଜନସାଧାରଣ ଙ୍କର ସେଥିପାଇଁ ସମସ୍ତଙ୍କୁ ସାମିଲ୍ କରାଯିବା ଆବଶ୍ୟକ ବୋଲି ସେ ମତ ରଖିଥିଲେ।

## ଜିଲ୍ଲା ସ୍ତରୀୟ ଯୁବ ରେଡକ୍ରସ୍ ଶିବିର ଉଦ୍ଘାଟିତ

ଗୋଲାମୁଣ୍ଡା (ମହାଭାରତ): କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ସ୍ଥିତ ସର୍ବ ମଙ୍ଗଳା ଡିଗ୍ରୀ ମହାବିଦ୍ୟାଳୟଠାରେ ଜିଲ୍ଲା ସ୍ତରୀୟ ଯୁବ ରେଡକ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଶରତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ତ୍ରି-ଦିବସୀୟ ଶିବିରରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଯୁବ ରେଡକ୍ରସ୍ ଆବାହକ ସଂପାଦକ ସଂଜିବ କୁମାର ସାହୁ , ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ କବି ଓ ଗବେଷକ ସତ୍ୟ ନାରାୟଣ ମୁଣ୍ଡଛିନା ଯୋଗଦେଇ ଶିବିରାର୍ଥୀମାନଙ୍କୁ ଯୁବ ରେଡକ୍ରସର ଆଦର୍ଶରେ ଅନୁପ୍ରାଣୀତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲା ସଂଯୋଜକ ଶାନ୍ତନୁ କୁମାର ପରିଡ଼ା ଶିବିରର ଉଦ୍ଦେଶ୍ୟ ଓ ନିୟମାବଳୀ ବିଷୟରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ପରାମର୍ଶଦାତା ଗୋବିନ୍ଦ ସାହୁ ମଞ୍ଚ ସଂଯୋଜନା କରିଥିଲେ ଓ ଉପାଧ୍ୟକ୍ଷ ନବୀନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରରେ ଧର୍ମଗଡ଼ ଉପଖଣ୍ଡର ବିଭିନ୍ନ ମହାବିଦ୍ୟାଳୟର ଶତାଧିକ ପରାମର୍ଶଦାତା ଓ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି୍ୟ ଏହି ତ୍ରି ଦିବସୀୟ ଶିବିରରେ ରେଡକ୍ରସର ଇତିହାସ, ବିକାଶ ,ଚିହ୍ନ ମୌଳିକ ନୀତି, ରକ୍ତଦାନର ଆବଶ୍ୟକତା ଓ ମହ□ , ପ୍ରାଥମିକ ଚିକିତ୍ସା , ଜଳବାୟୁ ପରିବର୍ତ୍ତନ, ସାମାଜିକ ପରିବର୍ତ୍ତନରେ ସ୍ୱେଚ୍ଛାସେବୀଙ୍କ ଭୂମିକା, ମହିଳା ସଶକ୍ତିକରଣ, ସଡ଼କ ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା, ଅଗ୍ନି ନିରାପତ୍ତା, ସାଇବର ନିରାପତ୍ତା, ଯୋଗ ଓ ପ୍ରାଣାୟାମ ବିଷୟରେ ପ୍ରଶିକ୍ଷଣ ଦିଆଯିବ ଓ ଶିବିରାର୍ଥି ମାନଙ୍କ ମଧ୍ୟରେ ପ୍ରବନ୍ଧ, ତର୍କ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଆୟୋଜନ ହେବ। ଶିବିରର ଦ୍ୱିତୀୟ ଦିବସରେ ଏକ ରକ୍ତଦାନ ଶିବିର ଆୟୋଜନ ହେବା ପାଇଁ ସ୍ଥିର କରାଯାଇଛି। ଶିବିରର ପରିଚାଳନାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା , କର୍ମଚାରୀ, ସ୍ୱେଚ୍ଛାସେବୀ ଛାତ୍ର ଛାତ୍ରୀମାନେ ସହଯୋଗ କରୁଥିବା ଜଣାଯାଇଛି।

## ମେଘାସନ ମହାବିଦ୍ୟାଳୟ ପରିସରରେ ୭୭ ତମ ଏନ. ସି. ସି ଦିବସ ପାଳିତ

କପ୍ତିପଦା (ମହାଭାରତ): ନଭେମ୍ବର ଶେଷ ରବିବାର ପୂର୍ବାହ୍ନ ୧୦. ୩୦ ମିନିଟ ସମୟରେ ମେଘାସନ ମହାବିଦ୍ୟାଳୟ ପରିସରରେ ୭୭ ତମ ଏନ. ସି. ସି (ଘଉଉ) ଦିବସ ପାଳିତ ହୋଇଯାଇଅଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ମାନିତ ଅତିଥି ତଥା କପ୍ତିପଦା ଥାନାର ଆଇ ଆଇ ସି ଶ୍ରୀ ପ୍ରକାଶ କୁମାର ରଥ ଏନ. ସି. ସି ପତାକାକୁ ଉତ୍ତୋଳନ କରି ପ୍ରାରମ୍ଭିକ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ତତ ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ଉକ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼ଃ ନିରଞ୍ଜନ ପାଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ଭାରତୀୟ



ନୌବାହିନୀ ର ସେବା ନିବୃତ ଅଫିସର ଶ୍ରୀ ପୁରୁଷୋ□ମ ବିଶ୍ୱାଳ ଯୋଗଦେଇ ନିଜ ଚାକିରୀ ଜୀବନର ଅଭିଜ୍ଞତାକୁ ବଖାଣିବା ସହ ଦେଶର ସମାରିକ ବାହିନୀରେ ଯୋଗ ଦେବାକୁ ଏନ. ସି. ସି କ୍ୟାଡେଟ ମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବରେ ପୋଡାଡିହା ରେଞ୍ଜ ଅଫିସର ଶ୍ରୀ ଅନୁକୂଳ ଚନ୍ଦ୍ର ଜେନା ଯୋଗ ଦେଇ କ୍ୟାଡେଟ ମାନଙ୍କୁ ନିଜର କ୍ୟାରିୟର ଗଠନ ଦିଗରେ ବିଭିନ୍ନ ପରାମର୍ଶ ପ୍ରଦାନ କରିଥିଲେ ସମ୍ମାନିତ ଅତିଥି ଆଇ ଆଇ ସି ପ୍ରକାଶ କୁମାର ରଥ ନିକଟ ଭବିଷ୍ୟତରେ ଏନ. ସି. ସି କ୍ୟାଡେଟ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରି ପୋଲିସ କୁ ସାହାଯ୍ୟ କରିବା ପାଇଁ ଦକ୍ଷତା ବୃଦ୍ଧି କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନୀୟ ବକ୍ତା ପ୍ରାଧ୍ୟାପକ ରମେଶ ଚନ୍ଦ୍ର ନାୟକ ଏନ. ସି. ସି ର କାର୍ଯ୍ୟାବଳୀ ଭୂୟସୀ ପ୍ରଶଂସା କରିଥିଲେ। ଏନ. ସି. ସି ଅଫିସର ଲେଫ୍ଟନା□ ଅରୁଣ କୁମାର ଜେନା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦେଶ୍ୟ ଜ୍ଞାପନ କରିଥିଲେ। ପ୍ରାଧ୍ୟାପକ ବୃନ୍ଦାବନ ମହାନ୍ତି ଅତିଥି ମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିବା ସହିତ ସେମାନଙ୍କର ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ହରେକୃଷ୍ଣ ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଶେଷ ପର୍ଯ୍ୟାୟରେ କ୍ୟାଡେଟ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଅଟୋ ସଂଘ ବୈଠକ ରେ ଅଟୋ ମାଲିକ ଙ୍କୁ ଆକ୍ରମଣ

## ସଙ୍ଘ ସଦସ୍ୟ ଆକ୍ରମଣ କରିଥିବା ଅଭିଯୋଗ

ଆସିକା (ମହାଭାରତ): ଆସିକା କରଞ୍ଜୋଇ ଅଟୋ ମାଲିକ ସଂଘ ସଦସ୍ୟ ଙ୍କ ଦିନକୁ ଦିନ ବଢୁଛି ଦୌରାତ୍ମ୍ୟ । ପୂର୍ବେ ଯାତ୍ରୀ ମାନଙ୍କୁ ହଇରାଣ କରୁଥିବା ଅଭିଯୋଗ ହେଉଥିବା ବେଳେ ଏବେ ସଙ୍ଘ ସଦସ୍ୟ ଅନ୍ୟ ସଦସ୍ୟ ଙ୍କୁ ଆକ୍ରମଣ କରିଥିବା ହୋଇଛି ଅଭିଯୋଗ । ଅଟୋ ମାଲିକ ସଂଘର ପୂର୍ବ ଶତୃତାକୁ କେନ୍ଦ୍ରକରି ଜଣେ ଅଟୋ ମାଲିକଙ୍କୁ ସଂଘବର୍ଦ୍ଧ ଆକ୍ରମଣ ହୋଇଛି । ଆଜି ସିଦ୍ଧିନଇ ନିକଟ ମା କଙ୍କଣ ଦେବୀଙ୍କ ପିଠରେ ସଙ୍ଘ ର ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ସରିବା ପରେ ସମସ୍ତେ ବୈଠକ ସ୍ଥଳରୁ ଫେରୁଥିବା ସମୟରେ ସଂଘର କେତେକ ପୁରୁଣା କଥାକୁ କେନ୍ଦ୍ରକରି ଆସିକା କଳିଙ୍ଗ ରୋଡସ୍ଥିତ କୃଷ୍ଣଚନ୍ଦ୍ର ପୋଲାଇ ବୟସ ୪୫ କୁ ସଙ୍ଘ ସଦସ୍ୟ ସିମାଞ୍ଚଳ ବେହେରା, ଜଗନ୍ନାଥ ପାତ୍ରୀ, ଟିକିନା ନାହାକ, ପ୍ରମୋଦ ନାହାକ, ରାମଚନ୍ଦ୍ର ଗୌଡ଼, ନବଘନ ଜେନା, ଦୁନିଆ ପୋଲାଇ ପୂର୍ବ ଯୋଜନା ମୁତାବକ ସଙ୍ଘ ବଧ ଭାବେ ଏକ ଲୁହା ରଡରେ ସିମା□ଳଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅନ୍ୟ ଅଟୋ ମାଲିକମାନେ ସିମା□ଳକୁ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ଆଣିଥିଲେ । ଏ ନେଇ ଗୁରୁତର କୃଷ୍ଣ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି । ତେବେ ଜଣେ ଅଟୋ ମାଲିକ ଙ୍କୁ ଅନ୍ୟ ଅଟୋ ମାଲିକ ସଙ୍ଘବଧ ଆକ୍ରମଣ ଘଟଣା କୁ ଅଞ୍ଚଳରେ ନିନ୍ଦା କରାଯିବା ସହ ପୋଲିସ ପ୍ରଶାସନ ଘଟଣା ଉପରେ ଗୁରୁତର ସହ ତଦନ୍ତ କରିବାକୁ ଦାବୀ ହେଉଛି ।

## କେନ୍ଦ୍ରାପଡା ବାଲିଯାତ୍ରାର ଉଦ୍ଯାପନୀ ସନ୍ଧ୍ୟାରେ 'ସୁରଝଙ୍କାର' ଦର୍ଶକଙ୍କ ମନ ମୋହିଲା



କେନ୍ଦ୍ରାପଡ଼ା,(ମହାଭାରତ): କେନ୍ଦ୍ରାପଡାର ଐତିହାସିକ ବାଲିଯାତ୍ରାର ଉଦ୍ଯାପନୀ ସନ୍ଧ୍ୟାରେ ସଙ୍ଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟ ଦାସଙ୍କ କଟକର 'ସୁରଝଙ୍କାର' ମେଲୋଡି ଗ୍ରୁପ୍ ଦୀର୍ଘ ୩ ଘଣ୍ଟା ଧରି ଶ୍ରୋତାମାନଙ୍କୁ ବାନ୍ଧି ରଖି ଏକ ଅନନ୍ୟ ସ୍ଥାନ ଅଧିକାର କରିପାରିଛି। ଓଡିଶାର ବାଚସ୍ପତି ରାତ୍ର ୮ ଘଟିକାରେ ସଭାମ□କୁ ମୁଖ୍ୟ ଅତିଥି ଭାବେ ବିରାଟ ଶୋଭାଯାତ୍ରାରେ ଆସି ପହଞ୍ଚିଥିଲେ । ଉଦ୍ଯାପନୀ ସନ୍ଧ୍ୟାର ଶେଷ ସାଂସ୍କୃତିକ କାର୍ଯ୍ୟକ୍ରମ ସନ୍ଧ୍ୟା ୭ ଘଟିକାରୁ ୮ ଘଟିକା ସମୟ ପର୍ଯ୍ୟନ୍ତ କଟକର ସୁରଝଙ୍କାର ଓ ବରଗଡର କିଶାନ ଡ୍ୟାନ୍ସ ଗ୍ରୁପର ମିଳିତ ଉଦ୍ୟମର ଆଧୁନିକ ଲୋକପ୍ରିୟ ତଥା ସମ୍ବଲପୁରୀ ଗୀତ ସୁରଝଙ୍କାର ତରଫରୁ ଅତି ଚିତାକର୍ଷକ ଭାବେ ପରିବେଷଣ କରାଯାଇଥିଲା ଏବଂ ସେହି ମେଲୋଡି ଗୀତର ତାଳେତାଳେ ବରଗଡର ଶିଳ୍ପୀମାନେ ଅତି ନିଖୁଣ ଭାବେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିପାରିଥିଲେ । ଭୁବନେଶ୍ୱରର ବିଶିଷ୍ଟ ସମାଜସେବୀ ଶରତ ପଟ୍ଟନାୟକଙ୍କୁ ଉକ୍ତ ମ□ରେ ଶେଷଦେବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । କେନ୍ଦ୍ରାପଡା ସଦରଥାନାର ପ୍ରାକ୍ତନ ଥାନାଧିକାରୀ ସରୋଜ କୁମାର ସାହୁ ଏବଂ ସଂପ୍ରତି ଥିବା ଥାନାଧିକାରୀ, ସଙ୍ଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟ ଦାସଙ୍କୁ 'ଶ୍ରେଷ୍ଠ ସଙ୍ଗୀତଜ୍ଞ' ଉପାଧିରେ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲିଯାତ୍ରା ମହୋତ୍ସବ କମିଟିର ସମ୍ପାଦକ ସୟ କୁମାର ଜେନା, ସଭାପତି ପ୍ରଦୀପ କୁମାର ଦାସ, ଉପସଭାପତି ଧିରେନ୍ଦ୍ର ଦାସ, ଯୁଗ୍ମ ସମ୍ପାଦକ ପୀତବାସ ଦାସ ମ□ରେ ଉପସ୍ଥିତ ଥିଲେ । ଲୋକପ୍ରିୟ ସିଦ୍ଧାର୍ଥ ଟିଭିର ସୁନାମଧନ୍ୟ ଗାୟିକା ସସ୍ମିତା ପ୍ରଧାନ, ଇପ୍ସିତା ପୂଜାପଣ୍ଡା, ପ୍ଲେବ୍ୟାକ୍ ସିଙ୍ଗର ରୋହିତ ଦାସ ପ୍ରମୁଖ ଅତି ସୁନ୍ଦର ଭାବରେ ସଙ୍ଗୀତ ପରିବେଷଣ କରିଥିଲେ ।

## କପ୍ତିପଦାରେ ମୁଁ ବି ସ୍କୁଲ ଯିବି କାର୍ଯ୍ୟକ୍ରମ ଅନୁଷ୍ଠିତ

କପ୍ତିପଦା -(ମହାଭାରତ ): କପ୍ତିପଦା - କପ୍ତିପଦା ବ୍ଲକ କୁ ପାଠତ୍ୟାଗୀ ମୁକ୍ତ ବ୍ଲକ ଭାବରେ ଗଢି ତୋଳିବା ପାଇଁ ଆରମ୍ଭ କରାଯାଇଛି । ମୁଁ ବି ସ୍କୁଲ ଯିବି କାର୍ଯ୍ୟକ୍ରମ କପ୍ତିପଦା ଉଚ୍ଚ ବିଦ୍ୟାଳୟରେ ଉଦଘାଟିତ ଉକ୍ତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ, କପ୍ତିପଦା ଦୀପକ କୁମାର ମିଶ୍ର, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ସିଂ ଓ ଅକ୍ଷୟ ବେହେରା ସମେତ ସମସ୍ତ ଆ□ଳିକ ସାଧନ କେନ୍ଦ୍ରର ସଂଯୋଜକ ଉପସ୍ଥିତ ଥିଲେ। ପାଠ ତ୍ୟାଗୀ ପିଲାମାନଙ୍କୁ ଖୋଜିବା ସହ ଆଦୌ ନାମ ଲେଖାଇ ନ ଥିବା ଛାତ୍ର ଛାତ୍ରୀଙ୍କୁ ଖୋଜି ଉପଯୁକ୍ତ ସ୍ଥାନରେ ନାମ ଲେଖାଇବା ଓ ସମସ୍ତ ପିଲାଙ୍କୁ ବିଦ୍ୟାଳୟରେ ଅବଧାରଣା କରି ରଖିବା ଉଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ବର୍ତ୍ତମାନ ସୁଦ୍ଧା କିଛି ପିଲାଙ୍କୁ ମଧ୍ୟ ବିଭିନ୍ନ ବିଦ୍ୟାଳୟରେ ନାମ ଲେଖାଯାଇଅଛି। ୬ ବର୍ଷ ରୁ ୧୪ ବର୍ଷ ମଧ୍ୟରେ ସମସ୍ତ ପିଲାଙ୍କୁ ବିଦ୍ୟାଳୟରେ ନାମ ଲେଖାଇ ବ୍ଲକ କୁ ପାଠତ୍ୟାଗୀ ମୁକ୍ତ ବ୍ଲକ ଭାବରେ ଗଢି ତୋଳିବାରେ ଏକ ପ୍ରୟାସ ମୁଁ ବି ସ୍କୁଲ ଯିବି ବୋଲି ବି. ଇ.ଓ ଶ୍ରୀଯୁକ୍ତ ମିଶ୍ର ପ୍ରକାଶ କରିଛନ୍ତି ।



## ଟ୍ରଷ୍ଟ ପକ୍ଷରୁ ମାଗୁରଗଣ୍ଡପାଟଣା ଆଦିବାସୀ ବସ୍ତିରେ ଶିତବସ୍ତ୍ର ବଣ୍ଟନ



କେନ୍ଦ୍ରାପଡ଼ା,(ମହାଭାରତ): ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଚକ୍ରୋଡା ଗ୍ରାମପଞ୍ଚାୟତର ମାଗୁରଗଣ୍ଡପାଟଣା ଆଦିବାସୀବସ୍ତିରେ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଟ୍ରଷ୍ଟର ମୁଖ୍ୟ ପୃଷ୍ଟପୋଷକ ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସ ନିଜ ଜନ୍ମଭୂମି କେନ୍ଦ୍ରାପଡା ସହରର ବଡହାଟସ୍ଥିତ ବାସଗୃହକୁ ଆସିଥିବା ବେଳେ ଏହି ବସ୍ତି ସମ୍ପର୍କରେ ଶୁଣିବା ପରେ ସେଠାରେ ପହଞ୍ଚି ଗରୀବ ଆଦିବାସୀ ମହିଳା ଓ ପୁରୁଷମାନଙ୍କୁ ଶୀତବସ୍ତ କମ୍ବଳ ଏବଂ ଝିଅମାନଙ୍କୁ ଚାଦର ବଣ୍ଟନ କରିବା ସହିତ ଛୋଟ ଛୋଟ ପିଲାମାନଙ୍କୁ ବିସ୍କୁଟ ପ୍ୟାକେଟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରତିଭାପୂଜା ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତି ଓ ପ୍ରତାପ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ପ୍ରତ୍ୟେକ ବର୍ଷ ଟ୍ରଷ୍ଟ ପକ୍ଷରୁ ଏହି ବସ୍ତିରେ ଟ୍ରଷ୍ଟର ମୁଖ୍ୟ ପୃଷ୍ଟପୋଷକ ଡ. ଦାସଙ୍କ ପରାମର୍ଶ କ୍ରମେ ଶୀତବସ୍ତ୍ର ପ୍ରଦାନ କରାଯାଇଥାଏ। ଏଥିସହିତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମଧ୍ୟ ସେମାନଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଥାଏ।

## ଗଣ୍ଡପଲ୍ଲୀ କୋଠ ଘର ଚୋରି ଉଦ୍ୟମ ଘଟଣାରେ ଦୁଇ ଗିରଫ

ଆସିକା (ମହାଭାରତ): ଆସିକା ଥାନା ଅନ୍ତର୍ଗତ ଗଣ୍ଡପଲ୍ଲୀ ଗ୍ରାମରେ କୋଠ ଘର କବାଟ ଭାଙ୍ଗି ଚୋରି ଉଦ୍ୟମ ଘଟଣାରେ ଆସିକା ପୋଲିସ ଦୁଇ ଅଭିଯୁକ୍ତ ଙ୍କୁ ଗିରଫ କରି କୋର୍ଟ ଚଲାଣ କରିଛି। ପ୍ରକାଶ ଥାଉକି ଗତକାଲି ରାତି ପ୍ରାୟ ୧୦ ଟା ସମୟରେ ଗଣ୍ଡପଲ୍ଲୀ ଗ୍ରାମର ଦୁଇ ଜଣ ବ୍ୟକ୍ତି ଗୌତମ ଦାସ(୧୮)ପିତା ଡାକ୍ତର ଦାସ,ଦାସ ରବି (୨୮) ପିତା ଦାସ କୁମାର ସିଂ ଚୋରି ଉଦେଶ୍ୟରେ ଗଣ୍ଡାପାଲ୍ଲୀ ଗାଁ କୋଠ ଘରର କବାଟ ଭାଙ୍ଗି ସମୟରେ ଗ୍ରାମବାସୀ ସେମାନଙ୍କୁ ବିରୋଧ କରିବାରୁ ଦୁଇ ଜଣ ଅଭିଯୁକ୍ତ ଗ୍ରାମବାସୀଙ୍କୁ ଦୁର୍ବ୍ୟବହାର କରି ହତ୍ୟା ଧମକ ଦେଇଥିଲେ। ଉକ୍ତ ଘଟଣା ସମ୍ପର୍କ ରେ ଉକ୍ତ ଗ୍ରାମର ଅଜୟ ଦାସ ଆସିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ ଅଭିଯୋଗ କୁ ଭିତ୍ତି କରି ପୋଲିସ ଆସିକା ଥାନା କେସ ନମ୍ବର ୭୬୩/୨୪ ଦଫା ୨୯୬/୩୫୧(୩)/୩୦୩(୨)/୬୨/୩୩୧(୪)/୩(୫)ବି ଏନ ଏସ ରେ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତ ଙ୍କୁ ଗିରଫ କରାଯାଇ ଆଜି କୋର୍ଟକୁ ପଠାଯାଇଛି।

# ଆସିଲା ପର୍ଯ୍ୟଟନ ଋତୁ, ରୁଣ୍ଡ ହେଲେଣି ପର୍ଯ୍ୟଟକ

ଅସ୍ତରଙ୍ଗ, (ମହାଭାରତ): ମହାଭାରତ -ସର୍ବଧର୍ମ ସମନ୍ୱୟର ପୀଠ ପୀର ଜାହାନିଆ ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଗଙ୍ଗାଦେବୀ ମୁହାଣ କୁ ଗଲା ବେଳେ ଦୁଇ ପଟରେ ଥିବା ହେନ୍ତାଳ ବଣ ଦେଖିବା ସହିତ ନଦୀରେ ବୋଟିଙ୍ଗ ସାଙ୍ଗକୁ ଭଳିକି ଭଳି ଦେଶ ବିଦେଶର ପକ୍ଷୀ ମାନଙ୍କ କଳରବ ଏବଂ ଜଳକ୍ରୀଡା ର ଦୃଶ୍ୟ ସହ ଦେବୀ ନଦୀ ମୁହାଣ ପଠା ରେ ଲକ୍ଷ ଲକ୍ଷ ନାଲି କଙ୍କଡାଙ୍କ ସହିତ ଖେଳିବା ର ମଜା ପାର୍ଯ୍ୟଟକଙ୍କ ପାଇଁ ପାଲଟିଛି ମୁଖ୍ୟ ଆକର୍ଷଣ । ଅସ୍ତରଙ୍ଗ ଅଞ୍ଚଳ ର ପର୍ଯ୍ୟଟନ ପାଇଁ ନୂଆ ସମ୍ଭାବନା ଆଣିଦେଇଥିବା ଗଙ୍ଗାଦେବୀ ମୁହାଣ ୧୯୯୯ ମସିହା ମହା ବାତ୍ୟା ପରେ ଉଜୁଡିଯାଇଥିବା ସବୁଜିମାକୁ ଫେରାଇ ଆଣିବା ପାଇଁ ବନ ବିଭାଗ ସ୍ଥାନୀୟ ଲୋକ ମାନଙ୍କ ଉଦ୍ୟମରେ ସହନ ଠାରୁ ଦେବୀ ନାସୀ ପର୍ଯ୍ୟନ୍ତ ନଦୀର ଦୁଇ ପାର୍ଶ୍ୱରେ ସୃଷ୍ଟି କରି ଥିବା ବୀସ୍ତିର୍ଣ୍ଣ ହେନ୍ତାଳ ବଣ ,୩ରୁ୪କିଲୋମିଟର ପର୍ଯ୍ୟନ୍ତ ନଦୀରେ ବୋଟିଂର ମଜ୍ଜା ଆଉ ପୁଣି ନଦୀ ଓ ସମୁଦ୍ର ମୁହାଁଣ ସ୍ଥାନରେ ଲକ୍ଷ ଲକ୍ଷ ନାଲି



କଙ୍କଡାଙ୍କ ନିର୍ଭୟ ବିଚରଣ ସାଙ୍ଗକୁ ଅପରାହ୍ନ ସମୟରେ ପକ୍ଷୀ ଗହନରେ ହଜାର ହଜାର ଭଳିକି ଭଳି ଦେଶ ବିଦେଶର ପକ୍ଷୀ ମାନଙ୍କ ନିଡକୁ ଫେରି ଏକାଠି ହେବାର ଦୃଶ୍ୟ ଯେକେହି ଦେଖିବ ଆଖି ଲାଖିଯିବ । କିଛିବର୍ଷ ହେଲା ଲୋକଲୋଚନାକୁ ଆସିଥିବା ଏହି ଅପରୂପ ସୌନ୍ଦର୍ଯ୍ୟର ପୀଠରେ ଦେଶ ବିଦେଶର ପ୍ରାୟ ୩୦ରୁ ଉର୍ଦ୍ଧ ପ୍ରଜାତିର ପକ୍ଷୀ ମାନଙ୍କ ଆଗମନ ଓ ଦେବୀ ନାସି ମୁହାଣ ମୁହଁରେ ନାଲି କଙ୍କଡା ମାନଙ୍କ ମୁକ୍ତ ବିଚରଣ ଯେମିତି ଏହି ସ୍ଥାନକୁ ଚଳଚଞ୍ଚଳ କରିଦେଇଛି । ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ଗଙ୍ଗାଦେବୀ ଦର୍ଶନ ସାଙ୍ଗକୁ ଗଙ୍ଗା ଦେବୀ ପୀଠ ହେଉ କି ସର୍ବଧର୍ମ ସମନ୍ୱୟର ପୀଠ ଜାହାନିଆ ଠାରେ ପାର୍ଯ୍ୟଟକ ମାନେ ପିକିନିକ କରି ଆନନ୍ଦରେ ମସଗୁଲ ହେଉଛନ୍ତି ।ପ୍ରକୃତିର ସୁରକ୍ଷା ମଧ୍ୟରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ହୋଇ ଥିବା ଇକୋ ରିଟ୍ରିଟ ପରି ଅସ୍ତରଙ୍ଗର ଏହି ପ୍ରକୃତି ରାଣୀ କୋଳରେ ରାତ୍ରିଯାପନ ପାଇଁ ହୋଇ ଥିବା ମ୍ୟାନ ଗ୍ରୋଭ ଇକୋ ରିଟ୍ରିଟ ରେ ରହିବାର ସୁବିଧା ଏହି ପୀଠର ଅଧିକରୁ ଅଧିକ ବିକାଶ ଓ ପ୍ରଚାର ପ୍ରସାର ପାଇଁ ଯଥେଷ୍ଟ ସାହାଯ୍ୟ କରିବ ବୋଲି ସ୍ଥାନୀୟ ଲୋକ, ପର୍ଯ୍ୟଟକ ଆଶା ରଖିଛନ୍ତ ।ବନ ବିଭାଗ ପର୍ଯ୍ୟଟନ ବିଭାଗ ଏହି ପାର୍ଯ୍ୟଟନ ସ୍ଥଳୀର ଆହୁରି ଅଧିକ ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାକୁ ଅଞ୍ଚଳ ବାସୀ ଦାବିକରିଛନ୍ତି।

## ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ତରଫରୁ ମେଧାବୃତ୍ତି ପରୀକ୍ଷା

ରା. ଉଦୟଗିରି (ମହାଭାରତ): ରବିବାର ଦିନ ଗଜପତି ଜିଲ୍ଲା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ତରଫରୁ ମୋହନା ବ୍ଲକ ଚନ୍ଦିପୁଟ ଲାଲ ବହାଦୁର ଶାସ୍ତ୍ରୀ ଉଚ୍ଚ ବିଦ୍ୟାଳୟ ଠାରେ ଓଷ୍ଟା ମେଧାବୀ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଇ ସି ସଦସ୍ୟ ଶ୍ରୀ ଲୋକନାଥ ନାହାକଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ବିଜୟ କୁମାର ମହାରଣା ପର୍ଯ୍ୟବେକ୍ଷକ ରୂପେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରା. ଉଦୟଗିରି ବ୍ଲକ ସମ୍ପାଦକ ଶ୍ରୀ ସୁବାସ ଚନ୍ଦ୍ର ସାହୁ ଓ ମୋହନା ବ୍ଲକ ସମ୍ପାଦକ ଶ୍ରୀ ସୌମ୍ୟ ରଞ୍ଜନ ଦାସ ଉପସ୍ଥିତ ଥିଲେ। ଏହା ଗଜପତି ଜିଲ୍ଲା ପାଇଁ ଗୋଟିଏ ମାତ୍ର ପରୀକ୍ଷା କେନ୍ଦ୍ର ଏବଂ ଏହି ପରୀକ୍ଷାରେ ୭୮ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୮ ଜଣ ପରୀକ୍ଷା ଦେଇଥିଲେ ଓ ୧୦ ଜଣ ଅନୁପସ୍ଥିତ ଥିଲେ ପ୍ରଧାନ ଶିକ୍ଷୟିତ୍ରୀ ଗୌରୀ ସମ୍ପୂର୍ଣ୍ଣ ପରୀକ୍ଷା ପରିଚାଳନା କରିଥିଲେ।

## ଜନ୍ମ କଲା ମା'କୁ ପିଟି ପିଟି ହତ୍ୟା କଲା ପୁଅ

ଅନୁଗୋଳ,(ମହାଭାରତ):ସାମାନ୍ୟ ପାଟି ତୁଣ୍ଡରୁ ମା'କୁ ହତ୍ୟା କରିଛି ପୁଅ। ଅନୁଗୁଳ ଟାଉନ ଥାନା ଅନ୍ତର୍ଗତ ସୁସୁଡା ଗ୍ରାମରେ ଏଭଳି ଛାତିଥରା ଘଟଣା ସାମ୍ନାକୁ ଆସିଛି। ଘଟଣାରେ ଅଭିଯୁକ୍ତ ମତୃହନ୍ତା ସରୋଜ ନାଏକକୁ ପୋଲିସ ଅଟକ ରଖିଛି। ସୂଚନା ଅନୁଯାୟୀ, ଗତକାଲି ରାତିରେ କୌଣସି କାରଣକୁ ନେଇ ମା'- ପୁଅଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଆଜି ସକାଳେ ପୁଣିଥରେ ମା'- ପୁଅଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଏଥିରେ ଉତ୍ୟକ୍ତ ହୋଇ ପୁଅ ସରୋଜ ନାଏକ ନିଜ ମା' ଲତା ନାଏକ (୭୦)ଙ୍କୁ ପିଟି ପିଟି ହତ୍ୟା କରିଛି। ଏ ଖବର ଗାଁ ଲୋକ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ଟାଉନ୍ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମା'କୁ ହତ୍ୟା କରିଥିବା ପୁଅ ସରୋଜକୁ ଅଟକ ରଖି ପଚରାଉଚରା କରୁଛି।

## ଏକ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସମ୍ପୂର୍ଣ୍ଣ

ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ଅନ୍ତର୍ଗତ କନ୍ଧକେଳ ଗାଁ ଏସ୍ ବି ଖେଳ ପଡିଆ ଠାରେ ଏକ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେ□ ସମ୍ପୂର୍ଣ୍ଣ ହୋଇ ଯାଇଛି। ଉକ୍ତ ପ୍ରତିଯୋଗିତା ରେ ଆଠ ଟି ଦଳ ଅଂଶଗ୍ରହଣ କରି ଥିବା ବେଳେ ସମରା ଦଳ ଓ ରେମୁଣ୍ଡା ଦଳ ମଧ୍ୟ ରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇ ଥିବା ବେଳେ ସମରା ଦଳ ବିଜୟୀ ହୋଇ ଥିଲେ ।ଉଭୟ ବିଜୟୀ ଦଳ କୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ରେ ଯୁବ ସାମ୍ବାଦିକ ଶୁଶାନ୍ତ କୁମାର ମେହେର ଓ ସମାଜ ସେବୀ ବାଲୀ ଭୋଇ ଆତିଥ୍ୟ ଗ୍ରହଣ କରିଥିବା ବେଳେ କମିଟି ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଗରିବବନ୍ଧୁ ଉଚ୍ଚ ବିଦ୍ୟାଳୟ ୧୯୮୦ ମେଟ୍ରିକ ବ୍ୟାଚର ବନ୍ଧୁମିଳନ ଓ ଗୁରୁପୂଜନ ଉତ୍ସବ

ଦଶରଥପୁର (ମହାଭାରତ )::ଦଶରଥପୁର ବ୍ଲକ ଦୁଦୁରାଅନ୍ତା ପଞ୍ଚାୟତସ୍ତ ଗରିବବନ୍ଧୁ ସରକାରୀ ଉଚ୍ଚବିଦ୍ୟାଳୟ ଅର୍ଦ୍ଧାଉଳିଆ ପରମାନନ୍ଦପୁର ଶାସନ ଠାରେ ୧୯୮୦ ମସିହା ମେଟ୍ରିକ ବ୍ୟାଚ ଛାତ୍ର ଛାତ୍ରୀ ମାନଙ୍କ ପକ୍ଷରୁ ଏକ ବନ୍ଧୁମିଳନ ଓ ଗୁରୁପୂଜନ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଗରିବବନ୍ଧୁ ଉଚ୍ଚବିଦ୍ୟାଳୟ ୧୯୮୦ ମେଟ୍ରିକ ବ୍ୟାଚର ଛାତ୍ରୀ ସୁଲୋଚନା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗରିବବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଗୋପବନ୍ଧୁ ତ୍ରିପାଠୀ, ଅନନ୍ତ ଶତପଥୀ, ପ୍ରଫୁଲ ତ୍ରିପାଠୀ, ବୈକୁଣ୍ଠ ନାଥ ନାୟକ ଯୋଗ ଦେଇଥିବାବେଳେ ବର୍ତମାନର କାର୍ଯ୍ୟରତ ପ୍ରଧାନ ଶିକ୍ଷକ ପ୍ରବୋଧ କୁମାର ପାତ୍ର,ଶିକ୍ଷକ ଅବନୀ କୁମାର ଦାସ,ପ୍ରସନ୍ତ କୁମାର ରାଉତ, ପ୍ରଜ୍ଞ୍ୟା ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଦିବଂଗତ ଶିକ୍ଷକ ଓ ୧୯୮୦ ବ୍ୟାଚର ଦିବଂଗତ ଛାତ୍ର, ଛାତ୍ରୀ ମାନଙ୍କ ପାଇଁ ପ୍ରଥମେ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ପୁରାତନ ଛାତ୍ର ଛାତ୍ରୀ ମାନେ ଶିକ୍ଷକ ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବୋର୍ଦ୍ଧିତ କରିଥିଲା ବେଳେ ଅତିଥି ମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା । ନିରୋଦ କୁମାର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ୟାରୀମୋହନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ୧୯୮୦ ମେଟ୍ରିକ ବ୍ୟାଚର ୫୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ୧୯୯୫ ବ୍ୟାଚ ଛାତ୍ର ମାନଙ୍କର ବନ୍ଧୁ ମିଳନ



ଟାଙ୍ଗୀ(ମହାଭାରତ): କମାଗୁରୁ କଲ୍ୟାଣ ମଣ୍ଡପ ନିକଟ ଆମ୍ବ ତୋଟା ଠାରେ ଟାଙ୍ଗୀ ଦୁର୍ଗା ଚରଣ ଚିଲିକା ମହା ବିଦ୍ୟାଳୟ ୧୯୯୫ ବ୍ୟାଚ ଛାତ୍ର ମାନଙ୍କର ବନ୍ଧୁ ମିଳନ ଅନୁଷ୍ଠିତ ହୋଇ ଯାଇଅଛି। ଦୀର୍ଘ ୩୦ ବର୍ଷ ପରେ ବନ୍ଧୁ ମିଳନ ହୋଇଛି ଅନୁଷ୍ଠିତ। ବନ୍ଧୁ ମାନଙ୍କୁ ଅତି ନିକଟରେ ପାଇ ପୁରୁଣା ସ୍ମୃତି କୁ କରିଛନ୍ତି ରୋମଂଥନୟ ସର୍ବ ପ୍ରଥମେ ଦିବଙ୍ଗତ ବନ୍ଧୁ ମାନଙ୍କ ଉଦେଶ୍ୟ ରେ ଶୋକ ସଭା କରାଯାଇଥିଲା। ଏହା ପରେ ପୁରାତନ ଛାତ୍ର ମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ହୋଇଥିଲା। ଦୀର୍ଘ ଦିନ ଅନ୍ତରରେ ପୁରୁଣା ବନ୍ଧୁ ମାନଙ୍କୁ ଅତି ନିକଟରେ ପାଉ ବନ୍ଧୁ ମାନଙ୍କ ଖୁସି କାହିଁରେ କେତେ ଦେଖିବାକୁ ମିଳିଥିଲା। ୧୯୯୫ ମସିହାରେ ବିନା ମୋବାଇଲ ବିନା ଟ୍ୟୁସନ ବିନା କୋଚିଙ୍ଗ ରେ ଛାତ୍ର ମାନେ କିଭଳି ଅଧ୍ୟୟନ କରୁଥିଲେ ତାହାକୁ ନେଇ ବନ୍ଧୁ ମାନଙ୍କ ମଧ୍ୟରେ ଚର୍ଚ୍ଚା ହୋଇଥିଲା । ଏପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ମହା ବିଦ୍ୟାଳୟ ସେଭଳି ଆଖି ଦୃଶିଆ ଉନ୍ନତି କରି ନଥିବାରୁ ପୁରାତନ ଛାତ୍ର ମାନେ କ୍ଷୋଭ ପ୍ରକାଶ କରିଥିଲେ ।ଟାଙ୍ଗୀ ଦୁର୍ଗା ଚରଣ ଚିଲିକା ମହାବିଦ୍ୟାଳୟର ଉନ୍ନତି ପାଇଁ ଖୁବ ଶୀଘ୍ର ରାଜ୍ୟ ସରକାରଙ୍କୁ ଏକ ଦାବି ପତ୍ର ପ୍ରଦାନ ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଥିଲା। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ରେ ରବିନ୍ଦ୍ର କୁମାର ବେହେରା। ଜିତେନ୍ କୁମାର ସାହୁ।ନବ କିଶୋର ନାୟକ... କାମଦେବ ସ୍ୱାଇଁ। ନରେନ୍ଦ୍ର କୁମାର ପ୍ରଧାନ, ସରୋଜ କୁମାର ପାଇକରାୟ,ରାମଚନ୍ଦ୍ର ପରିଡା,ପଦ୍ମ ଚରଣ ନାୟକ,ଅମୁଲ୍ୟ ସାହୁ ପ୍ରମୁଖ ଯୋଗଦେଇଥିଲେ ।

## ଦୁର୍ଗମ ଅଞ୍ଚଳ ଆଦିବାସୀ ଲୋକଙ୍କୁ ଭେଟି ସେମାନଙ୍କ ଦୁଃଖ ବୁଝିଲେ ବିଧାୟକ



ନୂଆଗାଁ (ମହାଭାରତ) : ବଣ ଜଙ୍ଗଲ ପାହାଡ଼ ପର୍ବତ ଘେରା ଦୁର୍ଗମ ଅ□ଳ, ଯେଉଁଠି କି ହାତୀ ଏବଂ ବନ୍ୟ ଜନ୍ତୁଙ୍କ ପ୍ରାଦୁର୍ଭାବ ତାହାକୁ ଖାତିର ନକରି ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଜାକେଡ଼ା ପଞ୍ଚାୟତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ତୁକୁଡ଼ା,ବଡଜିରି , ଲୁଣି ଗ୍ରାମରେ ପହଞ୍ଚିଲେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା। ବିଧାୟକଙ୍କୁ ଗ୍ରାମବାସୀମାନେ ନାମ ସଙ୍କୀର୍ତ୍ତନ, ହୁଳହୁଳି ହରିବୋଲ ,ଶଙ୍ଖ ଧ୍ୱନୀ ଦେଇ ସହ ସମ୍ମାନରେ ପାଛୁଟି ନେଇଥିଲେ। ଅଞ୍ଚଳବାସୀ ବିଧାୟକ ଶ୍ରୀ ବେହେରାଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ ସ୍ୱାଗତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧକ୍ଷା ଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା,ସରପଞ୍ଚ ସୁମିତ୍ରା ଜାନୀ, ସମିତି ସଭ୍ୟା ପ୍ରଭାତି ମଳିକ, ନାଏବ ସରପଞ୍ଚ ପ୍ରହଲ୍ଲାଦ ମଳିକ, ଛାତ୍ର ବିଜୁ ଜନତା ଦଳ ସଭାପତି ସୁବ୍ରତ ପରିଡ଼ା, ଯୁବ ସଂଗଠକ ଦିଲ୍ଲୀପ କୁମାର ଜାନୀ, ଅଇଁଠା ମଳିକ,ପ୍ରକାଶ ମଳିକ,ପ୍ରକାଶ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପରେ ତୁକୁଡା ଗ୍ରାମରେ ଏକ କୋଠଘର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଗାଁ କୁ ଯିବାଆସିବା ପାଇଁ ଭଲ ପକ୍କା ରାସ୍ତା ନଥିବା, ପିଇବା ପାଇଁ ପାଣିର ଅସୁବିଧା ଏଭଳି ବିଭିନ୍ନ ସମସ୍ୟା ଉପରେ ଅଞ୍ଚଳବାସୀ ଦଶପଲ୍ଲା ବିଧାୟକ ଶ୍ରୀ ବେହେରାଙ୍କ ସହ ଆଲୋଚନା କରିଥିଲେ। ଗ୍ରାମ ଗୁଡ଼ିକରେ ଥିବା ବିଭିନ୍ନ ସମସ୍ୟାକୁ ଆଗାମୀ ଦିନରେ ଦୂରୀକରଣ ଉପରେ ପଦକ୍ଷେପ ନେବେ ବୋଲି ଜନସାଧାରଣଙ୍କୁ କହିଛନ୍ତି ବିଧାୟକ।

## ପାଟଣା ଅଞ୍ଚଳ ର ବିଶିଷ୍ଟ ଧର୍ମ ପରାୟଣ ଙ୍କ ପରଲୋକ

ପାଟଣା:-(ମହାଭରତ) କେନ୍ଦୁଝର ଜିଲ୍ଲା ପାଟଣା ଅଞ୍ଚଳ ର ଜଣେ ବିଶିଷ୍ଟ ଧର୍ମ ପରାୟଣ ବ୍ୟକ୍ତି ଙ୍କ ପରଲୋକ ହୋଇଛି । ଏହି ଶୋକା କୁଳ ଛାୟା ଅଁଳ ରେ ଖେଳିଯାଇଛି । ଧର୍ମ ପରାୟଣ ବ୍ୟକ୍ତି ଜଣକ କାମେଶ୍ୱରପୁର ଗ୍ରାମର ବାସିନ୍ଦା କୀର୍ତ୍ତନ ବିହାରୀ ଦାଶ । ଏହି ଧର୍ମ ପରାୟଣ ବ୍ୟକ୍ତି ଙ୍କ ଶନିବାର ସନ୍ଧ୍ୟାରେ ଅସୁସ୍ଥ ଅନୁଭବ ହେବାରୁ ତାଙ୍କୁ ପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଭର୍ତ୍ତି କରିଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସାଧୀନ ଅବସ୍ଥାରେ ରାତ୍ର ୯.୪୫ମିନିଟ ସମୟରେ ଶେଷନିଶ୍ୱାସ ତ୍ୟାଗ କରିଥିଲେ ।ତାଙ୍କୁ ମୃତ୍ୟୁ ବେଳକୁ ୮୨ବର୍ଷ ହୋଇଥିଲା। ତାଙ୍କ ଅନ୍ତିମ ସମୟରେ ବଡ଼ପୁଅ ବିବେକାନନ୍ଦ ଦାଶ ଓ ସାନପୁଅ ଅରବିନ୍ଦ ଦାଶ ,ଦୁଇ ପୁତ୍ର ବଧୂ,ଦୁଇ ଝିଅ ଗୀତାଞ୍ଜଳି ପାର୍ଣ୍ଣି , ପୁଷ୍ପାଞ୍ଜଳି ଦାଶ,ବଡଭାଇ, ଈଶ୍ୱର ଚନ୍ଦ୍ର ଦାଶ, ସାନଭାଇ ବିଦ୍ୟାଧର ଦାଶ ଙ୍କ ସହିତ ସପରିବାର ଉପସ୍ଥିତ ଥିଲେ।

## ଲୁହାପଥର ଚୋରା ଚାଲାଣ କରୁଥିବା ବେଳେ ମାଡ଼ିବସିଲେ ଖଣି ବିଭାଗ

## ଦୁଇଟି ଟ୍ରକ୍ ଓ ଗୋଟିଏ ଜେ ସି ପି ମେସିନ ଜବତ

ଯୋଡା,(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ଜରି ବାହାଲ ନିକଟସ୍ଥ ଏକ ପରିତ୍ୟାଗ ଖଣି କ୍ଷେତ୍ରରୁ ଚୋରା ଲୁହାପଥର ଚାଲାଣ ବେଳେ ଖଣି ବିଭାଗ ଦୁଇଟି ଟ୍ରକ୍ ଓ ଗୋଟିଏ ଜେ ସି ବି ମେସିନ କୁ ଜବତ କରିଛି । ଖଣି ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ,ଦୁଇଟି ଟ୍ରକ୍ ନମ୍ବର ଓ ଡି ୦୭କ୍ୟୁ୫୩୫୨ ,ଓଡି୦୭ଡବ୍ଲ୍ୟୁ ୨୯୫୩, ରେ ଜରିବା। ହଲ ନିକଟସ୍ଥ ଏକ ରେଲିଁକ୍ୱିଶ ଖଣି କ୍ଷେତ୍ର(ଖଣି ଲିଜ ଧାରୀ ପରିତ୍ୟାଗ କରିଥିବା ଖଣି କ୍ଷେତ୍ର) ରେ ଜେଶିବି ମେସିନ ହ ମେସିନ ନମ୍ବର ଓ ଡି ୩୫ ୨୨୦୧ ଯୋଗେ ଲୁହାପଥର ବୋଝେଇ କରି ଚୋରା ଚାଲାଣ ବେଳେ ଖଣି ବିଭାଗ ଚଢାଉ କରି ଟ୍ରକ୍ ଓ ଜେ ସିବି ମେସିନ କୁ ଜବତ କରିଥିଲା ।ଜବତ ୧୪ଚକିଆ ଦୁଇଟି ଟ୍ରକ୍ ରୁ ପ୍ରାୟ ୩୦ ମେଟ୍ରିକ୍ ଟନ୍ ଚୋରା ଉତ୍ତ ମାନର ଲୁହାପଥର ବୋଝେଇ ହୋଇଥିଲା । ଯାହାର ଆନୁମାନିକ ମୂଲ୍ୟ ଦେଢ ଲକ୍ଷ ଟଙ୍କା ରୁ ଅଧିକ ହେବ ବୋଲି ଖଣି ବିଭାଗ ଆକଳନ କରିଛି ।ଏହି ଚଢ଼ାଉ ,ଯୋଡା ଖଣି ବିଭାଗର ଖଣି ଅଧିକାରୀ ଦୀପକ କୁମାର ଧୁରୁଆ ଙ୍କ ନେତୃରେ ହୋଇଥିଲା। ଏଥିରେ ସରକାରୀ ଖଣି ଅଧିକାରୀ , ଜେ. ଏନ୍. କୁଲଡି ଓ ହରେକୃଷ୍ଣ ହୋ ଙ୍କ ସମେତ ବାମେ ବାରି ପୋଲିସ ସାମିଲ ଥିଲେ ।ସକାଳ ପ୍ରାୟ ୮ ଟା ବେଳେ ଏହି ଚଢ଼ାଉ କରାଯାଇଥିଲା। ଚଢ଼ାଉ ହୋଇଥିବା ଖଣି କ୍ଷେତ୍ର ଟି ଜୋ ରିବାହାଲ ଅ□ଳ ର ଏକ ରେଲିଁକ୍ୱିଶ ଖଣି କ୍ଷେତ୍ର, ଏହା ସଂଲଗ୍ନ ଏକ ବୃହତ ଖଣି କାର୍ଯ୍ୟକ୍ଷମ ରହିଛି।

## ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ-୨୦୨୪



କଣ୍ଟାପଡ଼ା( ମହଭାରତ): ବାରଙ୍ଗ ବ୍ଲକ ଅନ୍ତର୍ଗତ ସାଇଁଶୋ ପଞ୍ଚାୟତ ଅଧିନରେ ଥିବା ଗବବସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳ ସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୪ ଅନୁଷ୍ଠିତ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷା ଅଧିକାରୀ ବିଭୂତି ଭୂଷଣ ବେହେରାଙ୍କ ସଭାପତିତ୍ୱ ଆୟୋଜିତ ମେଳାରେ ଉଦ୍ଘାଟକ ତଥା ମୁଖ୍ୟବକ୍ତା ବାରଙ୍ଗ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧର୍ମ ରଞ୍ଜନ ପଣ୍ଡା ସମ୍ମାନିତ ଅତିଥି ,ଅବଦୁଲ ତାହୀଦ ଖାଁ,ଜୟନ୍ତ କେଶରୀ ପାତ୍ର,ପ୍ରଫୁଲ୍ଲ କୁମାର ରଥ,ଯମୁନା ମଣୀ ହେମ୍ବ୍ରମ,ଅଚ୍ୟୁତା ନନ୍ଦ ସାହୁ,ଶ୍ରୀନିବାସ ସେଠୀ ପ୍ରମୁଖ ଅତିଥିମାନେ ପ୍ରଦର୍ଶନୀ ବୁଲି ଦେଖିବା ସହିତ କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଉଦଯାପନୀ ଅବସରରେ ମୁଖ୍ୟ ଅତିଥି ଭାବରେ ନିଆଳି ବିଧାୟକ ଇଂ ଛବି ମଲ୍ଲିକ୍, ମୁଖ୍ୟ ବକ୍ତା ଭାବରେ ଦେବ ପ୍ରସାଦ ତ୍ରିପାଠୀ,ଜିଲ୍ଲା ବିଜ୍ଞାନ ପରିଦର୍ଶକ,କଟକ, ସମ୍ମାନିତ ଅତିଥି ଭାବରେ ସାଇଁସୋ ପଞ୍ଚାୟତ ସରପଞ୍ଚ ସରୋଜ କୁମାର ମହାପାତ୍ର, ଧୀରେନ୍ଦ୍ର କୁମାର ବାରିକ,ଦିଲ୍ଲୀପ କୁମାର ପାତ୍ର,ଶ୍ରୀମନ୍ତ କୁମାର ମହାପାତ୍ର ପ୍ରମୁଖ ଅତିଥିବୃନ୍ଦ କୁନି ବୈଜ୍ଞାନିକଙ୍କ ପ୍ରକଳ୍ପ ଗୁଡିକୁ ପରିଦର୍ଶନ କରିବା ସହ ପ୍ରଶଂସା କରିଥିଲେ। ଅନୁଷ୍ଠିତ ଏହି ମଣ୍ଡଳ ସ୍ତରୀୟ ବିଜ୍ଞାନ ମେଳାରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ସମୁଦାୟ ୧୦୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପଗୁଡିକୁ ବିଚାରକମାନଙ୍କ ଦ୍ୱାରା ବିଚାର ପୂର୍ବକ ଜିଲ୍ଲାସ୍ତରକୁ ଯିବା ପାଇଁ ୭ଟି ଓ ପ୍ରାଥମିକ ବିଦ୍ୟାଳୟର ୩ ଜଣ କୁନି ବୈଜ୍ଞାନିକଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ଓ ଅଂଶଗ୍ରହଣକାରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ଆବାହକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହରିପ୍ରିୟା ମହାପାତ୍ରଙ୍କ ତ□ାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଅଜୟ କୁମାର ପତି ସ୍ୱାଗତ ଭାଷଣ ପ୍ରଦାନ, ଦିଲ୍ଲୀପ କୁମାର ବେହେରା, ଅତିଥି ପରିଚୟ ଦେଇଥିବା ବେଳେ ଶିକ୍ଷକ ଅବଦୁଲ୍ ରାଜିକ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ,ସିଆରସିସିମାନେ ଏହି ମଣ୍ଡସ୍ତରୀୟ ବିଜ୍ଞାନ ମେଳା ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ଏ.ବି.ଭି.ପି.ର ନଗର ସମ୍ମିଳନୀ ଅନୁଷ୍ଠିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଶ୍ରୀ ଶୈଳମ୍ ସଭାଗୃହ ଠାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ଏ. ବି.ଭି .ପି ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ବାଳକୃଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିନୋଦିନୀ ବିଜ୍ଞାନ ମହା ବିଦ୍ୟାଳୟର ମନୋଜ କୁମାର ପଟ୍ଟନାୟକ,ମୁଖ୍ୟବକ୍ତା ଭାବେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡା,ସମ୍ମାନିତ ଅତିଥି ଭାବେ ଉମାଶଙ୍କର ଦାସ ପ୍ରମୁଖ ମଞ୍ଚାସିନ ଥିଲେ।ଏହି ସମ୍ମିଳନୀରେ ଜିଲ୍ଲାର ଶିକ୍ଷା ବ୍ୟବସ୍ଥା ଓ ତାର ଭିତ୍ତିଭୂମି ନେଇ ବିସ୍ତୃତ ଭାବେ ଆଲୋଚନା ହୋଇ ଥିଲା।ଏହା ପରେ ଏ ବି ଭି ପି ର ପାରଳାଖେମୁଣ୍ଡି ନଗର ଶାଖାର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା।ଏହା କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରମାନେ ଉପସ୍ଥିତ ଥିଲେ।



## କେନ୍ଦୁଝର ଔଷଧ ପ୍ରତିନିଧିଙ୍କ ୧୪ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

କେନ୍ଦୁଝର(ମହାଭାରତ)୨୪.୧୧: କେନ୍ଦୁଝର ଜିଲ୍ଲା ରୋଟାରୀ ଭବନ ଠାରେ ଔଷଧ ବିକ୍ରେତା ପ୍ରତିନିଧି ସଂଘ ର ୧୪ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଇଣ୍ଡିଆନ ମେଡିକାଲ ଆସୋସିଏସନ୍ ର ସେକ୍ରେଟାରୀ ଡାକ୍ତର ମହେଶ ପ୍ରସାଦ ମହାନ୍ତ ଏବଂ ଡାକ୍ତର ଗିରିଶ ଚନ୍ଦ୍ର ରାଉତ ଯୋଗଦାନ କରିଥିବାବେଳେ ସମ୍ମାନୀତ ଅତିଥିଭାବେ ଓସୁ ପ୍ରତିନିଧି କମରେଡ ଆଶୁତୋଷ ଦାସ, କମ୍ରେଡ ଲକ୍ଷ୍ମୀନାରାୟଣ ରାଉତ, ସିଟୁ ରାଜ୍ୟ ଉପ ସଭାପତି ଇନ୍ଦ୍ରମଣି ବେହେରା ଯୋଗଦେଇ ଉପସ୍ଥିତ କର୍ମକର୍ତ୍ତା ମାନଙ୍କୁ ଉତ୍ସାହିତ କରିଥିଲେ । ଅତିଥି ଙ୍କ ଉପସ୍ଥିତି ରେ ଜିଲ୍ଲା ପାଇଁ ନୂତନ ଜିଲ୍ଲା କମିଟି ଘୋଷଣା କରାଯାଇଥିଲା। କମିଟିର ସଭାପତି ଭାବେ କମ୍ରେଡ୍ ବସନ୍ତ କୁମାର ସିଂ, ଉପସଭାପତି କମ୍ରେଡ଼ ଅନୁଜ ଘଡ଼େଇ, ସମ୍ପାଦକ କମ୍ରେଡ ସୁଶାନ୍ତ ଦାସ, କସାଧକ୍ଷ ବାମନ ଚରଣ ସାମଲ, ପରିଚାଳନା ସମ୍ପାଦକ କ୍ରିଷ୍ଣା ଷଡ଼ଙ୍ଗୀ, ପ୍ରତିନିଧି ରଶ୍ମି ରଞ୍ଜନ ସେନ, ରଞ୍ଜନ ଶତପଥୀ, ସନ୍ତୋଷ ପାଣିଗ୍ରାହୀ, ସୁଶାନ୍ତ ମହାନ୍ତ, ସିଦ୍ଧେଶ୍ୱର ବାରିକ, ସୁଜି କର, ଧବଳେଶ୍ୱର ସାହୁ ଦାଇତ୍ୱ ଗ୍ରହଣ କଲେ। ଉତ୍ସବର ପରିଚାଳନା ବିଶ୍ୱଜିତ ମହାନ୍ତ କରିଥିଲେ ଏବଂ ଆଗାମୀ ଦିନରେ କେନ୍ଦୁଝର ଜିଲ୍ଲାରେ ଔଷଧ ପ୍ରତିନିଧି ମାନେ କେମିତି ଅଧିକ ସଂଗଠିତ ହେବେ ସେ ଉପରେ ମତ ପ୍ରକାଶ କରିଥିଲେ।

## ଡେରଙ୍ଗ ଗ୍ରାମ ମଝି ସାହି ର ନୂତନ ସଭାପତି ହେଲେ ପ୍ରଶ୍ନ ନାୟକ

କଣିହାଁ (ମହାଭାରତ )ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ଡେରଙ୍ଗ ଗ୍ରାମର ରବିବାର ଦିନ ପୂର୍ବାହ୍ନ ୧୦ ଘଟିକା ସମୟରେ ସଭା ଗୃହଠାରେ ପୁରୁଷୋତ୍ତମ ସାହୁ ଙ୍କ ସଭାପତି ତ୍ୱରେ ନୂତନ ସଭାପତି, ସଂପାଦକ ଏବଂ କୋଷାଧ୍ୟକ୍ଷ ଚୟନ ପ୍ରକ୍ରିୟା ଶେଷ ହୋଇଯାଇଛି । ଏହି କାର୍ଯ୍ୟ କ୍ରମରେ ଗ୍ରାମର ବଛା ବଛା ସଦସ୍ୟ ମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ସଦସ୍ୟ ମାନଙ୍କ ସହମତି କ୍ରମେ ସଭାପତି ରୂପେ ଶ୍ରୀ ଯୁକ୍ତ ପ୍ରସନ୍ତ କୁମାର ନାୟକ, ସଂପାଦକ ସୁଜିତ କୁମାର ସାହୁ ଓ ଦୀପକ କୁମାର ବେହେରା ଙ୍କୁ କୋଷାଧ୍ୟକ୍ଷ ଭାବରେ ଚୟନ କରାଗଲା । ସଭାପତି ଉଦବୋଧନ ଦେଇ କହିଥିଲେକି ଗ୍ରାମ ଗଢି ଉଠିଥିବା ଠାରୁ ଆଜି ପର୍ଯ୍ୟନ୍ତ ଦଳିତ ଲୋକଙ୍କୁ ସଭାପତି ରୁପେ ସୁଯୋଗ ଦିଆ ଯାଇ ନ ଥିଲା । ଜାତି ବର୍ଣ୍ଣ ଧର୍ମ ନିର୍ବି ଶେଷରେ ଗ୍ରାମ ବାସୀଙ୍କ ମହାନ୍ୟତା ଯୋଗୁଁ ଆଜି ଜଣେ ଦଳିତ ଶ୍ରେଣୀର ରିଟାରଡ ପୁଲିସ ଇନ୍ସେକ୍ତର୍ ନାୟକ ଙ୍କୁ ଗ୍ରାମର ସେବା କାର୍ଯ୍ୟ ନିମନ୍ତେ ସଭାପତି ରୁପେ ନିୟୋଜିତ କରାଯାଇ ଥିବାରୁ ଡେରଙ୍ଗ ଗ୍ରାମ ମଝି ସାହି ର ସମସ୍ତ ଗୁରୁଜନ ମା ଓ ମାଉସୀ ମାନଙ୍କୁ ଧନ୍ୟବାଦ ଦେଇଥିଲେ । ଆସନ୍ତା କାଲି ପୂର୍ବତନ କମିଟି ଠାରୁ ନୂତନ କମିଟି ଦାୟିତ୍ୱ ଗ୍ରହଣ କରିବେ ବୋଲି କୁହା ଯାଇଥିଲା । ଶେଷରେ ସଭା ସାଙ୍ଗ କରାଗଲା ।

## ନୟାଗଡ଼ ପୌର ପରିଷଦରେ ବଢୁଛି ନେତା ଓ ପ୍ରଶାସକଙ୍କ ମଧ୍ୟରେ କଳି

## ବିପର୍ଯ୍ୟସ୍ତ ପରିମଳ, ଠକ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି




ନୟାଗଡ଼, ( ମହାଭାରତ ) : ନୟାଗଡ଼ ପୌର ପରିଷଦରେ ନେତା ଓ ପ୍ରଶାସକଙ୍କ ମଧ୍ୟରେ ଧୀରେ ଧୀରେ ବିବାଦ ବଢ଼ିବାରେ ଲାଗିଛି। ଗତ ଶନିବାର ଦିନ ଆୟୋଜିତ କାଉନସିଲ ବୈଠକରେ ଏହାର ଏକ ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳିଛି। ସହରର ପରିମଳ ବ୍ୟବସ୍ଥା ଠାରୁ ଆରମ୍ଭ କରି ପୌର ପରିଷଦ କାର୍ଯ୍ୟାଳୟର କର୍ମଚାରୀ ମାନଙ୍କର କାର୍ଯ୍ୟକୁ ନେଇ ଏହି ବୈଠକରେ କାଉନସିଲର ମାନେ ପ୍ରବଳ ଅସନ୍ତୋଷ ଝାଡ଼ିଥିଲେ। ଏ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ସମସ୍ତଙ୍କ ମନରେ ଥିବା ଅସନ୍ତୋଷ ସ୍ପଷ୍ଟ ଭାବେ ବାରି ହୋଇପଡୁଥିଲା। କାଉନସିଲ୍ ବୈଠକରେ ସହରରେ ବିପର୍ଯ୍ୟସ୍ତ ପରିମଳ ଅବସ୍ଥା ନେଇ ଜୋର୍ଦାର ଆଲୋଚନା ହୋଇଥିଲା। ପ୍ରତ୍ୟେକ ୱାର୍ଡରେ ନିଯୁକ୍ତ ହୋଇଥିବା ଝାଡୁଦାର ମାନେ ଡ୍ୟୁଟି ଠିକ୍ ଭାବେ କରୁନାହାନ୍ତି। ଫଳରେ ଦିନ କୁ ଦିନ ପରିମଳ ବ୍ୟବସ୍ଥା ବଗିଡ଼ିବାରେ ଲାଗିଛି। ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କିଛି ପଦକ୍ଷେପ ନିଆଯାଉନଥିବା କାଉନସିଲର୍ ମାନେ ଅଭିଯୋଗ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏଠାରେ କାର୍ଯ୍ୟରତ କର୍ମଚାରୀ ମାନେ ଠିକ୍ ଭାବେ ଡ୍ୟୁଟି କରୁନାହାନ୍ତି। ଦିନ ୧୦ଟା ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅଧିକାଂଶ କର୍ମଚାରୀ ଅଫିସ୍ରେ ରହୁନଥିବା ଅଭିଯୋଗ ହୋଇଛି। ଫଳରେ ଆଜି ଏମିତି ଅବସ୍ଥା ସୃଷ୍ଟି ହେଉଛି ବୋଲି କାଉନସିଲର୍ ମାନେ କହିଥିଲେ। ଏଣୁ ଏ ସମସ୍ତଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଥିଲା। ଏହାକୁ ନେଇ କିଛି ସମୟ ପାଇଁ ବୈଠକରେ ଜୋରଦାର ହୋ-ହଲ୍ଲା ହୋଇଥିଲା। ଏହା ସହ ଦକ୍ଷିଣକାଳୀ ମନ୍ଦିର ଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ଏକାଧିକ ସ୍ଥାନରେ ହମ୍ପ ନିର୍ମାଣ କରିବା ପାଇଁ ଜିଲ୍ଲାପାଳ, ଏସ୍ପି ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଚିଠି ଲେଖାଯିବାକୁ ନିଷ୍ପତ୍ତି ହୋଇଛି। ପୁରୁଣା ବସ୍ଷ୍ଟାଣ୍ଡ ଗୋଲେଇ ଛକରେ ଆଲୋକ ବ୍ୟବସ୍ଥା, ନୂଆ ବସ୍ଷ୍ଟାଣ୍ଡ ଓ ମାର୍କେଟ୍ କମ୍ପ୍ଲେକ୍ସ କାର୍ଯ୍ୟକ୍ଷମ, ମାଛ ବଜାର ଖୋଲିବା ଓ ଶୀତଋତୁରେ ବଲାଙ୍ଗୀ ପାର୍କରେ ପର୍ଯ୍ୟଟକ ମାନଙ୍କ ମନୋରଞ୍ଜନ ପାଇଁ ବ୍ୟବସ୍ଥା କରାଯିବା ଉପରେ ଆଲୋଚନା ହୋଇଥିଲା। ବୈଠକରେ ପୌରାଧକ୍ଷା ନିରୁପମା ଖଟେଇ ଅଧକ୍ଷତା କରିଥିବା ବେଳେ ଉପାଧକ୍ଷ ଗୁରୁପ୍ରସାଦ ଜେନା, କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ସମେତ ସମସ୍ତ କାଉନସିଲର୍ ଉପସ୍ଥିତ ଥିଲେ। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ସହ କାଉନସିଲର ମାନଙ୍କ ବିବାଦକୁ ନେଇ ଚର୍ଚ୍ଚା ଓ ଆଲୋଚନା ଜାରି ରହିଛି। କିଛି ଦିନ ତଳେ ବିଲ୍ ନ ପାଇବାରୁ ୨୦ରୁ ଅଧିକ ଠିକାଦାର କାର୍ଯ୍ୟାଳୟ ଫାଟକରେ ତାଲା ପକାଇଥିଲେ। ଫଳରେ ବୈଠକକୁ ଆସିବାକୁ ଥିବା ପୌରାଧକ୍ଷା ଓ କିଛି କାଉନସିଲର ଗେଟ୍ ବାହାରେ ରହି ଯାଇଥିଲେ। ଏଣୁ ପୌରାଧକ୍ଷା ନିରୁପମା ଖଟେଇ ଗେଟ୍ ବାହାରେ ରହି ଆନ୍ଦୋଳନରେ ବସିଥିବା ଠିକାଦାର ମାନଙ୍କ ସହ ଆଲୋଚନା କରିବା ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଫୋନ୍ ଯୋଗେ ଡାକିଥିଲେ। ମାତ୍ର ସେ ଆଲୋଚନାକୁ ଆସିବା ପାଇଁ ମନା କରି ଦେଇଥିଲେ। ଏହାକୁ ନେଇ ପୌରାଧକ୍ଷା ନିରୁପମା ଖଟେଇ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଏହା ସହ ପ୍ରତ୍ୟେକ ବୈଠକରେ କାଉନସିଲର ମାନେ ପୌର ନିର୍ବାହୀ ଅଧିକାରୀଙ୍କ ଉପରେ ଅସନ୍ତୋଷ ଝାଡୁଥିବା ଶୁଣିବାକୁ ମିଳୁଛି।

# ମହାରାଷ୍ଟ୍ରରେ ଅସଦୁଦ୍ଦିନ ଓୱେସି ବିଫଳ



**ନୂଆଦିଲ୍ଲୀ,୨୪।୧୧(ଏଜେନ୍ସି):** ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ୨୦୨୪ରେ ଅସଦୁଦ୍ଦିନ ଓୱେସିଙ୍କ ସ୍ୱପ୍ନ ପୁଣି ଥରେ ଧୂଳିସାତ ହୋଇଯାଇଛି । ତାଙ୍କ ଦଳ ରାଜ୍ୟରେ ଗତଥରର ସଫଳତା ବି ଦୋହରାଇପାରିନାହିଁ । ରାଜ୍ୟରେ ଦଳକୁ ମାତ୍ର ୧ ପ୍ରତିଶତ ଭୋଟ ମିଳିଛି । ଓୱେସିଙ୍କ ଦଳ ଏଆଇଏମଆଇଏମ ବିଜେପିର ବି ଟିମ୍ ବୋଲି ଅନେକ ସମୟରେ ଅଭିଯୋଗ ଆସୁଛି ଏବଂ ଏହି ଟ୍ୟାଗକୁ ହଟାଇବା ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ନିଜର ରାଜନୈତିକ ସ୍ଥିତି ସୁଦୃଢ଼ କରିବା ପାଇଁ ଏଆଇଏମଆଇଏମ୍ ମଇଦାନକୁ ଓହ୍ଲାଇଥିଲା । ମୁଖ୍ୟତଃ ମୁସଲମାନ ଓ ଦଳିତ ଭୋଟ୍ ବ୍ୟାଙ୍କ ଉପରେ ସେମାନଙ୍କ ଫୋକସ୍ ରହିଥିଲା । ତେବେ ଦଳର ପ୍ରଦର୍ଶନ ସେମାନଙ୍କ ଆଶା ପୂରଣ କରିପାରିନଥିଲା । ଦଳ ରାଜ୍ୟରେ ୧୪ଟି ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ମାତ୍ର ୧ଟି ଆସନରେ ଆଗୁଆ ଥିବା ଜଣାପଡିଛି । ଦଳର ପ୍ରାର୍ଥୀ ମୁଫତି ମହମ୍ମଦ ଅବଦୁଲ ଖାଲିକ୍ ଆଗୁଆ ଅଛନ୍ତି । ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଏଆଇଏମଆଇଏମ ମୁସଲିମ ଓ ଦଳିତ ବର୍ଗଙ୍କ ଉପରେ ଫୋକସ କରିଥିଲେ ବି ଭୋଟ ହାସଲ କରିବାରେ ବିଫଳ ହୋଇଥିଲା । ୨୦୧୪ ଓ ୨୦୧୯ ବିଧାନସଭା ଆସନରେ ଦଳ ୨ଟି ଲେଖାଏଁ ଆସନରେ ବିଜୟୀ ହୋଇଥିଲା । କିନ୍ତୁ ଏଥର ଦଳର ଆସନ ସଂଖ୍ୟା ୧କୁ ଖସିଆସିବାର ସମ୍ଭାବନା ରହିଛି । ରାଜ୍ୟରେ ଦଳ ମାତ୍ର ୧ ପ୍ରତିଶତ ଭୋଟ ପାଇଛି ।

# ସେବି ତଦନ୍ତ ସାମ୍ନା କରିବେ ଆଦାନୀ

**ନୂଆଦିଲ୍ଲୀ,୨୪।୧୧(ଏଜେନ୍ସି):** ଶିଳ୍ପପତି ଗୌତମ ଆଦାନୀଙ୍କ ବିରୋଧରେ ଆମେରିକା ଲାଞ୍ଚ ଅଭିଯୋଗ କରିବା ପରେ ଘଟଣାର ତଦନ୍ତ କରିବା ଉପରେ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ବିଚାର କରୁଛି । ଆଦାନୀ ଗ୍ରୁପର କମ୍ପାନୀ ଆଦାନୀ ଗ୍ରିନ୍ ଏନର୍ଜି ଲିମିଟେଡ୍ ନିବେଶକଙ୍କୁ ଠିକ୍ ସୂଚନା ଦେଇଛି ନା ନାହିଁ ତାହା ଜଣାଇବା ଲାଗି ଷ୍ଟକ୍ ଏକ୍ସଚେଞ୍ଜ ଅଧିକାରୀମାନଙ୍କୁ ସେବି କହିଛି । ଦୁଇ ସପ୍ତାହ ମଧ୍ୟରେ ଏହି ସୂଚନା ପହଞ୍ଚିବା ପରେ ତାହାକୁ ଅନୁଶୀଳନ କରି ସେବି ଆନୁଷ୍ଠାନିକ ଭାବେ ତଦନ୍ତ ଆରମ୍ଭ କରିବା ନିଷ୍ପତ୍ତି ନେବ । ଏହା ପୂର୍ବରୁ ଆଦାନୀ ଗ୍ରୁପ୍ ବିରୋଧରେ ଆମେରିକାର ହିଣ୍ଡେନବର୍ଗ ରିସର୍ଚ୍ଚ ଆଣିଥିବା ଅଭିଯୋଗକୁ ସେବି ତଦନ୍ତ କରୁଥିବା ବେଳେ ତାହା ଏପର୍ଯ୍ୟନ୍ତ ଶେଷ ହୋଇନାହିଁ । ସେବି ମୁଖ୍ୟ ମାଧବୀ ପୁରୀ ବୁଚଙ୍କ ଦ୍ୱୈତ ସ୍ୱାର୍ଥ ସମସ୍ୟା ଲାଗି ତଦନ୍ତ ଶେଷ ହୋଇପାରୁନଥିବା ନେଇ ଅଭିଯୋଗ ହେଉଛି । ଆମେରିକା ଆଣିଥିବା ଅଭିଯୋଗ କିମ୍ବା ଭାରତରେ ହେବାକୁ ଯାଉଥିବା ତଦନ୍ତକୁ ନେଇ ଆଦାନୀ ଯେତିକି ଚିନ୍ତିତ ନଥିବେ ତା'ଠାରୁ ତାଙ୍କ ପାଇଁ ଅଧିକ ଚିନ୍ତାର ବିଷୟ ହେଉଛି ନୂଆ ପାଣ୍ଠି ଯୋଗାଡ଼ କରିବା । ଆମେରିକାର ଅଭିଯୋଗ ପାଇଁ



ଆଦାନୀଙ୍କ ପ୍ରତି ଏବେ ହଠାତ୍ କୌଣସି ବଡ଼ ଧରଣର ସମସ୍ୟା ଦେଖାଦେବନାହିଁ । କିନ୍ତୁ ବିଦେଶରୁ ପାଣ୍ଠି ଯୋଗାଡ଼ କରିବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିବ । ଯେହେତୁ ସେ ନିଜର ଅଧିକାଂଶ କାରବାରକୁ ଋଣ ଜରିଆରେ ଆଗକୁ ବାଉଛନ୍ତି, ତେଣୁ ନିବେଶକଙ୍କ ବିଶ୍ୱାସ ବଜାୟ ରଖିବା ଲାଗି କାମ କରିବା ସେତିକି ଜରୁରୀ । ଋଣ ହ୍ରାସ କରିବା ଲାଗି ତାଙ୍କୁ ପାଣ୍ଠି ଯୋଗାଡ଼ କରିବାକୁ ହେବ । ଆଦାନୀ ନିଜ ଷ୍ଟାଇଲରେ ପାଣ୍ଠି ଯୋଗାଡ଼ କରନ୍ତି । ସେ ନିଜ କମ୍ପାନୀଗୁଡ଼ିକର ଅଂଶଧନ ବିକିବା ବଦଳରେ ବଡ଼ ବଡ଼ ବିଦେଶୀ ବ୍ୟାଙ୍କଠାରୁ ଡଲାରରେ ଋଣ ଆଣିଥାନ୍ତି । ଆଗକୁ କିନ୍ତୁ ତାଙ୍କ ପାଇଁ ଡଲାର ଋଣ ଆଣିବା ସହଜ ହେବନିୟ ସେଭଳି ପରିସ୍ଥିତିରେ ତାଙ୍କ ମହତ୍ୱାକାଂକ୍ଷାକୁ ସେ କେବଳ ଭାରତୀୟ ବ୍ୟାଙ୍କରୁ ଋଣ ନେଇ ପୂରଣ କରିପାରିବେ ନାହିଁ । ତେଣୁ ତାଙ୍କ ପାଇଁ ପାଣ୍ଠି ଯୋଗାଡ଼ କରିବାର ଶେଷ ରାସ୍ତା ହେବ ଅଂଶଧନ ବିକ୍ରି କରିବା । ଏଠାରେ ସବୁଠୁ ବଡ଼ ପ୍ରଶ୍ନ ହେଉଛି ଏଭଳି ଗମ୍ଭୀର ସମୟରେ ତାଙ୍କ ସଂସ୍ଥାର ଅଂଶଧନ କିଣିବା ଲାଗି କିଏ ରାଜି ହେବ? ଆଦାନୀଙ୍କ ଲାଗି ଦେଖାଦେବାକୁ ଥିବା ଅନ୍ୟତମ ବଡ଼ ସମସ୍ୟା ହେଉଛି ବିଦେଶରେ ସେ ନିଜ ସାମ୍ରାଜ୍ୟକୁ ଆଉ ସେତେ ଦ୍ରୁତ ଗତିରେ ବାଇପାରିବେ ନାହିଁ । ଯେଉଁ ପ୍ରକଳ୍ପଗୁଡ଼ିକୁ ନେଇ ବିବାଦ ରହିଛି ତାହା ଆହୁରି ବିଳମ୍ବ ହେବ । ବିଶେଷ କରି ଆଫ୍ରିକା ଓ ଦକ୍ଷିଣ ପୂର୍ବ ଏସିଆରେ ସେ ସୋଲାର ଉପକରଣ ଉତ୍ପାଦନ, ଭିତ୍ତିଭୂମି ପ୍ରକଳ୍ପକୁ ନେଇ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହା ପୂରଣ କରିବା ବିଳମ୍ବ ହେବ । ଆମେରିକାରେ ଲାଞ୍ଚକୁ ନେଇ ଯେଉଁ ଅଭିଯୋଗ ଆସିଛି ତାହାର ଶୁଣାଣି କେତେଦିନ ଚାଲିବ ତାହାର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନିର୍ଦ୍ଧାରଣ କରାଯାଇପାରିବ ନାହିଁ । ଯଦି ଆଦାନୀଙ୍କୁ ଆମେରିକା ପ୍ରତ୍ୟାର୍ପଣ କରାଯାଏ କିମ୍ବା ସେ ନିଜ ଆଡ଼ୁ ଆମେରିକାରେ ଆତ୍ମସମର୍ପଣ କରନ୍ତି ତେବେ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ପ୍ରମାଣ କରିବା ଲାଗି ଲମ୍ବା ସମୟ ଆଇନଗତ ପ୍ରକ୍ରିୟା ଦେଇ ଗତି କରିବାକୁ ପଡ଼ିବ । ଯଦି ଆଦାନୀଙ୍କ ବିରୋଧରେ ଦୋଷ ପ୍ରମାଣିତ ହେବ ତେବେ ତାଙ୍କୁ କେତେ ବର୍ଷ ଜେଲ୍ ଦଣ୍ଡ ହେବ ଓ ସେ କେତେ ଜରିମାନା ଦେବେ ତାହା ବିଚାରପତି ହିଁ ଘୋଷଣା କରିପାରିବେ ।

# ଉଡ଼ାଣ ବିଳମ୍ବ ହେଲେ ଯାତ୍ରୀଙ୍କୁ ଭୋଜନ ଦେବେ ଏୟାରଲାଇନ୍

**ନୂଆଦିଲ୍ଲୀ,୨୪।୧୧(ଏଜେନ୍ସି):** ବିମାନ ଉଡ଼ାଣରେ ବିଳମ୍ବ ହେଲେ ଏୟାରଲାଇନ୍ ପକ୍ଷରୁ ଯାତ୍ରୀମାନଙ୍କୁ ପାନୀୟ, ଜଳଖିଆ କିମ୍ବା ଭୋଜନ ଦେବାକୁ ପଡ଼ିବ । ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଏୟାରଲାଇନମାନଙ୍କୁ କୁହାଯାଇଛି ଯେ ବିମାନ ଉଡ଼ାଣ ଦୁଇ ଘଣ୍ଟା ପର୍ଯ୍ୟନ୍ତ ବିଳମ୍ବ ହେଲେ ଯାତ୍ରୀଙ୍କୁ ପାନୀୟ, ଦୁଇରୁ ଚାରି ଘଣ୍ଟା ପର୍ଯ୍ୟନ୍ତ ବିଳମ୍ବ ହେଲେ ଜଳଖିଆ ବ୍ୟବସ୍ଥା କରିବାକୁ ପଡ଼ିବ । ଉଡ଼ାଣ ଚାରି ଘଣ୍ଟାରୁ ଅଧିକ ବିଳମ୍ବ ହେଲେ ଯାତ୍ରୀଙ୍କୁ ଭୋଜନ ଦେବାକୁ ହେବ । ବିମାନ ଉଡ଼ାଣରେ ବିଭ୍ରାଟ ଭଳି ସମୟରେ ଯାତ୍ରୀମାନେ ଭୋଗୁଥିବା ସମସ୍ୟାକୁ ଦୂର କରିବା ସହ ସେମାନଙ୍କ ସୁବିଧାକୁ



ଦୃଷ୍ଟିରେ ରଖି ଡିଜିସିଏ ଏହି ମାର୍ଗଦର୍ଶିକା ଜାରି କରିଛି । ଅନ୍ୟ ଏକ ଘଟଣାକ୍ରମରେ ବେସାମରିକ ବିମାନ ଚଳାଚଳ ସୁରକ୍ଷା ବ୍ୟୁରୋ ପକ୍ଷରୁ ବିଳମ୍ବିତ ବିମାନ ଭିତରେ ବସି ରହିଥିବା ଯାତ୍ରୀଙ୍କ ସୁବିଧା ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି । ପୂର୍ବରୁ ବିମାନ ଭିତରୁ ବାହାରିବାକୁ ଯାତ୍ରୀଙ୍କୁ ସୁଯୋଗ ଦିଆଯାଉନଥିଲା । ପାଣିପାଗ କିମ୍ବା ବୈଷୟିକ କାରଣ ଯୋଗୁଁ ବିମାନର ଉଡ଼ାଣ ବିଳମ୍ବ ହେଲେ ସେଥିରେ ଯାତ୍ରୀମାନଙ୍କୁ ପୁନର୍ବାର ଭର୍ତ୍ତି କରିବା ଲାଗି ଅନୁମତି ଦିଆଯାଇଛି ।

# କୋଟିପତି ନିବେଶକ ସ୍କଟ୍ ବେସେଣ୍ଟଙ୍କୁ ଟ୍ରେଜରୀ ସଚିବ ଭାବେ ନିଯୁକ୍ତ କଲେ ଟ୍ରମ୍ପ

**ନୂଆଦିଲ୍ଲୀ,୨୪।୧୧(ଏଜେନ୍ସି):** ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଟ୍ରେଜରୀ ସଚିବ ଅର୍ଥାତ୍ କ୍ୟାବିନେଟରେ ଅର୍ଥମନ୍ତ୍ରୀ ପଦ ପାଇଁ ଏଲନ ମସ୍କଙ୍କ ପସନ୍ଦକୁ ଖାରଜ କରିଛନ୍ତି । ଏହା ପରିବର୍ତ୍ତେ ସେ ନିଜର ନିକଟତର ସ୍କଟ ବେସେଣ୍ଟଙ୍କୁ ଟ୍ରେଜରୀ ସଚିବ ଭାବେ ନିଯୁକ୍ତ କରିଛନ୍ତି । ଟ୍ରମ୍ପଙ୍କର ଏହି ପଦକ୍ଷେପ ପଛରେ ଅନେକ କାରଣ ଥିବା କୁହାଯାଉଛି । ହେଜ୍ ପାଣ୍ଠିର ଭେଟେରାନ ସ୍କଟ ବେସେଣ୍ଟ , ଟ୍ରମ୍ପଙ୍କ ଆର୍ଥିକ ବିଚାରକୁ ସମର୍ଥନ କରନ୍ତି । ଅନ୍ୟପଟେ କିନ୍ତୁ ମସ୍କ ପରିବର୍ତ୍ତନକାରୀ ଆଭିମୁଖ୍ୟକୁ ଲୁଟନିକ ନାମକୁ ସମର୍ଥନ କରିଥିଲେ । ଟେସ୍ଲାର ସିଇଓ ଏଲନ ମସ୍କ ପୂର୍ବରୁ ହିଁ ଏହି ମାମଲାରେ ନିଜର ମତ ରଖି ତାଙ୍କର ପକ୍ଷ ରଖିଥିଲେ । ମସ୍କ ସାର୍ବଜନିକ ଭାବେ ହାୱାର୍ଡ ଲୁଟନିକଙ୍କୁ ସମର୍ଥନ ଦେଇ କହିଥିଲେ କି, ସେ ଜରୁରୀ ପରିବର୍ତ୍ତନ ଆଣି ପାରିବେ । ହେଲେ ଟ୍ରମ୍ପ ସ୍କାୟର ଗ୍ରୁପର ସଂସ୍ଥାପକ ବେସେଣ୍ଟ ଟ୍ରମ୍ପଙ୍କର ଆର୍ଥିକ ନୀତି




,ବିଶେଷକରି ତାଙ୍କର ଶୁଳ୍କ ଆଭିମୁଖ୍ୟର ବଡ଼ ସମର୍ଥକ ଭାବେ ରହିଛନ୍ତି । ସିଏନଏସର ରିପୋର୍ଟ ଅନୁସାରେ , ଟ୍ରମ୍ପଙ୍କ ସହ ବୈଠକ ପରେ ୬୨ ବର୍ଷୀୟ ବେସେଣ୍ଟଙ୍କୁ ନିଯୁକ୍ତି କରାଯାଇଛି । ଟ୍ରମ୍ପ ଶନିବାର ଏକ ବୟାନରେ କହିଛନ୍ତି, ସ୍କଟ ମୋ ସହ ମିଶି ଆମେରିକାକୁ ପୁଣି ଥରେ ମହାନ କରିବାକୁ କାମ କରିବେ । ସ୍କଟ୍ ଓ ତାଙ୍କ ପରିବାରକୁ ଶୁଭେଚ୍ଛା । ଏହା ପୂର୍ବରୁ ଏଲନ ମସ୍କ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଏକ୍ସରେ ,ଟ୍ରମ୍ପଙ୍କ କ୍ୟାବିନେଟ୍ ମନ୍ତ୍ରୀ ବାଛିବାର ନିଷ୍ପତ୍ତି ଉପରେ ଆଲୋଚନା କରି ଲେଖିଥିଲେ- ଏହା ଉପରେ ଲୋକଙ୍କ ମତକୁ ଶୁଣିବା ହୃଦୟସ୍ପର୍ଶୀ ହେବ , ଯେଉଁମାନେ କି ଡୋନାଲ୍ଡ ଟ୍ରମ୍ପଙ୍କ ଫିଡବ୍ୟାକ୍ ଉପରେ ବିଚାର କରି ପାରିବେ । ସେ ଆହୁରି ଲେଖିଛନ୍ତି , ମୋ ବିଚାରରେ ଏହା କି ସ୍କଟ୍ ବେସେଣ୍ଟ ଏକ ବିକଳ୍ପ ହୋଇପାରନ୍ତି । ହେଲେ ହାୱାର୍ଡ ଲୁଟନିକ ବାସ୍ତବରେ ପରିବର୍ତ୍ତନ ଆଣି ପାରନ୍ତି ।

# ଭୋଟ ଗଣତିରେ ଗଡବଡ ରହିଛି

**ନୂଆଦିଲ୍ଲୀ,୨୪।୧୧(ଏଜେନ୍ସି):** ମହାରାଷ୍ଟ୍ର ଝାଡଖଣ୍ଡ ବିଧାନସଭା ନିର୍ବାଚନକୁ ନେଇ ଫଳାଫଳ ଏକ ପ୍ରକାର ସ୍ପଷ୍ଟ ହେବାରେ ଲାଗିଲାଣି । ଏହି କ୍ରମରେ ଇଭିଏମକୁ ନେଇ ବାରମ୍ବାର ପ୍ରଶ୍ନ ଉଠାଉଥିବା ବିରୋଧୀଙ୍କୁ ବିଜେପି ପ୍ରଶ୍ନ କରିଛି । ସେପଟେ ଶିବସେନା ଉଦ୍ଧବ ଗୋଷ୍ଠୀର ନେତା ସଂଜୟ ରାଓ୍ୱତ ପ୍ରାରମ୍ଭିକ ଫଳାଫଳକୁ ନେଇ ଚକିତ ହୋଇଛନ୍ତି । ସେ କହିଛନ୍ତି କି, ଏହା ଜନତାଙ୍କ ମତ ନୁହେଁ, କେଉଁଠି ନା କେଉଁଠି ମହାୟୁତି ଗଡବଡ କରିଛି । ସଂଜୟ ରାଓ୍ୱତଙ୍କ ଏଭଳି ବୟାନର ଜବାବ ରଖିଛନ୍ତି ବିଜେପି ନେତା ସୁଧାଂଶୁ ତ୍ରିବେଦୀ ସେ କହିଛନ୍ତି କି, ଝାଡଖଣ୍ଡରେ



ଇଣ୍ଡିଆ ମେଣ୍ଟରେ ଆଗରେ ଚାଲିଛି । ତେଣୁ ବିରୋଧୀ ଝାଡଖଣ୍ଡରେ ଇଭିଏମ ଉପରେ ଦୋଷ ଦେଉନାହାଁନ୍ତି । ଲୋକସଭା ନିର୍ବାଚନ ଫଳାଫଳ କଥା ଉଠାଇ ସଂଜୟ କହିଛନ୍ତି କି, ଲୋକସଭା ନିର୍ବାଚନରେ ଇଣ୍ଡିଆ ମେଣ୍ଟକୁ ଅଧିକ ୪ ରୁ ୫ ଆସନ ମିଳିଥିଲା, ହେଲେ ମୋଦୀ ସରକାର ତାହାକୁ ଚୋରି କରିନେଲେ । କେବଳ ସଂଜୟ ରାଓ୍ୱତ ନୁହେଁ ବରଂ କଂଗ୍ରେସ ମଧ୍ୟ ଇଭିଏମକୁ ନେଇ ସମାନ ଅଭିଯୋଗ ଆଣିଛି । ଦଳର ନେତା ଅଦିତ ରାଜ କହିଛନ୍ତି କି, ମହାରାଷ୍ଟ୍ର ନିର୍ବାଚନ ଫଳାଫଳ ସ୍ୱୀକାର ନୁହେଁ, ଇଭିଏମରେ ନିରପେକ୍ଷ ନିର୍ବାଚନ ସମ୍ଭବ ନୁହେଁ ବୋଲି ସେ କହିଛନ୍ତି ।

# ଗଣପତି ଯୁବକ ସଂଘ ପକ୍ଷରୁ 'ମା' ପାଇଁ ଗଛଟିଏ' ଅଭିଯାନ




**ପାଟଣା,(ନିପ୍ର) :** ଘଟଗାଁ ବ୍ଲକ ମନୋହରପୁର ପଞ୍ଚାୟତ ଗଣ୍ଡଶିଳା ଗ୍ରାମର ଗଣପତି ଯୁବକ ସଂଘ ପକ୍ଷରୁ କେନ୍ଦୁଝର ନେହେରୁ ଯୁବ କେନ୍ଦ୍ର ସହଯୋଗରେ ମା' ପାଇଁ ଗଛଟିଏ ଅଭିଯାନରେ ବିଭିନ୍ନ ଚାରା ରୋପଣ କରାଯାଇଛି । ଯୁବକ ସଂଘର ସଭାପତି ସୁବାସ ଚନ୍ଦ୍ର ନାୟକ ,ସମ୍ପାଦକ ଉମେଶ ଚନ୍ଦ୍ର ନାୟକ, ସଦସ୍ୟ ସର୍ବଶ୍ରୀ ଜ୍ୟୋତି କିଶୋର ନାୟକ, ଲୋଚନ କୁମାର ନାୟକ ,ଝାଡେଶ୍ୱର ନାୟକ ଓ ଧନେଶ୍ୱର ମହାନ୍ତ ପ୍ରମୁଖଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ଢେଙ୍କିକୋଟ ବନପାଳ ସନ୍ତୋଷ କୁମାର ବେହେରା ଚାରା ରୋପଣର ଶୁଭାରମ୍ଭ କରିଥିଲେ ।

# ଧବଳେଶ୍ୱର ପୀଠରେ ଗୋପବନ୍ଧୁ ଚିକିତ୍ସାଳୟ ପକ୍ଷରୁ ଚିକିତ୍ସା ସେବା



**ଗୁରୁଡ଼ିଝାଟିଆ,(ନିପ୍ର):** ସମାଜ ଓ ଲୋକସେବକ ମଣ୍ଡଳ ଦ୍ୱାରା ମାଧବପୁରଠାରେ ପ୍ରତିଷ୍ଠିତ ଗୋପବନ୍ଧୁ ଚିକିତ୍ସାଳୟ ପକ୍ଷରୁ ଧବଳେଶ୍ୱର ପୀଠରେ ଶ୍ରଦ୍ଧାଳୁମାନଙ୍କୁ ଦୁଇଦିନ ଧରି ଚିକିତ୍ସା ସେବା ଯୋଗାଇ ଦିଆଯାଇଛି । ପୀଠରେ ପ୍ରଭୁଙ୍କୁ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁମାନେ ଅସୁସ୍ଥ ଅନୁଭବ କଲେ ସେମାନଙ୍କୁ ଗୋପବନ୍ଧୁ ଚିକିତ୍ସାଳୟର ଆଶୁ ଚିକିତ୍ସା କେନ୍ଦ୍ରର ସେବିକାମାନେ ସହାୟତା ପ୍ରଦାନ କରିବା ସହ ଆବଶ୍ୟକ ଔଷଧ ମଧ୍ୟ ବଣ୍ଟନ କରାଯାଇଥିଲା । ଦୁଇ ଦିନରେ ପ୍ରାୟ ୩ଶହ ଶ୍ରଦ୍ଧାଳୁଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଛି । ଗତ ଗୁରୁବାର ପୂର୍ବାହ୍ନରେ ଗୋପବନ୍ଧୁ ଚିକିତ୍ସାଳୟ ଓ ସେବିକା ମହାବିଦ୍ୟାଳୟର ନିର୍ଦ୍ଦେଶକ ଶିବରାମ ମିଶ୍ରଙ୍କ ଉପସ୍ଥିତିରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ପ୍ରିୟବ୍ରତ ସାହୁ ଅତିଥିଭାବେ ଯୋଗଦେଇ ଆଶୁ ଚିକିତ୍ସା ସହାୟତା କେନ୍ଦ୍ର ଉଦଘାଟନ କରିଥିଲେ । ଡାକ୍ତର ବିକ୍ରମ ଦାସଙ୍କ ଉପସ୍ଥିତିରେ ସେବିକା ଓ ସେବିକା ଛାତ୍ରୀମାନେ ଉପସ୍ଥିତ ରହି ଚିକିତ୍ସା ସେବା ଯୋଗାଇଛନ୍ତି ।

# ଜିଲ୍ଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ ଅନୁଷ୍ଠିତ

**ଫୁଲବାଣୀ,(ନିପ୍ର):** ଖରିଫ୍ ବର୍ଷ- ୨୦୨୪-୨୫ ପାଇଁ ଜିଲ୍ଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ କନ୍ଧମାଳ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିପଣୀ ନିରୀକ୍ଷକମାନେ ମଣ୍ଡିରେ ଧାନ ବିକ୍ରୟ କରିବାକୁ ଚାଷୀମାନଙ୍କୁ ସଚେତନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଚଳିତ ବର୍ଷଠାରୁ କଟ୍‌ନି ଛଟ୍‌ନି ହେବ ନାହିଁ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ମାସ ଶେଷ ସୁଦ୍ଧା ମଣ୍ଡିଗୁଡ଼ିକୁ ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ନେଟ୍‌ୱାର୍କ ଥିବା ସ୍ଥାନରେ ଦ୍ୱିତୀୟ ଧାନ କ୍ରୟ କେନ୍ଦ୍ର ଖୋଲିବା ଆବଶ୍ୟକ । ଚାଷୀମାନେ ଚଳିତ ବର୍ଷର ଧାନ ବିକ୍ରୟ କରନ୍ତୁ କାରଣ ଫେୟାର ଆଭରେଜ୍ କ୍ୱାଲିଟି କିମ୍ବା ଗ୍ରେଡ୍-ଏ ଧାନ ମିଲରମାନେ କିଣିବାକୁ ଚାହୁଁଛନ୍ତି । ଚାଷୀମାନଙ୍କୁ ଏ ଦିଗରେ ସଚେତନ କରିବାର ଆବଶ୍ୟକତା ରହିଛି । ଯଦି ଆବଶ୍ୟକ ପଡ଼େ ତେବେ ଅତିରିକ୍ତ ମିଲର ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ଜିଲ୍ଲାପାଳ କହିଥିଲେ । ରବି ଫସଲ ପାଇଁ ମଣ୍ଡି ଖୋଲିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବାପାଇଁ ଅନୁରୋଧ କରାଯାଇଥିଲା ।



ବେସାମରିକ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର ଚଳିତ ବର୍ଷର ଧାନ କ୍ରୟ ପାଇଁ ସରକାରଙ୍କ ଯୋଜନା ସବୁ କ'ଣ ରହିଛି ଏବଂ କନ୍ଧମାଳ ଜିଲ୍ଲା ପ୍ରଶାସନ କେଉଁ କେଉଁ ବ୍ୟବସ୍ଥା କରିଛି ସେ ବିଷୟରେ ବୈଠକରେ ପାୱାର ପଏଣ୍ଟ ମାଧ୍ୟମରେ ସୂଚନା ଦେଇଥିଲେ । ସେ କହିଲେ ଧାନ କ୍ରୟରେ ଅସୁବିଧା ନ ହେବା ପାଇଁ ନୋଡାଲ ଅଫିସର ନିଯୁକ୍ତି ହେବା ସହିତ ଜିଲ୍ଲା ବେସାମରିକ ଯୋଗାଣ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ୍ ଖୋଲାଯିବ । ସମସ୍ତଙ୍କ ନିଷ୍ପତିକ୍ରମେ ଚଳିତ ବର୍ଷ ଆସନ୍ତା ଡ଼ିସେମ୍ବର ୧୦ ତାରିଖରୁ ଜିଲ୍ଲାରୁ ଧାନ କ୍ରୟ କରିବା ଆରମ୍ଭ ହେବ ବୋଲି ସ୍ଥିର କରାଗଲା । ଶ୍ରୀ ମିଶ୍ର ଦେଇଥିବା ସୂଚନାରୁ ଜଣାପଡ଼ିଛି ଯେ, ଆର.ଏମ୍.ସି. ଫୁଲବାଣୀ ଓ ଟିକାବାଲି କାର୍ଯ୍ୟକରୁଛି । ଖରିଫ୍ ବର୍ଷ-୨୦୨୪-୨୫ ପାଇଁ ୨୨ ଗୋଟି ଲାମ୍ପସ ଅଂଶଗ୍ରହଣ କରିଥିବାବେଳେ ଗୋଟିଏ ମହିଳା ସୟଂ ସହାୟିକା ଗୋଷ୍ଠୀ ଅଂଶଗ୍ରହଣ କରିଛନ୍ତି । ଗତବର୍ଷ ୩ ହଜାର ୮୭୫ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ଚଳିତ ବର୍ଷ ୩ହଜାର ୫୧୦ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି । ଅଧିକ ମଣ୍ଡି ବ୍ୟାବସ୍ଥା କରିବା ପାଇଁ ଚାଷୀମାନେ ଆବେଦନ କଲେ ତାହା କୃଷି ବିଭାଗକୁ ଜଣାଇଦିଆଯିବ । ବିକ୍ରୟ ପାଇଁ ଅସିଥିବା ଧାନକୁ ୪୮ ଘଣ୍ଟା ପର୍ଯ୍ୟନ୍ତ ସୁରକ୍ଷିତ ଅବସ୍ଥାରେ ରଖିବା ପାଇଁ ବ୍ୟବସ୍ଥା କରାଯିବ । ଚଳିତ ଖରିଫ୍ ବର୍ଷ ପାଇଁ ଫେୟାର ଆଭରେଜ୍ କ୍ୱାଲିଟି ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨ହଜାର ୩୦୦ଟଙ୍କା ଥିବାବେଳେ ଗ୍ରେଡ୍-ଏ ଧାନ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ୨ହଜାର ୩୨୦ଟଙ୍କା ରଖାଯାଇଛି । ଅବଶ୍ୟକ ହେଲେ ଅନ୍ୟ ଜିଲ୍ଲାରୁ ଅତିରିକ୍ତ ମିଲର ଙ୍କୁ ଆମ ଜିଲ୍ଲାରୁ ଧାନ କ୍ରୟ ପାଇଂ ସୁଯୋଗ ଦିଆଯିବ ଏବଂ ଧାନ ସଂଗ୍ରହ ପାଇଁ ସେମାନଙ୍କୁ ଅଧିକ ସଂଖ୍ୟକ ଗାଡ଼ି କିଣିବାକୁ କୁହାଯିବ । ଅତିରିକ୍ତ ବେସାମରିକ ଯୋଗାଣ ଅଧିକାରୀ ଦିଲ୍ଲିପ୍ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା- କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶମ୍ଭୁନାଥ ନନ୍ଦୀଙ୍କ ସମେତ ଅତିରିକ୍ତ ବେସାମରିକ ଯୋଗାଣ ଅଧିକାରୀ ସୂର୍ଯ୍ୟ କୁମାର ପାଣିଗ୍ରାହୀ, କୃଷକ ପ୍ରତିନିଧି, ମିଲର, ନିୟନ୍ତ୍ରିତ ବଜାର କମିଟି ଗୁଡ଼ିକର ସମ୍ପାଦକ, ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଜନଜାତୀୟ ଗୌରବ ଦିବସ ପାଳିତ

**କେନ୍ଦୁଝର,(ନିପ୍ର):** ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଂଚାର ବ୍ୟୁରୋ, କ୍ଷେତ୍ର କାର୍ଯ୍ୟାଳୟ କେନ୍ଦୁଝର ପକ୍ଷରୁ କେନ୍ଦୁଝର ସଦର ବ୍ଲକ ଅଧୀନ ତାଳପଦା ଗ୍ରାମଠାରେ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି । ଦୁଇ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସୂଚନାଧର୍ମୀ ବିଷୟବସ୍ତୁ ସ୍ଥାନ ପାଇଥିଲା । ତେବେ ଆଜିର ଏହି କାର୍ଯ୍ୟକ୍ରମରେ ମୈଦାନକେଲ ସରପଞ୍ଚ ଭାଗିରଥି ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସ୍ଥାନୀୟ ଗ୍ରାମବାସୀ ଏବଂ ମା'ମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ପରେ କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରି ଶ୍ରୀ ସିଂ ଭାରତ ସରକାରଙ୍କ ବିଭିନ୍ନ ଯୋଜନା ଓ ଆଜି ଦିନର ମହତ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରି କହିଥିଲେ ଯେ, ଭଗବାନ ବିର୍ସା ମୁଣ୍ଡାଙ୍କ




ଜୀବନ ଦେଶ ତଥା ଆଦିବାସୀ ଭାଇ ଭଉଣୀଙ୍କ ଲାଗି ଉତ୍ସର୍ଗୀକୃତ ଥିଲା, ତେଣୁ ସେହି ମହାନ ଆତ୍ମାଙ୍କୁ ଆଜି ମନେ ପକାଇବାର ଆବଶ୍ୟକତା ରହିଛି । ସେହିଭଳି ନରଣପୁର ବନଖଣ୍ଡ ଅଧିକାରୀ କାଳନ୍ଦୀ ଚରଣ ସାମଲ, ପଂଚାୟତ ଅଧିକାରୀ କ୍ଷେତ୍ରବାସୀ ଜେନା, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ନାୟକ, ସମାଜସେବୀ ପ୍ରମିଳା ମହନ୍ତ ଓ ବିଭୁତି ଭୂଷଣ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଓ ବକ୍ତା ଭାବେ ଯୋଗ ଦେଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଗତକାଲି ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । କେନ୍ଦୁଝର ସିବିସିର କ୍ଷେତ୍ର ପ୍ରଚାର ଅଧିକାରୀ ପାର୍ଥସାରଥୀ ମଲ୍ଲିକଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଦୀପ କୁମାର ନାୟକ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ମୟୁରଭଞ୍ଜର ଗୋପୀନାଥ ଜୀଉ ସଂକୀର୍ତନ ପାଲା ମଣ୍ଡଳୀ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବହୁ ସଂଖ୍ୟାରେ ମହିଳା ଓ ସ୍ଥାନୀୟ ଗ୍ରାମବାସୀ ସାମିଲ ହୋଇଥିଲେ ।

# ପନ୍ତ ଆଇପିଏଲ୍ ଇତିହାସର ମହଙ୍ଗା ଖେଳାଳି






- ପନ୍ତଙ୍କୁ ୨୭ କୋଟିରେ କିଣିଲା ଲକ୍ଷ୍ନୌ ସୁପରଜ୍ୟାଣ୍ଟସ
- ଶ୍ରେୟାସଙ୍କୁ ରେକର୍ଡ ୨୬.୭୫ କୋଟିରେ କିଣିଲା ପଞ୍ଜାବ
- ଭେଙ୍କଟେଶ ଆୟର ତୃତୀୟ ଦାମୀ, ଚହଲ କଲେ ରେକର୍ଡ

ଦୁବାଇ,୨୪।୧୧: ଅପେକ୍ଷାର ଅନ୍ତ ଘଟିଛି ବହୁ ପ୍ରତିକ୍ଷିତ ଆଇପିଏଲ୍ ୨୦୨୫ ଲାଗି ନିଲାମ ରବିବାର ଅନୁଷ୍ଠିତ ହୋଇଛି। ତେବେ ଆଜି ଆଇପିଏଲ୍ ଇତିହାସର ସବୁ ରେକର୍ଡ ଭାଙ୍ଗିଛି। ଆଜି ଭାରତୀୟ କ୍ରିକେଟରଙ୍କ ଉପରେ ଟଙ୍କା ବର୍ଷା ହୋଇଛି। ଶ୍ରେୟସ ଆୟାର, ଋଷଭ ପନ୍ତ, ଲୋକେଶ ରାହୁଲ, ଭେଙ୍କଟେଶ ଆୟର, ୟୁଜବେନ୍ଦ୍ର ଚହଲ ପ୍ରମୁଖଙ୍କ ଉପରେ ଫ୍ରାଞ୍ଚାଇଜ୍ ଟଙ୍କା ବର୍ଷା ହୋଇଛି।

ଶ୍ରେୟସ ଆ।ୟର ମାତ୍ର କିଛି ମିନିଟ ପୂର୍ବରୁ ଆ।ଇପିଏଲ ଇତିହାସର ସବୁଠାରୁ ଦାମୀ ଖେଳାଳି ବନିଥିଲେ। କିନ୍ତୁ ତାଙ୍କୁ ପଛରେ ପକାଇ ଦେଇଛନ୍ତି ଋଷଭ ପନ୍ତ। ସେ ଏବେ ଆ।ଇପିଏଲ ଇତିହାସର ସବୁଠାରୁ ମହଙ୍ଗା ଖେଳାଳି ବନି ଯାଇଛନ୍ତି। ତାଙ୍କୁ ଲକ୍ଷ୍ନୌ ସୁପର ଜାଏଣ୍ଟସ ରେକର୍ଡ ୨୭ କୋଟି ଟଙ୍କା ବଳରେ କିଣିଛି ଦିଲ୍ଲୀ କ୍ୟାପିଟାଲ୍ସ। ପନ୍ତଙ୍କୁ ମେଗା ଅକ୍ସନ ପୂର୍ବରୁ ରିଲିଜ କରି ଦେଇଥିଲା। ଆ।ଜି କିନ୍ତୁ ଆ।ରଟିଏମ ବଳରେ ଦିଲ୍ଲୀ ପନ୍ତଙ୍କୁ ନେବାକୁ ଚାହିଁଥିଲ। ହେଲେ ଲକ୍ଷ୍ନୌ ଶେଷ ବିଡ୍‌ରେ ପନ୍ତଙ୍କ ଉପରେ ୨୭ କୋଟି ଟଙ୍କା।ର ବୋ।ଲି ଲଗାଇଥିଲେ।ଏହି ଟଙ୍କାକୁ ଅତିକ୍ରମ କରିବାକୁ ଦିଲ୍ଲୀ ସାହାସ ଦେଖାଇ ନଥିଲା। ଶେଷରେ ବେଶ ନାଟକୀୟ ଢଙ୍ଗରେ ସମସ୍ତଙ୍କୁ ଚକିତ କରି ଲକ୍ଷ୍ନୌ ରେକର୍ଡ ୨୭ କୋଟିରେ ପନ୍ତଙ୍କୁ ନିଜ ସହ ସାମିଲ କରିଛି।

ଏହାପୂର୍ବରୁ ଶ୍ରେୟସ ଆୟରଙ୍କୁ ପଞ୍ଜାବ ରେକର୍ଡ ୨୬.୭୫ କୋଟି ଟଙ୍କାରେ କିଣିଥିଲା। ଆ।ୟରଙ୍କ ପୂର୍ବରୁ ଆ।ଇପିଏଲ ଇତିହାସରେ ସବୁଠାରୁ ଦାମୀ ଖେଳାଳି ହେବାର ରେକର୍ଡ ମିଚେଲ ଷ୍ଟାର୍କଙ୍କ ନାଁରେ ରହିଥିଲା। ତାଙ୍କୁ କୋଲକାତା ୨୦୨୪ ଅକ୍ସନ ବେଳେ ୨୪.୭୫ କୋଟି ଟଙ୍କାରେ କିଣିଥିଲା। ହେଲେ ୨୦୨୫ ମେଗା ଅକ୍ସନରେ ଶ୍ରେୟସ ଆ।ୟର ତାଙ୍କୁ ପଛରେ ପକାଇ ଦେଇଥିଲେ। ଏବେ ପନ୍ତ ସାଥୀ ଖେଳାଳି ଆ।ୟରଙ୍କ ମହଙ୍ଗା ରେକର୍ଡକୁ ଭାଙ୍ଗି ଦେଇଛନ୍ତି।

ପନ୍ତଙ୍କୁ ନେବା ପାଇଁ ଲକ୍ଷ୍ନୌ ସୁପର ଜାଏଣ୍ଟସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବା ଆ।ରସିବି ମଧ୍ୟରେ ଜୋରଦାର ଟକ୍କର ଦେଖିବାକୁ ମିଳିଥିଲା। ୧୧.୨୫ କୋଟି ଯାଏ ପନ୍ତଙ୍କୁ ନେବା ପାଇଁ ଆ।ରସିବି ଲାଗି ପଡ଼ିଥିଲା ।ଏହାପରେ ଲକ୍ଷ୍ନୌ ସହ ହାଇଦ୍ରାବାଦ ବିଡ ଓ୍ୱାରରେ ସାମିଲ ହୋଇଥିଲା ।ହାଇଦ୍ରାବାଦ ୧୯ କୋଟି ଯାଏ ହାଇଦ୍ରାବାଦ ପନ୍ତ ନେବାକୁ ଚାହୁଁଥିଲା। ଲକ୍ଷ୍ନୌ ୧୯.୨୫ କୋଟି ଟଙ୍କା ଡାକିବାରୁ ହାଇଦ୍ରାବାଦ ବିଡ୍‌ରୁ ଓହରି ଯାଇଥିଲା ।ତେବେ ପୁଣି ହାଇଦ୍ରାବାଦ ପନ୍ତଙ୍କ ଉପରେ ୨୦ କୋଟି ଟଙ୍କାର ବୋଲି ଲଗାଇଥିଲା ହାଇଦ୍ରାବାଦ ଯେତିକି ଆ।ଗକୁ ବଢୁଥିଲା। ଲକ୍ଷ୍ନୌ ମଧ ସେତିକି ଆ।ଗକୁ ବଢ଼ିଥିଲା। ୨୦.୫୦ କୋଟି ଟଙ୍କା ପରେ ହାଇଦ୍ରାବାଦ ବିଧିବଦ୍ଧ ଭାବେ ଓହରି ଯାଇଥିଲା। ୨୦.୭୫ କୋଟି ଲକ୍ଷ୍ନୌ ନିଜ ପାଖରେ କିଣିଥିଲା। କିନ୍ତୁ ଦିଲ୍ଲୀ ଆ।ରଟିଏମ କାର୍ଡ ବ୍ୟବହାର କରିଥିଲେ ନିୟମ ଅନୁସାରେ ଲକ୍ଷ୍ନୌଙ୍କୁ ଫାଇନାଲ ବିଡ କରିବାକୁ କହିଥିଲା। ଲକ୍ଷ୍ନୀ ସିଧା ପନ୍ତଙ୍କ ମୂଲ୍ୟକୁ ୨୭ କୋଟିରେ ପହଞ୍ଚାଇ ଦେଇଥିଲା। ଦିଲ୍ଲୀ ଏହି ଟଙ୍କା ଦେଖି ତାଙ୍କୁ ଆ।ଉ ନେବାକୁ ସାହାସ କରି ନଥିଲା ।ଶେଷରେ ପନ୍ତ ରେକର୍ଡ ୨୭ କୋଟି ଟଙ୍କା ବଳରେ ପନ୍ତଙ୍କୁ କିଣିଛି।

୨୦୨୫ ଆ।ଇପିଏଲ ମେଗା ଅକ୍ସନରେ ତୃତୀୟ ଦାମୀ ଖେଳାଳି ହୋଇଛନ୍ତି ଭେଙ୍କଟେଶ ଆ।ୟର। ମଧ୍ୟପ୍ରଦେଶ ପାଇଁ ଘରୋଇ କ୍ରିକେଟ ଖେଳୁଥିବା ଭେଙ୍କଟଶ ଆ।ୟରଙ୍କୁ ତାଙ୍କ ପୂର୍ବତନ ଫ୍ରାଞ୍ଚାଇଜ ରେକର୍ଡ ୨୩.୭୫ କୋଟି ଟଙ୍କା ଦେଇ କିଣିଛି। ଅକ୍ସନ ପୂର୍ବରୁ କୋଲକାତା ତାଙ୍କୁ ରିଲିଜ କରି ଦେଇଥିଲା। ହେଲେ ଏବେ ଅକ୍ସନରେ ତାଙ୍କୁ ନିଜ ପର୍ସରୁ ସର୍ବାଧିକ ଟଙ୍କା ଦେଇ କିଣିଛି ।ସେ ମଧ ଋଷଭ ପନ୍ତ ଓ ଶ୍ରେୟସ ଆ।ୟରଙ୍କ ପରେ ଚଳିତ ମେଗା ଅକ୍ସନରେ ସବୁଠାରୁ ଦାମୀ ଖେଳାଳି ହୋଇଛନ୍ତି। ଭେଙ୍କଟେଶ ଆ।ୟରଙ୍କୁ ନେବା ପାଇଁ ଆ।ରସିବି ମଧ ଜୋରଦାର ଉଦ୍ୟମ କରିଥିଲା। ଲକ୍ଷ୍ନୌ ମଧ କିଛି ସମୟ ପାଇଁ ବିଡ ।ରରେ ସାମିଲ ଥିଲା। ଫଳରେ ବେସ ପ୍ରାଇସ ୨ କୋଟିରୁ ଭେଙ୍କଟେଶଙ୍କ ଦାମ ସିଧା ୨୩ କୋଟିରେ ପହଞ୍ଚିଥିଲା। ଆ।ରସିବି ୨୩.୫୦ କୋଟି ଯାଏ ଯାଇଥିଲେ ହେଁ ଏହା ପରେ ରେସରୁ ଓହରି ଯାଇଥିଲା ।ଶେଷରେ ଭେଙ୍କଟେଶ ନିଜ ପୁରୁଣା ଘର କୋଲକାତାକୁ ଫେରିଥିଲେ। ୨୦୨୪ ଆ।ଇପିଏଲରେ କୋଲକାତା ଚାମ୍ପିୟନ ହୋଇଥିଲା। ଏଥିରେ ଭେଙ୍କଟେଶ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।ଏପରି କି ସେ ହାଇଦ୍ରାବାଦ ବିପକ୍ଷରେ ବିସ୍ଫୋରକ ଅର୍ଦ୍ଧଶତକ ମଧ ମାରିଥିଲେ।

ଲକ୍ଷ୍ନୌ ସୁପର ଜାଏଣ୍ଟସର ପୂର୍ବତନ ଅଧିନାୟକ କେଏଲ ରାହୁଲ ୨୦୨୫ ଆଇପିଏଲରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଖେଳିବେ। ତାଙ୍କୁ ଦିଲ୍ଲୀ ୧୪ କୋଟି ଟଙ୍କାରେ କିଣିଛି। ରାହୁଲଙ୍କୁ ଆଜି ଅକ୍ସନରେ କିଣିବା ପାଇଁ ପ୍ରଥମେ କୋଲକାତା ଓ ଆରିସିବି ଚାହିଁଥିଲେ। ଦୁଇ ଟିମ ୯ କୋଟି ଯାଏ ପରସ୍ପର ସହ ଲଢ଼େଇ କରିଥିଲେ। ତେବେ ୧୧ କୋଟି ଟଙ୍କା ସହ ଦିଲ୍ଲୀ ବିଡରେ ପ୍ରବେଶ କରିଥିଲା। କିନ୍ତୁ କେକେଆର ହାର ମାନି ନଥିଲା। ଏହି ଫ୍ରାଞ୍ଚାଇଜ ୧୧.୭୫ କୋଟି ଯାଏ ରାହୁଲଙ୍କୁ ନିଜ ସହ ସାମିଲ କରିବାକୁ ଚାହିଁଥିଲା ଏହାପରେ ଚେନ୍ନାଇ ଆ।ସିଥିଲା।

ଚେନ୍ନାଇ ରାହୁଲଙ୍କ ଦାମ ୧୩ କୋଟି ଯାଏ ବଢ଼ାଇଥିଲା। ହେଲେ ଡିସି ୧୪ କୋଟିର ବିଡ ଡାକିବାରୁ ଚେନ୍ନାଇ ଓହରି ଯାଇଥିଲା। ଲକ୍ଷ୍ନୌ ମଧ ଆ।ରଟିଏମ କାର୍ଡ ବ୍ୟବହାର କରି ନଥିଲା ଶେଷରେ ରାହୁଲ ଦିଲ୍ଲୀକୁ ୧୪ କୋଟି ଟଙ୍କାରେ ଯାଇଛନ୍ତି।

ଷ୍ଟାର ଲେଗ ସ୍ପିନର ୟୁଜଭେନ୍ଦର ଚହଲ ରେକର୍ଡ ୧୮ କୋଟି ଟଙ୍କାରେ ବିକ୍ରି ହୋଇଛନ୍ତି। ସେ ଆ।ଇପିଏଲ ଇତିହାସର ପ୍ରଥମ ସ୍ପିନର ଭାବେ ଏତେ ଟଙ୍କାରେ ବିକ୍ରି ହୋଇଛନ୍ତି। ତାଙ୍କୁ ପଞ୍ଜାବ କିଙ୍ଗସ ୧୮ କୋଟି ଟଙ୍କାରେ କିଣିଛି ତାଙ୍କ ବେସ୍ ପ୍ରାଇସ ୨ କୋଟି ଟଙ୍କା ଥିଲା ।୨୦୨୪ରେ ସେ ରାଜସ୍ଥାନ ରୟାଲ୍ସ ପାଇଁ ଖେଳିଥିଲେ।

ଆଜି ତାଙ୍କୁ ଅକ୍ସନ ବେଳେ ଚେନ୍ନାଇ, ଗୁଜରାଟ, ଲକ୍ଷ୍ନୌ ଭଳି ଦଳ ନେବାପାଇଁ ଚାହିଁଥିଲେ ।ଆ।ରସିବି ମଧ ୧୫ କୋଟି ଯାଏ ଚହଲଙ୍କ ପଛରେ ପଡ଼ିଥିଲା ହେଲେ ପଞ୍ଜାବ କିଙ୍ଗସ ତାଙ୍କୁ ଛାଡ଼ି ନଥିଲା। ହାଇଦ୍ରାବାଦ ମଧ ଶେଷ ମୁହୂର୍ତ୍ତରେ ଚହଲଙ୍କୁ ନେବା ପାଇଁ ବିଡ ଲଗାଇଥିଲା ହେଲେ ପଞ୍ଜାବ ରେକର୍ଡ ୧୮ କୋଟିରେ ତାଙ୍କୁ କିଣିଛି।

## ହାଇଦ୍ରାବାଦ ଗଲେ କିଶନ, ରାହୁଲଙ୍କୁ କିଣିଲା ଚେନ୍ନାଇ

ଦୁବାଇ,୨୪।୧୧(ଏଜେନ୍ସି): ଆଇପିଏଲ ଆ।ରମ୍ଭରୁ ମୁମ୍ବାଇ ଇଣ୍ଡିଆ।ନ୍ସ ପାଇଁ ଖେଳି ଆସୁଥିବା ଓ୍ୱିକେଟ କିପର ବ୍ୟାଟର ଈଶାନ କିଶନଙ୍କ ଠିକଣା ବଦଳିଛି। ତାଙ୍କୁ ୨୦୨୫ ମେଗା ଅକ୍ସନରେ ସନ ରାଇଜର୍ସ ହାଇଦ୍ରାବାଦ ୧୧.୨୫ କୋଟି ଟଙ୍କା ଦେଇ କିଣିଛି ମେଗା ଅକ୍ସନ ପୂର୍ବରୁ ମୁମ୍ବାଇ ତାଙ୍କୁ ରିଲିଜ କରି ଦେଇଥିଲା ।ସେ ୨ କୋଟିର ବେସ ପ୍ରାଇସ ସହ ଅକ୍ସନକୁ ଆ।ସିଥିଲେ। ମୁମ୍ବାଇ ତାଙ୍କୁ କିଣିବାକୁ ଚେଷ୍ଟା କରିଥିଲେ ହେଁ ୪ କୋଟିରୁ ଆଗକୁ ଯାଇ ନଥିଲା। ଏହାପରେ ପଞ୍ଜାବ ସହ ଦିଲ୍ଲୀର ବିସ୍ତାର ହୋଇଥିଲା। କିଶନଙ୍କ ଦାମ ୧୦.୫୦ କୋଟି ଥିବା ବେଳେ ହାଇଦ୍ରାବାଦ ବିଡ ଲଗାଇଥିଲା। ଏହାପରେ ହାଇଦ୍ରାବାଦ ତାଙ୍କୁ ୧୧.୨୫ କୋଟି ଟଙ୍କାରେ କିଣି ନେଇଛି ।ଏହାର ଅର୍ଥ ଈଶାନ କିଶନ ୨୦୨୫ରୁ ହାଇଦ୍ରାବାଦ ପାଇଁ ଖେଳିବେ।

ଇଂଲଣ୍ଡର ବିସ୍ଫୋରକ ଓ୍ୱିକେଟ କିପର ବ୍ୟାଟର ଫିଲ ସଲ୍ଟଙ୍କୁ ଆ।ରସିବି କିଣିଛି। ୨୦୨୪ରେ ସଲ୍ଟ କୋଲକାତା ପାଇଁ ଖେଳୁଥିଲେ। ହେଲେ ଏବେ ସେ ଆ।ରସିବିର ନୂଆ। ସଦସ୍ୟ ହୋଇଛନ୍ତି ।ତାଙ୍କୁ ଆ।ରସିବି ୧୧.୫୦ କୋଟି ଟଙ୍କାରେ କିଣିଛି ।ତାଙ୍କୁ କେକେଆ।ର ନେବାକୁ ଚେଷ୍ଟା କରିଥିଲେ ହେଁ ଶେଷରେ ଆ।ରସିବି ବାଜି ମାରି ନେଇଛି ।ଅନତ୍ୟମ ଓ୍ୱିକେଟ କିପର ଜିତେଶ ଶର୍ମାଙ୍କୁ ମଧ ଆ।ରସିବି ୧୧ କୋଟି ଟଙ୍କାରେ କିଣିଛି। ଜିତେଶଙ୍କୁ ନେବା ପାଇଁ ପଞ୍ଜାବ ଚେଷ୍ଟା କରିଥିଲା ତାଙ୍କ ଦାମ ୭ କୋଟିରେ ପହଞ୍ଚିବା ପରେ ପଞ୍ଜାବ ଆ।ରଟିଏମ ବ୍ୟବହାର କରିଥିଲା। ହେଲେ ଆରସିବି ଜିତେଶଙ୍କ ଦାମକୁ ୧୧ କୋଟି ବଢ଼ାଇ ଦେବାକୁ ପଞ୍ଜାବ ବିଡରୁ ଓହରି ଯାଇଥିଲା ।ଜନ୍ନି ବେୟାରଷ୍ଟୋଙ୍କୁ କୌଣସି ଫ୍ରାଞ୍ଚାଇଜ କିଣି ନଥିବା ବେଳେ ରହମନୁଲ୍ଲା ଗୁରବାଜ ବେସ ପ୍ରାଇସ ୨ କୋଟିରେ କୋଲକାତା ପାଖକୁ ଯାଇଛନ୍ତି।




ସେହିପରି କ୍ୱିଣ୍ଟନ ଡିକକଙ୍କୁ କେକେଆ।ର ୩.୬୦ କୋଟି ଟଙ୍କାରେ କିଣିଛି। ଅନ୍ୟପକ୍ଷରେ ଗ୍ଲେନ ମ୍ୟାକ୍ସୱେଲଙ୍କୁ କିଣି ନାହିଁ ଆରସିବି। ସେ ପୁଣିଥରେ ପଞ୍ଜାବ କିଙ୍ଗସ ପାଖକୁ ଫେରିଛନ୍ତି। ମ୍ୟାକ୍ସୱେଲଙ୍କୁ ନେବା ପାଇଁ ହାଇଦ୍ରାବାଦ ଓ ଚେନ୍ନାଇ ଜୋରଦାର ଉଦ୍ୟମ କରିଥିଲେ। ହେଲେ ପଞ୍ଜାବ ତାଙ୍କୁ ୪.୨୦ କୋଟି ଟଙ୍କାରେ ନିଜ ପାଖକୁ ପୁଣି ଫେରାଇ ନେଇଛି। ୨୦୧୪ରୁ ୨୦୨୧ ଯାଏ ମ୍ୟାକ୍ସଲେ ପଞ୍ଜାବ ପାଇଁ ଖେଳିଥିଲେ।୨୦୨୨ରେ ତାଙ୍କୁ ଆ।ରସିବି ୧୧ କୋଟି ଟଙ୍କାରେ କିଣିଥିଲା। ଏବେ ତାଙ୍କ ତାମ ଖସି ଯାଇଛି। ଏହାବାଦ ମିଚେଲ ମାର୍ଶଙ୍କୁ ଲକ୍ଷ୍ନୌ ୩.୪୦ କୋଟି ଓ ମାର୍କସ ଷ୍ଟୋଇନିସଙ୍କୁ ପଞ୍ଜାବ ୧୧ କୋଟି ଟଙ୍କାରେ କିଣିଛି।

ହର୍ଷଲ ପଟେଲଙ୍କୁ ସନ ରାଇଜର୍ସ ହାଇଦ୍ରାବାଦ ୮ କୋଟି ଟଙ୍କାରେ କିଣିଛି।୨୦୨୪ରେ ସର୍ବାଧିକ ଓ୍ୱିକେଟ ସହ ବାଇଗଣୀ ଟପି ହାସଲ କରିଥିବା ହର୍ଷଲଙ୍କୁ ନେବା ପାଇ ପ୍ରଥମରୁ ହିଁ ହାଇଦ୍ରାବାଦ ଆ।ଗ୍ରହ ଦେଖାଇଥିଲା ଗୁଜରାଟ ସହ ଫ୍ରାଞ୍ଚାଇଜର ବିଡ ।ର ହୋଇଥିଲା।

ହାଇଦ୍ରାବାଦ ୬.୭୫ କୋଟିରେ ହର୍ଷଲଙ୍କୁ ପାଇଥିଲେ ହେଁ ପଞ୍ଜାବ ଆରଟିଏମ ବ୍ୟବହାର କରିଥିଲା। ଏହାପରେ ହାଇଦ୍ରାବାଦ ତାଙ୍କ ଦାମକୁ ୮ କୋଟି କହିଥିଲେ ପଞ୍ଜାବ ଏଥିରେ ରାଜି ନ ହେବାରୁ ହାଇଦ୍ରାବାଦ ହର୍ଷଲଙ୍କୁ ନିଜ ସହ ସାମିଲ କରିଛି। ଅଷ୍ଟ୍ରେଲିଆ।ର ଯୁବ ବ୍ୟାଟର ଜ୍ୟାକ ଫ୍ରେସର ମ୍ୟାକଗୁର୍କଙ୍କୁ ଦିଲ୍ଲୀ ଆ।ରଟିଏମ ବଳରେ ୯ କୋଟି ଦେଇ କିଣିଛି ।ପ୍ରଥମେ ତାଙ୍କୁ ନେବା ପାଇଁ ପଞ୍ଜାବ ଓ ଲକ୍ଷ୍ନୌ ମଧ୍ୟରେ ଲଢ଼େଇ ହୋଇଥିଲା।

ତାଙ୍କ ଦାମ ୫.୫୦ ଟଙ୍କା ଥିବା ବେଳେ ପଞ୍ଜାବ ତାଙ୍କୁ କିଣିବାକୁ ଯାଉଥିଲା ।ହେଲେ ଦିଲ୍ଲୀ ଆ।ରଟିଏମ ବ୍ୟବହାର କରିବାରୁ ପଞ୍ଜାବ ତାଙ୍କ ଦାମ ୯ କୋଟି କହିଥିଲା। ତଥାପି ଦିଲ୍ଲୀ ଏଥିରେ ରାଜି ହେବାରୁ ଜ୍ୟାକ ନିଜର ପୁରୁଣା ଫ୍ରାଞ୍ଚାଇଜକୁ ଫେରିଛନ୍ତି।

ନ୍ୟୁଜିଲ୍ୟାଣ୍ଡର ଓପନର ଡେଭନ କନୱେ ଓ ଭାରତୀୟ ବ୍ୟାଟର ରାହୁଲ ତ୍ରିପାଠୀଙ୍କୁ ଆ।ଇପିଏଲ ଅକ୍ସନ ବେଳେ କିଣିଛି ଚେନ୍ନାଇ ସୁପର କିଙ୍ଗସ। କନୱେଙ୍କୁ ଦଳ ୬.୨୫ କୋଟି ଓ ରାହୁଲଙ୍କୁ ୩.୪୦ କୋଟି ଟଙ୍କାରେ ନିଜ ସହ ସାମିଲ କରିଛି ।କନୱେଙ୍କୁ ନେବା ପାଇଁ ଚେନ୍ନାଇ ସହ ପଞ୍ଜାବ କିଙ୍ଗସ ବିଡରେ ସାମିଲ ହୋଇଥିଲା। କିନ୍ତୁ ଚେନ୍ନାଇ ପଛ ଘୁଞ୍ଚା ଦେଇ ନଥିଲା। ପଞ୍ଜାବ ୬ କୋଟି ଯାଏ ଯାଇଥିଲା ଏହାପରେ ରେସରୁ ଓହରି ଯାଇଥିଲା ୨୦୨୪ରେ କନେ ଚେନ୍ନାଇ ପାଇଁ ଖେଳିଥିଲେ।

ସେହିପରି ରାହୁଲଙ୍କ ପାଇଁ ଚେନ୍ନାଇର ଲଢ଼େଇ କୋଲକାତା ସହ ହୋଇଥିଲା। କିନ୍ତୁ ଚେନ୍ନାଇ ତାଙ୍କୁ ୩,୪୦ କୋଟି ଟଙ୍କାରେ ନିଜ ସହ ସାମିଲ କରିଛି। ରାହୁଲ ୨୦୨୪ରେ ସନ ରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ଖେଳୁଥିଲେ ୨୦୨୫ ଅକ୍ସନରେ ତାଙ୍କ ବେସ ପ୍ରାଇସ ୭୫ ଲକ୍ଷ ଟଙ୍କା ରହିଥିଲା।

ଦକ୍ଷିଣ ଆ।ଫ୍ରିକାର ଅଧିନାୟକ ଏଡେନ ମାର୍କରମଙ୍କୁ ଲକ୍ଷ୍ନୌ ସୁପର ଜାଏଣ୍ଟସ ବେସ ପ୍ରାଇସ ୨ କୋଟି ଟଙ୍କାରେ ପାଇଛି। ଇଂଲଣ୍ଡ ବ୍ୟାଠର ହ୍ୟାରୀ ବ୍ରୁକ ଚେନ୍ନାଇ, ପଞ୍ଜାବ ଓ ଦିଲ୍ଲୀ ମଧ୍ୟରେ ଟକ୍କର ହୋଇଥିଲା। କିନ୍ତୁ ଶେଷରେ ଦିଲ୍ଲୀ ତାଙ୍କୁ ୬.୨୫ କୋଟି ଟଙ୍କାରେ କିଣିଛି। ୨୦୨୪ରେ ହ୍ୟାରୀ ବ୍ରୁକ ହାଇଦ୍ରାବାଦରୁ ଖେଳୁଥିଲେ। ଏଥିସହ ସେ ଶତକ ମଧ ମାରିଥିଲେ।

ଇଂଲଣ୍ଡର ଷ୍ଟାର ଅଲରାଉଣ୍ଡର ଲିଆ।ମ ଲିଭିଙ୍ଗଷ୍ଟୋନଙ୍କୁ ୨୦୨୫ ଆ।ଇପିଏଲ ଅକ୍ସନରେ କିଣିଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବା ଆରସିବି। ଆଜି ତାଙ୍କୁ ଆ।ରସିବି ୮.୭୫ କୋଟି ଟଙ୍କା ବଳରେ ନିଜ ସହ ସାମିଲ କରିଛି। ଲିଭିଙ୍ଗଷ୍ଟୋନ ୨୦୨୪ରେ ପଞ୍ଜାବ କିଙ୍ଗସ ପାଇଁ ଖେଳୁଥିଲେ ହେଲେ ତାଙ୍କୁ ପଞ୍ଜାବ ରିଲିଜ କରିଦେଇଥିଲା ୨୦୨୫ରେ ସେ ଆରସିବି ପାଇଁ ଖେଳିବେ।

ଅକ୍ସନରେ ତାଙ୍କୁ ନେବା ପାଇଁ ହାଇଦ୍ରାବାଦ, ଦିଲ୍ଲୀ, ଆରସିବି ଓ ଚେନ୍ନାଇ ଭଳି ଦଳ ଚାହିଁଥିଲେ ପ୍ରଥମେ ଆରସିବି ଓ ହାଇଦ୍ରାବାଦ ମଧ୍ୟରେ ବିଡ ଓ୍ୱାର ଆ।ରମ୍ଭ ହୋଇଥିଲା ।ଦିଲ୍ଲୀରେ ଏଥିରେ ପଶିବାରୁ ଲିଭଙ୍ଗଷ୍ଟୋନଙ୍କ ଦାମ ୬ କୋଟି ପାର କରିଥିଲା ।ଚେନ୍ନାଇ ୮.୫୦ କୋଟି ଯାଏ ଯାଇଥିଲା। କିନ୍ତୁ ଶେଷରେ ଆ।ରସିବି ୮.୭୫ କୋଟିରେ ତାଙ୍କୁ ନିଜ ସହ ସାମିଲ କରିଛି ପଞ୍ଜାବ ମଧ ତାଙ୍କ ପାଇଁ ଆ।ରଟିଏମ ବ୍ୟବହାର କରିନାହିଁ।

ଅନ୍ୟପକ୍ଷରେ ଆ।ରସିବିର ଷ୍ଟ୍ରାଇକ ବୋଲର ମହମ୍ମଦ ସିରାଜ ୨୦୨୫ ଆ।ଇପିଏଲରେ ଗୁଜରାଟ ଟାଇଟନ୍ସ ପାଇଁ ଖେଳିବେ ତାଙ୍କୁ ଆ।ଜି ୧୨.୨୫ କୋଟି ଟଙ୍କାର ଗୁଜରାଟ ନିଜ ସହ ସାମିଲ କରିଛି ସିରାଜଙ୍କୁ ଅକ୍ସନରେ ନେବା ପାଇଁ ଚେନ୍ନାଇ ଚେଷ୍ଟା କରିଥିଲା ହେଲେ ୮ କୋଟି ପରେ ଦଳ ଓହରି ଯାଇଥିଲା।

ତାଙ୍କ ଦାମ ୮.୨୫ କୋଟି ଟଙ୍କା ଥିବା ବେଳେ ରାଜସ୍ଥାନ ରୟାଲ୍ସ ରେସରେ ପ୍ରବେଶ କରିଥିଲା ୧୨ କୋଟି ଯାଏ ରାଜସ୍ଥାନ ବିଡ ଲଗାଇଥିଲା ହେଲେ ଦାମ ୧୨.୨୫ କୋଟି ହେବାରୁ ରାଜସ୍ଥାନ ମଧ ଆ।ଉ ଆ।ଗକୁ ଯାଇ ନଥିଲା ଆ।ରସିବି ମଧ ସିରାଜଙ୍କ ପାଇଁ ଆ।ରଟିଏମ ବ୍ୟବହାର କରିନି ତେଣୁ ଗୁଜରାଟ ତାଙ୍କୁ ୧୨.୨୫ କୋଟି ଟଙ୍କାରେ କିଣିଛି।

ଦକ୍ଷିଣ ଆ।ଫ୍ରିକାର ବିସ୍ଫୋରକ ବ୍ୟାଟର ଡାଭିଡ ମିଲର ସବୁଠାରୁ କମ ୭.୫୦ କୋଟି ଟଙ୍କାରେ ବିକ୍ରି ହୋଇଛନ୍ତି ତାଙ୍କ ବେସ ପ୍ରାଇସ ୧.୫୦ କୋଟି ଟଙ୍କା ଥିଲା ଗୁଜରାଟ ଓ ଆ।ରସିବି ପ୍ରଥମେ ତାଙ୍କୁ ନେବା ପାଇଁ ଚାହିଁଥିଲେଫ ଏହାପରେ ଦିଲ୍ଲୀ ରେସକୁ ଆ।ସିଥିଲା। ହେଲେ ଆ।ରସିବି ୭ କୋଟି ଯାଏ ମିଲରଙ୍କୁ ନେବା ପାଇଁ ଚାହିଁଥିଲା ହେଲେ ଲକ୍ଷ୍ନୌ ୭.୫୦ କୋଟି ଟଙ୍କାର ବିଡ ଲଗାଇବାରୁ ଆ।ରସିବି ବାହାରି ଯାଇଥିଲା ଗୁଜରାଟ ଆ।ରଟିଏମ ବ୍ୟବହାର ନ କରିବାରୁ ଲକ୍ଷ୍ନୌ ମିଲରଙ୍କୁ ୭.୫୦ ଟଙ୍କାରେ ପାଇଛି ଏହାପୂର୍ବରୁ ଲକ୍ଷ୍ନୌ ରେକର୍ଡ ୨୭ କୋଟିରେ ଋଷଭ ପନ୍ତଙ୍କୁ କିଣିଥିଲା।

## ଚେନ୍ନାଇକୁ ଫେରିଲେ ଅଶ୍ୱିନ

ଦୁବାଇ,୨୪।୧୧: ଦୀର୍ଘ ୯ ବର୍ଷ ପରେ ଚେନ୍ନାଇ ସୁପର କିଙ୍ଗସକୁ ଫେରିଛନ୍ତି ଭେଟରାନ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ। ୨୦୨୫ ଆ।ଇପିଏଲର ମେଗା ଅକ୍ସନରେ ଚେନ୍ନାଇ ତାଙ୍କୁ ୯.୭୫ କୋଟି ଟଙ୍କା ଦେଇ କିଣିଛି। ଅଶ୍ୱିନଙ୍କୁ ନେବା ପାଇଁ ତାଙ୍କ ପୂର୍ବତନ ଫ୍ରାଞ୍ଚାଇଜ ରାଜସ୍ଥାନ ରୟାଲ୍ସ ଜୋରଦାର ଉଦ୍ୟମ କରିଥିଲା ।ହେଲେ ଶେଷରେ ୯.୭୫ କୋଟି ଟଙ୍କାରେ ଚେନ୍ନାଇ ତାଙ୍କୁ ନିଜ ସହ ସାମିଲ କରିଛି। ଅଶ୍ୱିନ ତାଙ୍କ ଆ।ଇପିଏଲ କ୍ୟାରିୟର ଚେନ୍ନାଇରୁ ଆ।ରମ୍ଭ କରିଥିଲେ ୨୦୦୯ରୁ ୨୦୧୫ ଯାଏ ସେ ଚେନ୍ନାଇ ପାଇଁ ଖେଳିଥିଲେ। ସେ କିଛି ବର୍ଷ ପଞ୍ଜାବ କିଙ୍ଗସ ପାଇଁ ଖେଳିଥିଲେ ଏହାପରେ ରାଜସ୍ଥାନ ରୟାଲ୍ସକୁ ଆ।ସିଥିଲେ ଏବେ ପୁଣି ସେ ଚେନ୍ନାଇକୁ ଫେରିଛନ୍ତି।



ଅଶ୍ୱିନ ୬ ବର୍ଷ ଚେନ୍ନାଇରେ ରହିବା ପରେ ୨୦୧୬ରେ ସେ ରାଇଜିଂ ପୁଣେ ସୁପର ଜାଏଣ୍ଟସ ପାଇଁ ଖେଳିଥିଲେ। ୨୦୧୭ରେ ସେ ଆ।ହତ କାରଣ ପାଇଁ ଆ।ଇପିଏଲ ଖେଳି ନଥିଲେ ୨୦୧୮ରେ ସେ ପଞ୍ଜାବକୁ ଆ।ସିବା ସହ ଅଧିନାୟକ ହୋଇଥିଲେ ୨୦୨୦ରେ ସେ ଦିଲ୍ଲୀ ପାଇଁ ୨ ବର୍ଷ ଖେଳିଥିଲେ ୨୦୨୨ ମେଗା ଅକ୍ସନରେ ତାଙ୍କୁ ରାଜସ୍ଥାନ ୫ କୋଟି ଟଙ୍କାରେ କିଣିଥିଲା ୨୦୨୪ ଯାଏ ସେ ରାଜସ୍ଥାନ ପାଇଁ ଖେଳିଥିଲେ। ଅନ୍ୟପକ୍ଷରେ ଚେନ୍ନାଇ ପୁଣିଥରେ ନ୍ୟୁଜିଲ୍ୟାଣ୍ଡର ଅଲରାଉଣ୍ଡର ରଚିନ ରବୀନ୍ଦ୍ରଙ୍କୁ ନିଜ ସହ ସାମିଲ କରିଛି। ତାଙ୍କ ବେସ ପ୍ରାଇସ ୧.୫୦ କୋଟି ରହିଥିଲା। ପଞ୍ଜାବ ମଧ ରଚିନଙ୍କୁ ନେବାକୁ ଚାହିଁଥିଲା ହେଲେ ଚେନ୍ନାଇ ୪ କୋଟି ଟଙ୍କାରେ ତାଙ୍କୁ ନିଜ ସହ ସାମିଲ କରିଛି।

## ଓ୍ୱାର୍ଣ୍ଣରଙ୍କୁ କେହି କିଣିଲେନି

ଦୁବାଇ,୨୪।୧୧: ଅକ୍ସନ ବେଳେ ସବୁଠାରୁ ବଡ଼ ବିପର୍ଯ୍ୟୟ ମଧ ଦେଖିବାକୁ ମିଳିଛି ଅଷ୍ଟ୍ରେଲିଆ।ର ପୂର୍ବତନ କ୍ରିକେଟର ଡାଭିଡ ଓ୍ୱାର୍ଣ୍ଣରଙ୍କୁ କୌଣସି ଫ୍ରାଞ୍ଚାଇଜ କିଣିବାକୁ ଆ।ଗ୍ରହ ଦେଖାଇ ନାହାନ୍ତି। ୨୦୨୪ରେ ଓ୍ୱାର୍ଣ୍ଣର ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଖେଳିଥିଲେ। ଏହାପୂର୍ବରୁ ସେ ହାଇଦ୍ରାବାଦର ଅଧିନାୟକ ମଧ ରହିଥିଲେ। ହେଲେ ୨୦୨୫ ମେଗା ଅକ୍ସନରେ ତାଙ୍କୁ କେହି ବି କିଣିନାହାନ୍ତି ତାଙ୍କ ବେସ ପ୍ରାଇସ ୨ କୋଟି ଟଙ୍କା ରହିଥିଲା। ଓ୍ୱାର୍ଣ୍ଣରଙ୍କ ବ୍ୟତୀତ ବାମହାତୀ ବ୍ୟାଟର ଦେବଦତ୍ତ ପଡିକ୍କଲଙ୍କୁ ମଧ କେହି କିଣିନାହାନ୍ତି।ସେ ୨୦୨୪ରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳୁଥିଲେ ହେଲେ ଏଥର ତାଙ୍କୁ କେହି କିଣି ନାହାନ୍ତି।



## ଯଶସ୍ୱୀ ଓ କୋହିଲଙ୍କ ଶତକ ଆଣିଲା ବିଜୟ ସୁଯୋଗ

### ଅଷ୍ଟ୍ରେଲିଆକୁ ଟାର୍ଗେଟ ୫୩୪ ରନ୍, ଦଳ ୧୨/୩

ପର୍ଥ,୨୪।୧୧: ଅଷ୍ଟ୍ରେଲିଆ।ର ପର୍ଥରେ ଚାଲିଥିବା ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ଭାରତର ଦବଦବା ଦେଖିବାକୁ ମିଳିଛି। ପ୍ରଥମ ଇନିଂସରେ ଭାରତୀୟ ଟିମ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ବୋଲିଂରେ ନିଜେ ଅଧିନାୟକ ଯଶପ୍ରୀତ ବୁମରା କମାଲ କରିବା ସହ ଅଷ୍ଟ୍ରେଲିଆ।କୁ ମାତ୍ର ୧୦୪ରେ ଅଲଆ।ଉଟ କରିଦେଇଥିଲେ।




ଭାରତ ୪୬ ରନର ଲିଡ୍ ହାସଲ କରିବା ପରେ ପର୍ଥରେ ଦେଖାଇଥିଲା ନିଜର ଜଲା ଦ୍ୱିତୀୟ ଇନିଂସରେ ଭାରତ ପ୍ରାୟ ଦେଢ଼ ଦିନ ବ୍ୟାଟିଂ କରି ୬ ୱିକେଟ ବଳରେ ୪୮୭ ରନ କରିବା ପରେ ପାଳି ଘୋଷଣା କରିଛି। ଯଶସ୍ୱୀ ଜୈସୱାଲ ୧୬୧, ବିରାଟ କୋହଲି ଅପରାଜିତ ୧୦୦ ଓ କେଏଲ ରାହୁଲ ୭୭ ରନର ଦମଦାର ଇନିଂସ ଖେଳିଛନ୍ତି। ଅଷ୍ଟ୍ରେଲିଆ। ୫୩୪ ରନର ଟାର୍ଗେଟ ପାଇଥିବା ବେଳେ ଆ।ଜି ଦ୍ୱିତୀୟ ଇନିଂସ ଆ।ରମ୍ଭ କରିଥିଲା। ହେଲେ ଦଳ ପୁଣି ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଦ୍ୱିତୀୟ ଇନିଂସରେ ଆ।ଜି ଅଷ୍ଟ୍ରେଲିଆ। ୪.୨ ଓଭର ବ୍ୟାଟିଂ କରିଥିଲେ ହେଁ ୧୨ ରନରେ ୩ ୱିକେଟ ହରାଇ ସଙ୍କଟରେ ପଡ଼ିଛି। ବୁମରା ନିଜର ପ୍ରଥମ ଓଭରରେ ନାଥନ ମ୍ୟାକସ୍ୱିନୀଙ୍କୁ ଖାତା ଖୋଲିବା ପୂର୍ବରୁ ପ୍ରଥମେ ଆ।ଉଟ କରିଥିଲେ। ସେହିପରି ମହମ୍ମଦ ସିରାଜ ନିଜର ଦ୍ୱିତୀୟ ଓଭରରେ ନାଇଟ ଓ୍ୱଚମ୍ୟାନ ଭାବେ ଆସିଥିବା କଙ୍ଗାରୁ ଟିମର କ୍ୟାପ୍ଟେନ ପାଟ କମିନ୍ସ(୨)ଙ୍କୁ ପ୍ୟାଭିଲିୟନ ପଠାଇଥିଲେ। ସେହିପରି ୫ମ ଓଭରରେ ବୁମରା ୩ ରନ କରିଥିବା ମାର୍ନସ ଲାବୁଶେନଙ୍କୁ ଆ।ଉଟ କରି ଅଷ୍ଟ୍ରେଲିଆ।କୁ ତୃତୀୟ ଝଟକା ଦେଇଥିଲେ। ଲାବୁଶେନ ଆ।ଉଟ ହେବା ପରେ ଅମ୍ପାୟାର ତୃତୀୟ ଦିନର ଖେଳକୁ ବନ୍ଦ ଘୋଷଣା କରିଥିଲେ ଷ୍ଟମ୍ପ ଅପସାରଣ ବେଳକୁ ଅଷ୍ଟ୍ରେଲିଆ। ୧୨ ରନରେ ୩ ୱିକେଟ ହରାଇଥିଲା ଉସମାନ ଖାଜା ୩ ରନ କରି କ୍ରିଜରେ ରହିଛନ୍ତି। ଆ।ସନ୍ତାକାଲି ସେ ଓ ଷ୍ଟିଭ ସ୍ମିଥ ଇନିଂସ ଆ।ରମ୍ଭ କରିବେ।ମ୍ୟାଚ୍ ଜିତିବା ପାଇଁ ଭାରତକୁ ୭ ୱିକେଟର ଆ।ବଶ୍ୟକ ଥିବା ବେଳେ ଅଷ୍ଟ୍ରେଲିଆ। ବିଜୟ ଠାରୁ ୫୨୨ ରନ ଦୂରରେ ରହିଛି।

## କୁମାରବସ୍ତ ଲୋକନାଥ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ

ଖୋର୍ଦ୍ଧା,୨୪।୧୧: ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ରାଉଜିଂଷ୍ଟାର କ୍ରିକେଟ୍ କ୍ଲବ ଆ।ନୁକୁଲ୍ୟରେ ଲୋକନାଥ ଦେବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆ।ଜିଠାରୁ କୁମାରାବସ୍ତ ଖେଳ ପଡିଆ। ଠାରେ ଆ।ରମ୍ଭ ହୋଇଛି ଆ।ଜି ୧୦ ଓଭର ବିଶିଷ୍ଟ ତିନୋଟି ମ୍ୟାଚ୍ ଖେଳାଯାଇଥିଲାପ୍ରଥମ ମ୍ୟାଚ୍ ରେ ଟାଙ୍ଗୋଳ କ୍ରିକେଟ୍ କ୍ଲବ୍ କଲ୍ୟାଣପୁର କ୍ରିକେଟ୍ କ୍ଲବ୍ କୁ ୭ ୱିକେଟ୍ ରେ ପରାସ୍ତ କରିଛି,ଦ୍ୱିତୀୟ ମ୍ୟାଚରେ ଟାଙ୍ଗୋଳ ଦଳ ଆ।ଇ ଆ।ର ବି ଦଳକୁ ୨୭ ରନ୍ ରେ ପରାସ୍ତ କରିଛି ଏବଂ ତୃତୀୟ ମ୍ୟାଚ୍ ରେ ରାଇଜିଂଷ୍ଟାର କୁମାରବସ୍ତ ଦଳ ଅରାଙ୍ଗ କ୍ରିକେଟ୍ କ୍ଲବ୍ କୁ ୫୦ ରନ ରେ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟ କୁ ଉନ୍ନୀତ ହୋଇଛନ୍ତିଖେଳକୁ ସାନୁଜ ବିଶ୍ୱାଳ,ଛବିନ୍ଦ୍ର ସାହୁ,ସୁଜି ପରିଡ଼ା, ଶ୍ରଧାକର ପାତ୍ର ,ସନ୍ଦିପ ପବନସିଂହ ପରିଚାଳନା କରିଥିଲେ, ସ୍କୋରର ଭାବେ ଅମ୍ଳାନ ରାଉତରାୟ,ଆ।କାଶ,ଗୁଡୁ ପାଟସାହାଣୀ, ଥିଲେଉଦ୍ଘାଟନୀ ମ୍ୟାଚକୁ ।ଣ୍ଡରେଲ୍ଲା ର ସି ଇ ଓ କଳ୍ପତରୁ ନାୟକ,ସମାଜସେବୀ ସଞ୍ଜୟ ପାଇକରାୟ,ଦୁର୍ଯ୍ୟୋଧନ ପରିଡ଼ା, ସମିର ବଳିଆ।ରସିଂହ,କ୍ରିକେଟ୍ ପୃଷ୍ଠପୋଷକ ଅବ୍ୟକ୍ତ ହରିହର ଖାଡଙ୍ଗା ଉପସ୍ଥିତ ରହି ଏହି ଟୁର୍ଣ୍ଣାମେଣ୍ଟର ଶୁଭ ଉଦ୍ଘାଟନ କରିଥିଲେ ଆ।ସନ୍ତା ଡ଼ିସେମ୍ବର ୮ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ଚାଲିବ ବୋଲି ସଂଯୋଜକ ବନବିହାରୀ ସ୍ୱାଇଁ ଜଣାଇଛନ୍ତି।



Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ